READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୫ | ସଂଖ୍ୟା-୧୬ | ୦୩ - ୦୯ ମଇ, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-16 | 03rd - 09th MAY, 2021 | BHUBANESWAR | ₹ 5/- (8 Pages)

# ବଢୁଛି ଦୈନିକ ସଂକ୍ରମଣ, ମୃତ୍ୟୁରେ ଭାରତ ଶୀର୍ଷରେ

**ନୂଆଦିଲ୍ଲୀ :** ଭାରତରେ କରୋନା ସଂକ୍ରମଣ ଭୟାବହତାକୁ ଆଖିଆଗରେ ରଖି ସରକାର ଆନ୍ତର୍ଜାତିକ ବିମାନ ସେବାକୁ ମେ’ ୩୧ ଯାଏଁ ବାତିଲ କରିଛନ୍ତି। କେବଳ ଯାତ୍ରୀବାହୀ ବିମାନ ଉପରେ ଏହି କଟକଣା ଲାଗୁ କରାଯାଇଥିଲେ ବି ପରିବହନ ବିମାନ ଉପରେ ଏହା ଲାଗୁ କରାଯିବନାହିଁ। ବର୍ତ୍ତମାନ ସମୟରେ ଦେଶରେ କରୋନା ସଂକ୍ରମଣ ପ୍ରତିଦିନ ନୂଆ ନୂଆ ରେକର୍ଡ କରିବାରେ ଲାଗିଛି। ଦୈନିକ ସଂକ୍ରମଣ ଧାରା ୪ଲକ୍ଷ ଅତିକ୍ରମ କରିଗଲାଣି। ସଂକ୍ରମିତଙ୍କ ସଂଖ୍ୟା ଯେଭଳି ବଢ଼ିଚାଲିଛି ସେହିଭଳି ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁସାରେ ଗତ ଏକ ସପ୍ତାହରୁ ଅଧିକ ହେବ ଦେଶରେ ଦୈନିକ ସଂକ୍ରମଣ ୩ଲକ୍ଷ ଉପରେ ରହୁଛି। ସେହିଭଳି ଗତ ଏପ୍ରିଲ ୧୫ରୁ ଦୈନିକ ୨ଲକ୍ଷରୁ ଅଧିକ



ସଂକ୍ରମିତ ଚିହ୍ନଟ ହେଉଛନ୍ତି। ତେବେ ସଂକ୍ରମଣର ଧାରାକୁ ଦେଖିଲେ ଭାରତରେ ଦୈନିକ ମୃତ୍ୟୁସଂଖ୍ୟା ସର୍ବାଧିକ ରହିଛି। ଭାରତରେ ସଂକ୍ରମଣ ବୃଦ୍ଧି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରି ପରିଷଦ ବୈଠକ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଦେଶରେ କରୋନାର ଦ୍ୱିତୀୟ ଲହରୀ ଆସିବା ପରେ ଏହା ମନ୍ତ୍ରି ପରିଷଦର ପ୍ରଥମ ବୈଠକ। ଭିଡିଓ କନ୍‌ଫରେନ୍ସିଂରେ ଆୟୋଜିତ ଏହି ବୈଠକରେ କରୋନା ମହାମାରୀକୁ ଶତାବ୍ଦୀର ସବୁଠୁ ବଡ ସଙ୍କଟ ବୋଲି ବର୍ଣ୍ଣନା କରାଯିବା ସହ ସମଗ୍ର ବିଶ୍ୱ ପାଇଁ ଏହା ବଡ ଆହ୍ୱାନ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, କରୋନା ମୁକାବିଲାରେ ଭାରତ ସରକାର ଟିମ୍ ଇଣ୍ଡିଆର ଆଭିମୁଖ୍ୟ ନେଇ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର, ରାଜ୍ୟ ଓ ସାଧାରଣ ଲୋକେ ଏକାଠି ଏହା ବିରୋଧରେ ଲଢୁଛନ୍ତି। ସରକାରଙ୍କ ସମସ୍ତ ଅଙ୍ଗ ମିଳିତ ଭାବେ କରୋନା ପାଇଁ କାର୍ଯ୍ୟ କରୁଛି। ଏଭଳି ସଙ୍କଟ ସମୟରେ ଲୋକଙ୍କ ସହ ମିଶି ସେମାନଙ୍କୁ ସହାୟତା ଦେବା ଓ ସେମାନଙ୍କ ମତାମତ ଆଣିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ହସ୍ପିଟାଲ ବେଡ୍, ଅକ୍ସିଜେନ୍ ଉପଲବ୍ଧତା ଓ ଏହାର ଯୋଗାଣ, ଅତ୍ୟାବଶ୍ୟକ ଔଷଧ ପରିବହନ ଏବଂ ଟିକା ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଥିଲା। ➤ ପୃ-୬

## ଅଧିକ ପ୍ରଭାବଶାଳୀ ‘ସ୍ପୁଟନିକ୍-ଭି’

**ନୂଆଦିଲ୍ଲୀ :** ଋଷରେ ପ୍ରସ୍ତୁତ କରୋନା ଭାଇରସ୍ ଟିକା ‘ସ୍ପୁଟନିକ୍-ଭି’ର ପ୍ରଥମ ପର୍ଯ୍ୟାୟ ଭାରତରେ ପହଞ୍ଚିଛି। ଏହାଦ୍ୱାରା ଏବେ ଦେଶରେ ଟିକାକରଣ ଅଭିଯାନ ଜୋରଦାର ହେବ। ଋଷରୁ ଆସିଥିବା ସ୍ପୁଟନିକ୍-ଭି’ ଟିକା ହାଇଦ୍ରାବାଦ ବିମାନବନ୍ଦରରେ ପହଞ୍ଚିଥିଲା। ଦେଶରେ କୋଭିସିଲ୍ଡ ଓ କୋଭାକ୍ସିନ୍ ଟିକା ପରେ ଏବେ ଋଷରେ ପ୍ରସ୍ତୁତ ସ୍ପୁଟନିକ୍-ଭି’ ଟିକା ମଧ୍ୟ ଦିଆଯିବ। ବର୍ତ୍ତମାନ ଭାରତରେ କରୋନା ସଂକ୍ରମଣକୁ ରୋକିବା ପାଇଁ କୋଭିସିଲ୍ଡ ଓ କୋଭାକ୍ସିନ୍ ଟିକା ଦିଆଯାଉଛି। କିନ୍ତୁ ଏବେ ଋଷର ସ୍ପୁଟନିକ୍-ଭି’ ଟିକା ଭାରତରେ ପହଞ୍ଚିବା ପରେ ଏଠାରେ କରୋନା ଟିକାକରଣ ଅଭିଯାନ ଆହୁରି



ଦ୍ରୁତ ହେବ। ମିଳିଥିବା ରିପୋର୍ଟ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଦେଢ଼ଲକ୍ଷ ଡୋଜ୍ ଭାରତରେ ପହଞ୍ଚିଛି। ବାକି ୩୦ଲକ୍ଷ ଡୋଜ ଚଳିତ ମାସ ଶେଷରେ ପହଞ୍ଚିବ। ସ୍ପୁଟନିକ୍-ଭି’ ଟିକା ପ୍ରଥମ ଡୋଜ୍ ନେବାର ୨୧ଦିନ ପରେ ଦ୍ୱିତୀୟ ଟିକା ନେବାକୁ ପଡିବ। ଟିକା ନେବାର ୨୮ ରୁ ୪୨ଦିନ ଭିତରେ କରୋନା ଭାଇରସ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହେବ। ଏପ୍ରିଲ୍ ମାସରେ ଭାରତରେ ଋଷର କରୋନା ଟିକା ସ୍ପୁଟନିକ୍-ଭି’ର ଜରୁରୀକାଳୀନ ବ୍ୟବହାରକୁ ମଞ୍ଜୁରୀ ଦିଆଯାଇଥିଲା। ଭାରତରେ କେନ୍ଦ୍ରୀୟ ଔଷଧି ପ୍ରାଧିକରଣର ଏକ ବିଶେଷଜ୍ଞ କମିଟି ଦେଶରେ କିଛି ସର୍ତ୍ତ ସହ ଋଷର କରୋନା ଟିକା ‘ସ୍ପୁଟନିକ୍-ଭି’ର ଜରୁରୀକାଳୀନ ବ୍ୟବହାର କରିବା ପାଇଁ ସୁପାରିସ କରିଥିଲା, ଯାହା ଉପରେ ଡିସିଜିଆଇ ମୋହର ଲଗାଇଥିଲା। ଗମାଲେୟା ଇନ୍‌ଷ୍ଟିଚ୍ୟୁଟ୍ ଦୃଢ଼ତାର ସହ କହିଛି ଯେ, କରୋନା ବିରୋଧରେ ଚାଲିଥିବା ଲଢ଼େଇରେ ଏପର୍ଯ୍ୟନ୍ତ ଯେଉଁସବୁ ଟିକା କାର୍ଯ୍ୟକାରୀ ହେଉଛି, ସେଥିମଧ୍ୟରୁ ସ୍ପୁଟନିକ୍-ଭି’ ସବୁଠାରୁ ଅଧିକ ପ୍ରଭାବଶାଳୀ।

## ୩୩ ହଜାର ସ୍କୁଲ୍‌ରେ ମୋ ସ୍କୁଲ ପ୍ରକଳ୍ପ


**ଭୁବନେଶ୍ୱର :** ମୋ ସ୍କୁଲ ଅଭିଯାନର ୨୪ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଶୁକ୍ରବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ମାସ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଓଡ଼ିଶାର ୨୪ଟି ଜିଲ୍ଲାର ମୋଟ ୧୨୧ କୋଟି ୨୬ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ୧ମାସ ମଧ୍ୟରେ ୩୬ ହଜାରରୁ ଊର୍ଦ୍ଧ୍ୱ



ପୁରାତନ ଛାତ୍ରଛାତ୍ରୀ ମୋ ସ୍କୁଲ ଅଭିଯାନ ସହ ଯୋଡ଼ି ହୋଇଥିବାବେଳେ ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୫କୋଟି ୨୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୧.୭୭ କୋଟି, କଟକରେ ୫୩ ଲକ୍ଷ ୫୪ହଜାର, ଭଦ୍ରକରେ ୩୬ଲକ୍ଷ ୩୩ହଜାର, ଅନୁଗୁଳରେ ୩୩ଲକ୍ଷ ୧୮ହଜାର ଏବଂ ବରଗଡ଼ରେ ୧୮ଲକ୍ଷ ୫୪ହଜାର ଟଙ୍କା ପୁରାତନ ଛାତ୍ରଛାତ୍ରୀମାନେ ପ୍ରଦାନ କରିଛନ୍ତି। ଏହାସହ ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ ଅଭିଯାନକୁ ୩୫କୋଟି ୫୫ଲକ୍ଷ ଟଙ୍କାର ଅନୁଦାନ ଆସିଛି। ➤ ପୃ-୬

## ଗୋଟିଏ ଟିକା ଦାମ ଭିନ୍ନ ଭିନ୍ନ କାହିଁକି ?

**ନୂଆଦିଲ୍ଲୀ :** ଦେଶରେ କରୋନା ସଂକ୍ରମଣ ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତିର ଶୁଣାଣି କରୁଥିବା ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି। ଗୋଟିଏ ପ୍ରକାରର କରୋନା ଟିକାର ଦାମ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଭିନ୍ନ ଭିନ୍ନ କାହିଁକି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ଦେଶରେ ଲକଡାଉନ, ଅକ୍ସିଜେନ ଆବଣ୍ଟନ ଓ ଔଷଧ ଉପଲବ୍ଧ କରାଇବାରେ କ’ଣ ସବୁ ଯୋଜନା କରାଯାଇଛି, ସେ ବିଷୟରେ ବି କେନ୍ଦ୍ର



ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଗତ ସପ୍ତାହରେ ସୁପ୍ରିମକୋର୍ଟ ନିଜ ଆଡୁ ଅକ୍ସିଜେନ ସପ୍ଲାଏ, ଡ୍ରଗ ସପ୍ଲାଏ ଓ କରୋନା

**କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ**

ନିୟନ୍ତ୍ରଣ ପାଇଁ ହୋଇଥିବା ବ୍ୟବସ୍ଥା ଗୁଡ଼ିକର ଶୁଣାଣି କରୁଛନ୍ତି। ଶୁଣାଣି ବେଳେ କୋର୍ଟ ସୋସିଆଲ ମିଡିଆରେ କରୋନା ସମ୍ପର୍କିତ ତଥ୍ୟ ପୋଷ୍ଟ କରୁଥିବା ଲୋକଙ୍କ ବିରୋଧରେ ପୁଲିସ୍ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ➤ ପୃ-୬

## ବକ୍ରବାଣୀ




କରୋନା ପାର୍ଟ-ଟୁ ଆଇଚି ଫେରି
କଲବଲ କରି ଦଉଡି ମାରି
ଗଲା ଥର ଥାଳି ଘଣ୍ଟା ବଜେଇ
ମଜା ନଉଥିଲେ ଟର୍ଚ ଜଳେଇ
ବିଶ୍ୱଗୁରୁ କହି ପିଟିଲେ ଢୋଲ
କରୋନା ଆଳରେ ଲୁଟିଲେ ଭଲ
ଚାଲିଲା ଆମର ନିଧି ବେପାର
ଟିକସ ରିହାତି ଦେଲେ ସର୍କାର
ଏବେ ଖୋଜୁଥାଅ ଅମଳଜାନ
ପୋକ ମାଛି ପରି ଯାଉ ଜୀବନ।

—— ଟୁଟୁ

## ‘ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ’

**ଭୁବନେଶ୍ୱର :** ଗୋଟିଏ ଜୀବନ ରକ୍ଷା ପାଇଁ ଆମେ ସର୍ବୋତ୍ତମ ଚେଷ୍ଟା ଜାରି ରଖିଛୁ ଓ ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟର କୋଭିଡ୍ ପରିସ୍ଥିତି ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ ବିରୁଦ୍ଧରେ ଲଢ଼େଇ ଏକ ଲମ୍ବା ଲଢ଼େଇ। ତେଣୁ ଏ ଲଢ଼େଇ ଜିତିବାକୁ ହେଲେ ଆମ ସମସ୍ତଙ୍କୁ ଦାୟିତ୍ୱର ସହ କାମ କରିବାକୁ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୋଟିଏ ସଂକ୍ରମଣ କମିଲେ, ଗୋଟିଏ ଆଇସିୟୁ ଓ ଗୋଟିଏ ବେଡ୍ ଉପରୁ ଚାପ କମିଥାଏ। ଯାହାଦ୍ୱାରା ଜୀବନ ମରଣ ପରିସ୍ଥିତିର ଯନ୍ତ୍ରଣାକୁ ଦୂରେଇ ହୋଇଥାଏ। ରାଜ୍ୟ ସରକାର କୋଭିଡ୍ ରୋଗୀ ମାନଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ଏବଂ ଆମର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନେ ଦିନରାତି ଏକ କରି ସେବା ଜାରି ରଖିଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଯେପରି ଚାପ କମ ରହିବ, ସେଥିପାଇଁ ଆମକୁ ଦାୟିତ୍ୱପୂର୍ଣ୍ଣ ଭାବରେ କାମ କରିବାକୁ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସାରା ଦେଶ ବର୍ତ୍ତମାନ ଏକ ଗୁରୁତର ସଙ୍କଟ ମଧ୍ୟ ଦେଇ ଗତି କରୁଛି। ବଡ ବଡ ସହର ଓ ମେଟ୍ରୋ ମାନଙ୍କରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଚାପଗ୍ରସ୍ତ। ଏହାକୁ ଦୃଷ୍ଟିରେ ରଖି ପରିସ୍ଥିତିର ମୁକାବିଲା ପାଇଁ ଆମକୁ ସତର୍କ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ। ସଂକ୍ରମଣ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ଆମେ ନିରନ୍ତର ଭାବେ ସେବା କରିଚାଲିଛୁ। କିନ୍ତୁ କେତେକ ଜିଲ୍ଲାରେ




ସଂକ୍ରମଣର ସ୍ଥିତି ଆମ ପାଇଁ ଉଦ୍‌ବେଗ ସୃଷ୍ଟି କରିଛି। ଭାଇରସର ଡବଲ ଓ ଟ୍ରିପଲ ମ୍ୟୁଟାଣ୍ଟ ଦ୍ରୁତ ଗତିରେ ବ୍ୟାପୁଛି ଏବଂ ଏହି ଦ୍ୱିତୀୟ ଲହରରେ ଆମର ଯୁବଗୋଷ୍ଠୀ ବିଶେଷ ଭାବରେ ସଂକ୍ରମଣ ହେଉଛନ୍ତି। କେତେକ କ୍ଷେତ୍ରରେ ସେମାନଙ୍କ ସ୍ୱାସ୍ଥ୍ୟ ଜଟିଳତା ଦେଖା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମୟରେ ଆମେ ଯେଉଁ ନୀତି ଅବଲମ୍ବନ କରିଆସଛେ, ସେହିପରି କୋଭିଡର ମୁକାବିଲାରେ ସବୁଠାରୁ ଖରାପ ପରିସ୍ଥିତିକୁ ସାମନା କରିବା ପାଇଁ ଆମ ପ୍ରସ୍ତୁତ ରହିବା ଦରକାର। ଏହି ପରିପ୍ରେକ୍ଷୀରେ ତୃଣମୂଳ ସ୍ତରରେ ପରିସ୍ଥିତିର ଆକଳନ କରି ତ୍ରୁଟିଶୂନ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ଓ ଏସ୍‌ପି ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପର୍ଯ୍ୟବେକ୍ଷକମାନେ ଏଥିପ୍ରତି ଯତ୍ନବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏସବୁ ବିଷୟ ନିୟମିତ ସମୀକ୍ଷା କରି ପରବର୍ତ୍ତୀ ବୈଠକରେ ତାଙ୍କୁ ଅବଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। କୋଭିଡ୍ ନିୟନ୍ତ୍ରଣରେ ବିଭିନ୍ନ ଜିଲ୍ଲାର ବଣିକ ସଂଗଠନମାନେ ଯେପରି ସ୍ୱେଚ୍ଛାକୃତ ଭାବରେ ଆଗେଇ ଆସି ବ୍ୟବସାୟ ସମୟକୁ ସୀମିତ କରିଛନ୍ତି ଏବଂ କେତେକ ସ୍ଥାନରେ ସ୍ୱେଚ୍ଛାକୃତ ଭାବରେ ଦୋକାନ ବନ୍ଦ କରିଛନ୍ତି, ତାହା ସ୍ୱାଗତଯୋଗ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ଆମର କୋଭିଡ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ ସମସ୍ତ ଆବାସିକ ସଂଘ, ବଣିକ ସଂଘ ଏବଂ ଅନ୍ୟାନ୍ୟ ଗୋଷ୍ଠୀଭିତ୍ତିକ ସଂଗଠନ ମାନଙ୍କ ସହିତ ସହଭାଗିତା ଭିତ୍ତିରେ କାର୍ଯ୍ୟ ➤ ପୃ-୬




### ପ୍ରହସନରେ ପରିଣତ ହେବାକୁ ଯାଉଛି ଟିକାକରଣ

## ଟିକା ନେଇନଥିଲେ ବି ଅନ୍‌ଲାଇନରେ ପ୍ରମାଣପତ୍ର !

**ଭଦ୍ରକ,(ବିକାଶ କୁମାର ଧଳ):** କରୋନାକୁ ପ୍ରତିହତ କରିବା ପାଇଁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିବା ସହ ଟିକା କରଣର ବ୍ୟବସ୍ଥା କରିଛନ୍ତି । ଏହି ପରିପ୍ରେକ୍ଷିରେ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକାକରଣ ଚାଲିଛି । କିନ୍ତୁ ଟିକା ନେଇ ନଥିଲେ ବି ଅନ୍‌ଲାଇନରେ ଟିକା ପ୍ରଦାନ କରାଯାଇଥିବା ପ୍ରମାଣ ପତ୍ର ମିଳିବା ଟିକାକରଣର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଏହା ଏକ ପ୍ରହସନରେ ପରିଣତ ହେବାକୁ ଯାଉଛି । ସୂଚନା ଅନୁଯାୟୀ; ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ପ୍ରଗତିବାଦୀ ସାମ୍ବାଦିକ ବିନୋଦ ଧଳ ସାମନ୍ତଙ୍କ ମା’ ବିଜୟ ପ୍ରତିମା ଅନ୍‌ଲାଇନରେ ଟିକାକରଣ ପାଇଁ ନାମ ପଞ୍ଜିକରଣ କରିଥିଲେ ଏବଂ ପଞ୍ଜିକରଣ ପରେ ଚଳିତ ମାସ ୨୬ତାରିଖ(ସୋମବାର) ଦିନ ୨ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଭଦ୍ରକ ଜିଲ୍ଲା ବାଗୁରାଇ(ପିଏସସି)ରେ ଟିକା



Ministry of Health & Family Welfare
Government of India

Provisional Certificate for COVID-19 Vaccination - 1st Dose

**Beneficiary Details**

| | |
|---|---|
| Beneficiary Name / ହିତାଧିକାରୀଙ୍କର ନାମ | Bijaya Pratima Dhal |
| Age / ବୟସ | 59 |
| Gender / ଲିଙ୍ଗ | Female |
| ID Verified / ଆଇଡି ସତ୍ୟାପିତ ହୋଇଛି | Aadhaar # XXXXXXXX9641 |
| Unique Health ID (UHID) | |
| Beneficiary Reference ID | 1455407388649 |

**Vaccination Details**

| | |
|---|---|
| Vaccine Name / ଟିକା ନାମ | COVISHIELD |
| Date of Dose / ଟୀକାକରଣ ତାରିଖ | 26 Apr 2021 (Batch no. 4121Z048) |
| Next due date / ପରବର୍ତ୍ତୀ ଟୀକାକରଣ ତାରିଖ | Between 24 May 2021 and 21 Jun 2021 |
| Vaccinated by / ଟିକା ଦେଉଥିବା ବ୍ୟକ୍ତିଙ୍କ ନାମ | MITARANI GHOSH |
| Vaccination at / ଟୀକାକରଣ ସ୍ଥାନ | Bagurai PHC, Bhadrak, Odisha |

“ଔଷଧ ମଧ୍ୟ ଏବଂ କଠୋରତା ମଧ୍ୟ
Together, India will defeat COVID-19”
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

COWIN
Winning Over COVID

ନେବା ପାଇଁ ରେଫରେନସ୍ ଆଇଡ଼ି ୧୪୫୫୪୦୭୩୮୮୬୪୯ରେ ସୂଚନା ପ୍ରଦାନ କରାଯାଇଥିଲା । ସାମ୍ବାଦିକଙ୍କ ମା’ ଉକ୍ତ ସମୟରେ ପ୍ରଦାନ କରାଯାଇଥିବା କେନ୍ଦ୍ରରେ ଟିକା ନେବା ପାଇଁ ଉପସ୍ଥିତ ଥିଲେ ସୁଧା ସେଠାରେ ବହୁ ଭିଡ଼ ଥିବାରୁ ଏବଂ ପର୍ଯ୍ୟାପ୍ତ ଟିକା ନଥିବା ଜାଣି ସେ ଟିକା ନନେଇ ଘରକୁ ଫେରି ଆସିଥିଲେ । କିନ୍ତୁ ସନ୍ଧ୍ୟା ସମୟରେ ଦିଆଯାଇଥିବା ମୋବାଇଲ ନଂ ରେ ସେ କରୋନାର ପ୍ରଥମ ଟିକା ନେଇଥିବା ଏବଂ ତାଙ୍କୁ ମିତାରାଣୀ ଘୋଷ ନାମକ କର୍ମଚାରୀ ଟିକା ଦେଇଥିବା ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଉଥିବା ଏକ ପ୍ରମାଣପତ୍ର ପଠାଇଥିବା ସେ ଦେଖିବାକୁ ପାଇଥିଲେ । ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାର ଯୋଗାଯୋଗ ସମ୍ଭବପର ହୋଇ ନଥିଲା । ଟିକା ନନେଇ ମଧ୍ୟ ପ୍ରମାଣପତ୍ର ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଅନାବଶ୍ୟକ ଜିନିଷରୁ ଦୂରେଇ ରହନ୍ତୁ। ସପ୍ତାହନ୍ତରେ ସ୍ୱାସ୍ଥ୍ୟ ବିଗିଡିପାରେ। ନିଜ ଲୋକଙ୍କୁ ଧନ ଉଦ୍ଧାର ଦେଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସହଯୋଗୀଙ୍କୁ ଅବିଶ୍ୱାସ କରିବେ। ଛାତ୍ରମାନେ ପାଠର ବୋଝ ଅନୁଭବ କରିବେ।

**ବୃଷ** ଉତ୍ତମ ସ୍ୱାସ୍ଥ୍ୟ ଅନୁଭବ କରିବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। କୋର୍ଟ କଚେରୀରୁ ଶୁଭ ଖବର ମିଳିବ। ନିଜ ଘରକୁ ସ୍ଥାନାନ୍ତର ଯୋଗ ଅଛି। ବ୍ୟବସାୟୀମାନେ ନୂତନ ବ୍ୟବସାୟରେ ମନଦେବେ। ଛାତ୍ରମାନେ ସଫଳ ହେବେ।

**ମିଥୁନ** ସବୁଜ ପନିପରିବା ଖାଆନ୍ତୁ। ଶୁଭ ଫଳ ମିଳିବ। ଅଯଥା କୌଣସି ମୂଲ୍ୟବାନ ବସ୍ତୁ ଚୋରି ହୋଇପାରେ। ପରିବାରର ଛୋଟମାନଙ୍କ ସହ ସମୟ କଟାନ୍ତୁ। ପାର୍ଟନରସିପ୍ ବ୍ୟବସାୟରେ ସଫଳତା ମିଳିବ।

**କର୍କଟ** ଖେଳକୁଦରେ ଭାଗ ନେଇପାରନ୍ତି। ଜମି ଓ ସାଂସ୍କୃତିକ କାର୍ଯ୍ୟରେ ମନ କେନ୍ଦ୍ରିତ ହେବ। ଘରର ଅନ୍ୟ ସଦସ୍ୟଙ୍କ ଉପରେ ଅଯଥା ସନ୍ଦେହ କରିପାରନ୍ତି। ପ୍ରେମ ଜୀବନ ଅପ୍ରତ୍ୟାଶିତ ସୁଖ ପ୍ରାପ୍ତି ହେବ।

**ସିଂହ** ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି ଆରମ କରନ୍ତୁ ଓ ପରିବାର ଓ ବନ୍ଧୁମାନଙ୍କ ସହିତ କିଛି ସମୟ କଟାନ୍ତୁ। ଅଯଥା ବ୍ୟୟ ବଢ଼ିବ। ପାରିବାରିକ ଜୀବନ ଅନୁକୂଳ ରହିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ମିଳିବ।

**କନ୍ୟା** ସ୍ୱାସ୍ଥ୍ୟରେ ସାକାରାତ୍ମକ ପରିବର୍ତ୍ତନ ହେବ। ବେତନ ବୃଦ୍ଧି ଘଟିପାରେ। ସଞ୍ଚୟ ପାଇଁ ମନ ବଳିବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ହେବ। ଚାକିରି ଓ ବ୍ୟବସାୟ କ୍ଷେତ୍ରରେ ସଫଳତା ମିଳିବ।

**ତୁଳା** ବିପରୀତ ଲିଙ୍ଗ ବ୍ୟକ୍ତିଙ୍କ ପ୍ରତି ଆକର୍ଷିତ ହେବେ। ଅଧିକ ଖର୍ଚ୍ଚ କରିପାରନ୍ତି ଛୋଟ ଭାଇ ଭଉଣୀମାନେ ସଫଳ ହେବେ। କାର୍ଯ୍ୟକ୍ଷେତ୍ରରେ ନକାରାତ୍ମକ ଚିନ୍ତାକୁ ଦୂରେଇ ଦିଅନ୍ତି। ଛାତ୍ରମାନଙ୍କୁ ପରିଶ୍ରମର ଫଳ ମିଳିବ।

**ବିଛା** ମାଦକ ଦ୍ରବ୍ୟରୁ ଦୂରେଇ ରହନ୍ତୁ। ବ୍ୟବସାୟରେ ଲାଭ ବଢ଼ିବ ଓ ସଞ୍ଚୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନେ କମ ପରିଶ୍ରମ କରି ଅଧିକ ନମ୍ବର ପାଇବେ। ଦାମ୍ପତ୍ୟ ଜୀବନରେ ବୁଝାମଣା ବଢ଼ିବ।

**ଧନୁ** ସାମାନ୍ୟ ସ୍ୱାସ୍ଥ୍ୟ ରହିବ। ବ୍ୟବସାୟରେ କ୍ଷତିର ସମ୍ଭାବନା ଅଧିକ। ସମାଜରେ ସମ୍ମାନ ମିଳିବ। ଭାଇଭଉଣୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଛାତ୍ରମାନେ ଲକ୍ଷ୍ୟପ୍ରାପ୍ତି ପାଇଁ ଯୋଜନା ବଦ୍ଧ ହୋଇ ଅଗ୍ରସର ହେବେ।

**ମକର** ସୁନ୍ଦର ସ୍ୱାସ୍ଥ୍ୟ ରହିବ। ପରିବାର ଓ ବ୍ୟବସାୟ ଉଭୟରେ ତାଳମେଳ ରକ୍ଷା କରିପାରିବେ। ଆର୍ଥିକ ସଂସ୍କାରଣ ମିଳିପାରେ। ଘରର କୌଣସି ସଦସ୍ୟଙ୍କ ସହ ବିବାଦ ହୋଇପାରେ।

**କୁମ୍ଭ** ନୂତନ ବ୍ୟବସାୟ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ। ଛୋଟ ଭଉଣୀ ଉତ୍ତମ ଚାକିରି ପାଇପାରନ୍ତି। ପରିବାର ସହ ଭ୍ରମଣରେ ଯାଇ ପାରନ୍ତି। ଛାତ୍ରମାନଙ୍କ ପାଇଁ ସମୟ ଉତ୍ତମ। ପ୍ରେମ ଜୀବନରେ ସ୍ଥିରତା ରହିବ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** ବ୍ୟବସାୟରେ ବୁଝିବିଚାରି ଧନ ଲଗାନ୍ତୁ। ଚେଷ୍ଟା କରି କିଛି ସମୟ ପରିବାର ସହ ସମୟ କାଟନ୍ତୁ। ବରିଷ୍ଠ ଅଧିକାରୀଙ୍କ ଠାରୁ ପ୍ରଶଂସା ଓ ସହଯୋଗ ପାଇବେ। ନୂତନ ପ୍ରେମ ସମ୍ପର୍କ ଆରମ୍ଭ ପାଇଁ ସମୟ ଅନୁକୂଳ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ପ୍ରଥମ ୱେଭ୍ ଭଳି ମାରାତ୍ମକ ନୁହେଁ ଦ୍ୱିତୀୟ ସଂକ୍ରମଣ

**ନୂଆଦିଲ୍ଲୀ :** ମହାମାରୀ କରୋନା ସଂକ୍ରମଣର ଦ୍ୱିତୀୟ ଲହର ହୁ ହୁ ହୋଇ ବଢିଚାଲିଛି। ସଂକ୍ରମଣ ବଢୁଥିବାରୁ ହସ୍ପିଟାଲ ଆଗରେ ହଜାର ହଜାର ଲୋକ ଅପେକ୍ଷା କରି ରହୁଛନ୍ତି। ଅକ୍ସିଜେନ ଅଭାବ ଠାରୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକଟାଳ ଚିତ୍ର ଗଣମାଧ୍ୟମରେ ପ୍ରକାଶ ପାଉଛି। ସେହିପରି କରୋନାରେ ପ୍ରାଣ ହରାଉଥିବା ଲୋକଙ୍କ ଅନ୍ତିମ ସଂସ୍କାର କରାଯିବା ବେଳର ଦୃଶ୍ୟ ମଧ୍ୟ ସମସ୍ତଙ୍କୁ ବିଚଳିତ କରୁଛି। କୁହାଯାଉଛି କରୋନାର ଦ୍ୱିତୀୟ ଲହର ଭୟଙ୍କର ଓ ଅଧିକ ଲୋକ ଏଥିରେ ପ୍ରାଣ ହରାଉଛନ୍ତି। ତେବେ ଏଯାଏ ଆସିଥିବା ତଥ୍ୟ ସମସ୍ତଙ୍କୁ ଆଶ୍ୱସ୍ତି କରିବା ଭଳି ଖବର ଦେଇଛି। ଏତେ ଲୋକ କରୋନାରେ ଆକ୍ରାନ୍ତ ହେଉଥିଲେ ହେଁ ଦେଶରେ ମୃତ୍ୟୁସଂଖ୍ୟା ମାତ୍ର ୧%ରୁ ସାମାନ୍ୟ ଅଧିକ। ସେହିପରି ପ୍ରାୟ ୯୯% ଲୋକ କରୋନାରୁ ସୁସ୍ଥ ହୋଇ ଘରକୁ ମଧ୍ୟ ଫେରୁଛନ୍ତି। ଦେଶରେ ଦୈନିକ ସଂକ୍ରମଣ ଯେମିତି ରେକର୍ଡ କରୁଛି ଠିକ୍ ସେହିପରି ଆରୋଗ୍ୟଙ୍କ ସଂଖ୍ୟା ମଧ୍ୟ ରେକର୍ଡ କରୁଛି। କେବଳ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ଛାଡି ଭାରତର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କରୋନା



ସଂକ୍ରମଣ ମାଡିଚାଲିଛି। ତେବେ ଦେଶର କରୋନାର ୩ଟି ହଟସ୍ପଟ୍ ମହାରାଷ୍ଟ୍ର, ଦିଲ୍ଲୀ ଓ ଛତିଶଗଡରେ କରୋନା ପ୍ଲାଟୋ ସ୍ଥିତି ରହିଛି। ମଧ୍ୟପ୍ରଦେଶରେ ମଧ୍ୟ କରୋନା ସ୍ଥିତିରେ ସ୍ଥିରତା ରହିଛି। କିନ୍ତୁ ଦେଶରେ ଦୈନିକ ସଂକ୍ରମଣ ରେକର୍ଡ କରି ଚାଲିଛି। ରବିବାର ୩.୫୦ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହେବାରୁ ଦେଶରେ ମୋଟ କେସ୍ ୧.୭୩ କୋଟି ପାର କରିଯାଇଛି। ସେହିପରି ୧.୯୫ଲକ୍ଷ କରୋନା ଯୋଗୁ ପ୍ରାଣ ହରାଇଛନ୍ତି। ଏହାର ଅର୍ଥ ଭାରତରେ କରୋନା ମୃତ୍ୟୁହାର ମାତ୍ର ୧.୧୨%। ଅନ୍ୟ ସମସ୍ତେ ସୁସ୍ଥ ହୋଇଯାଇଛନ୍ତି କିମ୍ବା ଏବେ ବି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଭାରତରେ ବର୍ତ୍ତମାନ ଆରୋଗ୍ୟ ହାର ୯୮.୮୮% ରହିଛି। ସେହିପରି କରୋନାରେ ଆକ୍ରାନ୍ତ ହେଉଥିବା ୮୫ ରୁ ୯୦% ରୋଗୀଙ୍କୁ ହସ୍ପିଟାଲ ଯିବାର ମଧ୍ୟ ଆବଶ୍ୟକ ନାହିଁ। ସେମାନେ ହୋମ ଆଇସୋଲେସନରେ ରହି କରୋନାକୁ ମାତ ଦେଇପାରୁଛନ୍ତି। ହସ୍ପିଟାଲରେ ବର୍ତ୍ତମାନ ଚିକିତ୍ସିତ ହେଉଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୨୮% ଲୋକଙ୍କୁ ହିଁ ମେକାନିକାଲ ଭେଣ୍ଟିଲାଇଜେସନର ଆବଶ୍ୟକ ପଡୁଛି। କରୋନାର ପ୍ରଥମ ୱେଭରେ ଏହା ୩୭% ରହିଥିଲା। ତେଣୁ କରୋନାର ଦ୍ୱିତୀୟ ୱେଭର ସଂକ୍ରମଣ ସ୍ଥିତି ସାଂଘାତିକ। କିନ୍ତୁ ଏହା ପ୍ରଥମ ୱେଭ ଭଳି ମାରାତ୍ମକ ନୁହେଁ।

## ମେ’ ୩୧ ଯାଏ ଭାରତରୁ ବିଦେଶକୁ ଉଡ଼ିବନି ବିମାନ



**ନୂଆଦିଲ୍ଲୀ :** ମହମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ବିମାନ ସେବାରେ ଲାଗିଥିବା କଟକଣାକୁ କେନ୍ଦ୍ର ସରକାର ଆଉ ମାସେ ବୃଦ୍ଧି କରିଛନ୍ତି। ସଂକ୍ରମଣ ବ୍ୟାପୁଥିବାରୁ ମେ’ ୩୧ ଯାଏ ବିଦେଶୀକୁ ବିମାନ ଉଡ଼ାଣ ବନ୍ଦ ରହିବ ବୋଲି ଡିଜିସିଏ ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବରୁ ଗାଇଡଲାଇନରେ ଆଜି ରାତି ୧୨ଟା ଯାଏ ଅନ୍ତର୍ଜାତୀୟ ବିମାନ ସେବାକୁ ବନ୍ଦ ରଖାଯାଇଥିଲା। ଏବେ ଏହି କଟକଣା ଅବଧିକୁ ମେ’ ୩୧ ଯାଏ ବୃଦ୍ଧି କରାଯାଇଛି। ତେବେ ଏହି କଟକଣା ମାଲ ପରିବହନ ଓ ଔଷଧ ନେବା ଆଣିବା କରୁଥିବା ବିମାନ ଗୁଡ଼ିକ ଉପରେ ଲାଗୁହେବନାହିଁ। ସେହିପରି ଦରକାର ପଡ଼ିଲେ ପ୍ରଶାସନିକ ଅନୁମତିକ୍ରମେ କିଛି ନିର୍ଦ୍ଦିଷ୍ଟ ରୁଟ୍‌ରେ ଅନ୍ତର୍ଜାତୀୟ ବିମାନ ସେବାକୁ ଗ୍ରୀନ ସିଗ୍ନାଲ ମିଳିପାରିବ। ଘରୋଇ ବିମାନ ସେବା ପୂର୍ବଭଳି ଚାଲୁ ରହିବ। କିନ୍ତୁ ବିମାନରେ ସମସ୍ତେ କରୋନା ପାଇଁ ଜାରି କଟକଣାକୁ ପାଳନ କରିବେ ବୋଲି ଡିଜିସିଏ କହିଛି। ଗତବର୍ଷ ମାର୍ଚ୍ଚ ୨୩ରୁ କରୋନା ସଂକ୍ରମଣ ପାଇଁ ଅନ୍ତର୍ଜାତୀୟ ବିମାନ ସେବାକୁ ବନ୍ଦ କରାଯାଇଥିଲା। ସେବେଠାରୁ ପର୍ଯ୍ୟାୟକ୍ରମେ ଡିଜିସିଏ କଟକଣା ଅବଧିକୁ ବୃଦ୍ଧି କରି ଚାଲିଛି। ନିୟମିତ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିଥିଲେ ହେଁ ଗତବର୍ଷ ମେ’ ମାସରୁ ସ୍ୱତନ୍ତ୍ର ବିମାନ ଓ ଜୁଲାଇ ମାସରୁ ଦ୍ୱିପାକ୍ଷିକ ଏୟାର ବବଲ୍ସ ଚୁକ୍ତି ମାଧ୍ୟରେ କିଛି ସ୍ଥାନକୁ ବିମାନ ଉଡ଼ାଣ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଭାରତରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଅଷ୍ଟ୍ରେଲିଆ, ବ୍ରିଟେନ ଓ ୟୁଏଇ ଭଳି ଦେଶ ସେମାନଙ୍କ ଦେଶରୁ ନୂଆଦିଲ୍ଲୀ ଆସୁଥିବା ବିମାନ ଉପରେ କଟକଣା ଲଗାଇଛନ୍ତି। ଅଷ୍ଟ୍ରେଲିଆ ସଂକ୍ରମଣ ପାଇଁ ଭାରତ ସହ ବିମାନ ସମ୍ପର୍କ ସଂପୂର୍ଣ୍ଣ ଭାବେ ଛିନ୍ନ ମଧ୍ୟ କରିଦେଇଛି।

## ଧୂମପାନ କରୁଥିବା ବ୍ୟକ୍ତିଙ୍କୁ କରୋନା ସଂକ୍ରମଣ କମ

**ନୂଆଦିଲ୍ଲୀ:** ଦେଶରେ ଏବେ କୋଣ ଅନୁକୋଣରେ କରୋନା ପାଦ ଥାପି ସାରିଛି। ଗରିବ ଶ୍ରେଣୀର ଲୋକଙ୍କ ପାଖରୁ ଆରମ୍ଭ କରି ଧନୀ ବର୍ଗର ଲୋକ ମଧ୍ୟ କରୋନାରେ ସଂକ୍ରମିତ ହେଉଛନ୍ତି। କରୋନାର ପ୍ରଥମ ଲହରରେ ଯେଉଁମାନେ ସଂକ୍ରମିତ ହୋଇ ସୁସ୍ଥ ହୋଇଥିଲେ ଏବେ ଦ୍ୱିତୀୟ ଲହର ବେଳେ ମଧ୍ୟ ସଂକ୍ରମିତ ହେଉଥିବାର ନଜିର ରହିଛି। ଏବେ କିନ୍ତୁ କାଉନସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ (ସିଏସଆଇଆର) ଏକ ଗବେଷଣା ରିପୋର୍ଟ ଜାରି କରିଛି ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସିଗାରେଟ୍ ଟାଣିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହା ଦ୍ୱାରା କ୍ୟାନସର ପାଖରୁ ଆରମ୍ଭ କରି ଅନେକ ରୋଗ ହେବାର ନଜିର ରହିଛି। ହେଲେ ଏବେ ସିଏସଆଇଆର ଯେଉଁ ରିପୋର୍ଟ ପ୍ରକାଶ କରିଛି ସେଥିରେ ଉଲ୍ଲେଖ ରହିଛି ସିଗାରେଟ୍ ଟାଣୁଥିବା ବ୍ୟକ୍ତି ଏବଂ ଶାକାହାରୀ ଲୋକ କରୋନାରେ ଆକ୍ରାନ୍ତ ହେବାର ସମ୍ଭାବନା ବହୁତ କମ୍। ଧୂମପାନ କରିବା ଦ୍ୱାରା ମ୍ୟୁକସ ପ୍ରୋଡକ୍ସନ ବଢ଼ିଯାଏ। ଯାହାକୁ ଫାଷ୍ଟ ଲାଇନ୍ ଅଫ୍ ଡିଫେନ୍ସ କୁହାଯାଏ। ଏହା ପୂର୍ବରୁ ଫ୍ରାନ୍ସରେ ଦୁଇଟି ଷ୍ଟଡି ରିପୋର୍ଟ ଏବଂ ଇଟାଲୀ-ନ୍ୟୁୟର୍କ ଏବଂ ଚାଇନାରେ ସମାନ ରିପୋର୍ଟରେ ଧୂମପାନ କରୁଥିବା ଲୋକଙ୍କ ମଧ୍ୟରେ କୋଭିଡ ସଂକ୍ରମଣ ହେବାର ଆଶଙ୍କା କମ୍ ବୋଲି ପ୍ରକାଶ ପାଇଥିଲା। ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ସିଡିସି) ଦ୍ୱାରା କରାଯାଇଥିବା ଗବେଷଣାରେ ମଧ୍ୟ ସମାନ ଅଧ୍ୟୟନ ପ୍ରକାଶ ପାଇଥିଲା। ୭,୦୦୦ରୁ ଅଧିକ ଲୋକଙ୍କୁ ନେଇ ହୋଇଥିଲା ଏହି ଗବେଷଣା। ରିପୋର୍ଟ ଅନୁଯାୟୀ ଆମେରିକାର ମୋଟ୍ ଜନସଂଖ୍ୟାର ୧୪ ପ୍ରତିଶତ ଧୂମପାନ କରନ୍ତି। ଆଉ ସେଥିମଧ୍ୟରୁ ସଂକ୍ରମିତ ସଂଖ୍ୟା ମାତ୍ର ୧.୩%। ସେହିଭଳି ୟୁନିଭର୍ସିଟି କଲେଜ ଲଣ୍ଡନ (ୟୁସିଏଲ୍) ଏକାଡେମିକ୍ସ ବ୍ରିଟେନ, ଚାଇନା, ଆମେରିକା ଏବଂ ଫ୍ରାନ୍ସରେ ଏହିପରି ୨୮ଟି ଗବେଷଣା କରିଛନ୍ତି। ଯେଉଁଥିରେ ସଂକ୍ରମିତଙ୍କ ମଧ୍ୟରୁ ଧୂମପାନ କରୁଥିବା ଲୋକଙ୍କ ସଂଖ୍ୟା କମ୍। ସେହିପରି ବ୍ରିଟେନରେ କୋଭିଡ ସଂକ୍ରମିତଙ୍କ ମଧ୍ୟରୁ ଧୂମପାନକାରୀଙ୍କ ସଂଖ୍ୟା ମାତ୍ର ୫%। ଫ୍ରାନ୍ସର ଗବେଷଣା ରିପୋର୍ଟରୁ ଜଣାପଡ଼ିଛି କୋଭିଡ ସଂକ୍ରମଣରେ ଧୂମପାନକାରୀଙ୍କ ଅଂଶ ୭.୧% ରହିଥିବା ବେଳେ ଦେଶରେ ମୋଟ୍ ଧୂମପାନକାରୀ ଜନସଂଖ୍ୟାର ୩୨% ରହିଛି। ଚାଇନାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ୩.୮% ରୋଗୀ ଧୂମପାନ କରୁଥିଲେ। ସେହିପରି ଚାଇନାର ଜିନ୍-ଜିନ୍ ଝାଙ୍ଗରେ ହୋଇଥିବା ରିପୋର୍ଟ ଅନୁଯାୟୀ ୯ ଜଣ ରୋଗୀ (୬.୪%) ଧୂମପାନ କରୁଥିଲେ ଏବଂ ସେମାନଙ୍କ ମଧ୍ୟରୁ ୭ ଜଣ ଧୂମପାନ କରୁଥିଲେ। ଦୁଇ ଜଣ ଧୂମପାନ ଛାଡ଼ି ଦେଇଥିଲେ। ହେଲେ ଯେଉଁମାନେ ଧୂମପାନ କରୁଥିଲେ ସେମାନେ କରୋନାରେ ସଂକ୍ରମିତ ହେବାର ସମ୍ଭାବନା ଅଧିକ ଥିଲା ବୋଲି ଜଣାପଡ଼ିଛି। ଏହି ଫଳାଫଳ ଗୁଡିକ ଫ୍ରାନ୍ସରେ ତର୍ଜମା ହୋଇଥିଲା। ଯେଉଁଥିରେ ଜଣାପଡିଛି ଯେ ସମାନ ବୟସ ଏବଂ ଶ୍ରେଣୀର ଧୂମପାନକାରୀଙ୍କୁ ନେଇ ହୋଇଥିବା ରିପୋର୍ଟରେ ଯେଉଁମାନେ ଧୂମପାନ କରୁଥିଲେ ସେମାନେ କୋଭିଡରେ ସଂକ୍ରମିତ ହେବାର ଆଶଙ୍କା ୮୦ ପ୍ରତିଶତ କମ୍ ରହିଛି। ସର୍ବେକ୍ଷଣରୁ ଏହା ମଧ୍ୟ ଜଣାପଡିଛି ଯେ ଯେଉଁମାନେ ଶାକାହାରୀ ତାଙ୍କ ଖାଦ୍ୟରେ ଭରପୂର ପରିମାଣରେ ଫାଇବର ରହିଥାଏ। ତେଣୁ ସେମାନଙ୍କର କରୋନା ବିରୋଧରେ ଲଢ଼େଇ କରିବା ପାଇଁ ଆବଶ୍ୟକ ରୋଗ ପ୍ରତିରୋଧକ ଶକ୍ତି ରହିଥାଏ।

## କୋଭିସିଲ୍ଡ ପରେ କୋଭାକ୍ସିନ ଦର ହ୍ରାସ



**ନୂଆଦିଲ୍ଲୀ :** ମହାମାରୀ କରୋନା ସଂକ୍ରମଣ ଭିତରେ ଲୋକଙ୍କୁ ଆଶ୍ୱସ୍ତ କରିବା ଭଳି ଖବର ଆସିଛି। ପୂର୍ବରୁ ସେରମ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ କୋଭିସିଲ୍ଡ ଟିକାର ଦାମ ହ୍ରାସ କରିଥିବା ବେଳେ ଆଜି କୋଭାକ୍ସିନ ଟିକା ପ୍ରସ୍ତୁତ କରିଥିବା ଭାରତ ବାୟୋଟେକ ସମାନ ପଦକ୍ଷେପ ନେଇଛି। ଆଜି ଭାରତ ବାୟୋଟେକ କୋଭାକ୍ସିନ ଟିକାର ଡୋଜ୍ ପିଛା ଦର ହ୍ରାସ କରିଛି। ପୂର୍ବରୁ କମ୍ପାନୀ ରାଜ୍ୟ ଗୁଡିକୁ କୋଭାକ୍ସିନ ଟିକା ଡୋଜ୍ ପିଛା ୬୦୦ ଟଙ୍କାରେ ବିକ୍ରି କରିବ ବୋଲି କହିଥିଲା। ହେଲେ ଏବେ ଏହାକୁ ଡୋଜ୍ ପିଛା ୪୦୦ ଟଙ୍କାକୁ ହ୍ରାସ କରିଛି। ଏହାର ଅର୍ଥ ରାଜ୍ୟ ସରକାରମାନେ କମ୍ପାନୀକୁ ଡୋଜ ପିଛା ୪୦୦ ଟଙ୍କା ଦେଇ ଏହାକୁ ସିଧାସଳଖ କିଣିପାରିବେ। ତେବେ ଘରୋଇ ସଂସ୍ଥା ଓ ଘରୋଇ ହସ୍ପିଟାଲ ଗୁଡିକ ପୂର୍ବଭଳି ୧୨ଶହ ଟଙ୍କାରେ ଟିକାର ଡୋଜ୍ ଗୁଡିକ କିଣିବେ। ଏ ସମ୍ପର୍କରେ ଭାରତ ବାୟୋଟେକ ଏକ ବିବୃତି ଜାରି କରି ସୂଚନା ଦେଇଛି। ଅନ୍ୟପକ୍ଷରେ ସେରମ କୋଭିସିଲ୍ଡ ଟିକାର ଦାମ ରାଜ୍ୟ ସରକାର ଓ ଘରୋଇ ଡାକ୍ତରଖାନାଙ୍କ ପାଇଁ ଡୋଜ୍ ପିଛା ଯଥାକ୍ରମେ ୪୦୦ ଓ ୬୦୦ ଟଙ୍କା ରଖିଥିଲା। ହେଲେ ଗତକାଲି ସଂସ୍ଥା ଟିକାର ଡୋଜ୍ ପିଛା ଦାମ ୨୫% କମାଇ ୩୦୦ ଟଙ୍କା କରିଥିଲା। ରାଜ୍ୟ ସରକାରମାନେ ୩୦୦ ଟଙ୍କା ଦେଇ ଟିକାର ଡୋଜ୍ କିଣିପାରିବେ। ତେବେ ଘରୋଇ ଡାକ୍ତରଖାନା ପାଇଁ ଦର ପୂର୍ବପରି ଅପରିବର୍ତ୍ତିତ ରହିଛି। ଅର୍ଥାତ୍ ଘରୋଇ ହସ୍ପିଟାଲ ମାନେ ଡୋଜ୍ ପିଛା ୬୦୦ ଟଙ୍କାରେ କିଣିବେ। କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ, କମ୍ପାନୀଠାରୁ ରାଜ୍ୟ ସରକାର ଓ ଘରୋଇ ହସ୍ପିଟାଲ ଗୁଡିକ ଉତ୍ପାଦନର ୫୦% ଟିକା ସିଧାସଳଖ କିଣିପାରିବେ। ଭାରତ ବାୟୋଟେକ ଡୋଜ୍ ପିଛା କେନ୍ଦ୍ର ସରକାରଙ୍କୁ ୧୫୦ ଟଙ୍କାରେ ଟିକାର ଡୋଜ୍ ଯୋଗାଉଥିଲା। ଏହାକୁ କେନ୍ଦ୍ର ସରକାର ମାଗଣାରେ ଲୋକଙ୍କୁ ଦେଉଥିଲେ। ଏବେ ବି କମ୍ପାନୀ ୧୫୦ ଟଙ୍କାରେ କେନ୍ଦ୍ର ସରକାରଙ୍କୁ ଟିକା ଯୋଗାଇ ଦେବ।

# ଜଣେ ପଜିଟିଭ ବ୍ୟକ୍ତି ୪୦୬ ଜଣଙ୍କୁ ସଂକ୍ରମଣ ବାଣ୍ଟିପାରିବ

**ନୂଆଦିଲ୍ଲୀ :** ସାରା ଦେଶରେ ଏବେ କୋଭିଡର ଦ୍ୱିତୀୟ ଲହର ଚାଲିଛି। ଏହି ସମୟରେ ସଂକ୍ରମଣର ଭୟାବହତା ଉପରେ ବ୍ରେକ୍ ଲଗାଇବାକୁ ବିଭିନ୍ନ ସରକାର ନାଇଟ୍ କର୍ଫ୍ୟୁ, ଲକଡାଉନ ସହିତ ସାମାଜିକ ଦୂରତା ନିୟମକୁ କଡ଼ାକଡ଼ି କରିଛନ୍ତି। ମୁଖ୍ୟତଃ ବିଧାନସଭା ନିର୍ବାଚନ ପ୍ରଚାର ବେଳେ ସାମାଜିକ ଦୂରତା ନିୟମ ଉଲ୍ଲଂଘନ, କେହି ମାସ୍କ ନପିନ୍ଧିବାରୁ କରୋନା ଏବେ ମାରାତ୍ମକ ରୂପ ଧାରଣ କରିଛି। ସଂକ୍ରମଣରୁ ବର୍ତ୍ତିବାକୁ କାହିଁକି ସାମାଜିକ ଦୂରତା ନିୟମ ପାଳନ ହେବା ଦରକାର ସେ ନେଇ ଚେତେଇ ଦେଇଛନ୍ତି କେନ୍ଦ୍ର ସରକାର। ଏଥିସହ ନିୟମ ଉଲ୍ଲଂଘନ ଦ୍ୱାରା ଏହି ଉହାନ ଭାଇରସ କେତେ ଭୟାନକ ହୋଇପାରେ ସେ ସମ୍ପର୍କରେ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି। କେନ୍ଦ୍ର



ସରକାର କହିଛନ୍ତି, ଯଦି ଜଣେ କରୋନା ସଂକ୍ରମିତ ସାମାଜିକ ଦୂରତା ନିୟମ ପାଳନ ନ କରିବ ତାହେଲେ ସଂକ୍ରମିତଜଣଙ୍କ ମାସକ ମଧ୍ୟରେ ୪୦୬ ଜଣକୁ ସଂକ୍ରମିତ କରିପାରିବ। ତେଣୁ ଏହି କରୋନା ଚେନ ଉପରେ ଲଗାମ ଲଗାଇବାକୁ ହେଲେ ସାମାଜିକ ଦୂରତା ଏବଂ ମାସ୍କ ପିନ୍ଧିବା ନିତାନ୍ତ ଆବଶ୍ୟକ ବୋଲି କେନ୍ଦ୍ର ସରକାରଙ୍କ ଯୁଗ୍ମ ସ୍ୱାସ୍ଥ୍ୟ ସଚିବ ଲଭ୍ ଅଗ୍ରୱାଲ କହିଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷଣା ରିପୋର୍ଟ ଅନୁଯାୟୀ, ଜଣେ କରୋନା ସଂକ୍ରମିତ ସାମାଜିକ ଦୂରତା ନମାନିଲେ ଏବଂ ମାସ୍କ ନପିନ୍ଧିଲେ ମାସକ ମଧ୍ୟରେ ସେ ୪୦୬ ଜଣ ସଂକ୍ରମିତ ହେବେୟ ସେହିପରି ସଂକ୍ରମିତ ଜଣଙ୍କ ଯଦି ୫୦ ପ୍ରତିଶତ ମିଶିବା କମାଇ ଦେବେ ତାହେଲେ ସଂକ୍ରମିତ ସଂଖ୍ୟା ୩୦ ଦିନରେ ୧୫ ରହିବ। ଆଉ ୭୫ ପ୍ରତିଶତ ମିଶିବା କମାଇ ଦେଲେ ୨.୫ ଲୋକ ସଂକ୍ରମିତ ହେବାର ସମ୍ଭାବନା ରହିଛି। ସେହିପରି ଯଦି ଜଣେ ସଂକ୍ରମିତ ଏବଂ ସୁସ୍ଥ ଲୋକ ମାସ୍କ ପିନ୍ଧିବେ ତାହେଲେ ସୁସ୍ଥ ଲୋକ ସଂକ୍ରମିତ ହେବାର ସମ୍ଭାବନା ୧.୫ ପ୍ରତିଶତରୁ କମ୍ ରହିବ। ଆମେରିକାର ନର୍ଥ କ୍ୟାରୋଲିନା ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଏହି ପରାମର୍ଶ ଦେଇଥିବା ଜଣାପଡ଼ିଛି। ଅଧ୍ୟୟନରୁ ଜଣାପଡିଛି ଯେ ଯଦି ଜଣେ ଛଅ ଫୁଟ ଦୂରତାରେ ଥିବ ତେବେ ଜଣେ ସଂକ୍ରମିତ ସୁସ୍ଥ ଲୋକଙ୍କୁ ସଂକ୍ରମିତ କରିପାରିବ। ଘରେ ଏକାନ୍ତବାସରେ ରହିଲେ ମଧ୍ୟ ସମାନ ଫଳାଫଳ ରହିଛି। ଯଦି ଜଣେ ଠିକ୍ ଭାବରେ ମାସ୍କ ବ୍ୟବହାର ନକରିବ ତାହେଲେ ସଂକ୍ରମିତ ବ୍ୟକ୍ତି ଦ୍ୱାରା ଜଣେ ସୁସ୍ଥ ଲୋକ ୯୦% ସଂକ୍ରମିତ ହେବାର ଆଶଙ୍କା ରହିଛି ବୋଲି ଲଭ୍ ଅଗ୍ରୱାଲ କହିଛନ୍ତି। ସେ କହିଛନ୍ତି ଯଦି ଜଣେ ସଂକ୍ରମିତ ବ୍ୟକ୍ତି ମାସ୍କ ପିନ୍ଧିନଥିବେ ଏବଂ ଜଣେ ସୁସ୍ଥ ଲୋକ ମାସ୍କ ପିନ୍ଧିଥିବେ ତେବେ ସଂକ୍ରମଣ ଆଶଙ୍କା ୩୦ ପ୍ରତିଶତ ରହିଛି। ଯଦି ଉଭୟ କୋଭିଡ ପଜିଟିଭ୍ ଏବଂ ସୁସ୍ଥ ବ୍ୟକ୍ତି ମାସ୍କ ପିନ୍ଧିଥିବେ ତେବେ ସଂକ୍ରମିତ ହେବାର ସମ୍ଭାବନା ୧.୫ ପ୍ରତିଶତ କମ୍। ଯଦି ଏମାନେ ୬ ଫୁଟ ଦୂରତାରେ ଥିବେ, ତା’ ହେଲେ ସୁସ୍ଥ ବ୍ୟକ୍ତି ସଂକ୍ରମିତ ହେବାର ଆଶଙ୍କା କମ୍।

# ଘରେ ରହିଲେ ବି ପିନ୍ଧିବାକୁ ହେବ ମାସ୍କ

**ନୂଆଦିଲ୍ଲୀ :** ମହାମାରୀ କରୋନା ଭାଇରସର ଦ୍ୱିତୀୟ ଲହର ଦିନକୁ ଦିନ ବେକାବୁ ହେବାରେ ଲାଗିଛି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଆଜି କେନ୍ଦ୍ର ସରକାର ମାସ୍କ ପିନ୍ଧିବା ଉପରେ ପୁଣି ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ବାହାରକୁ ବାହାରିବା ମାତ୍ରେ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଥିବା କେନ୍ଦ୍ର ସରକାର ଏବେ ଘରେ ରହିଲେ ବି ମାସ୍କ ପିନ୍ଧିବାକୁ କହିଛନ୍ତି। ଏହି ଅଭ୍ୟାସ ଏବେଠାରୁ ଆରମ୍ଭ କଲେ ଭଲ। କରୋନାର ଦ୍ୱିତୀୟ ଲହରରୁ ବର୍ତ୍ତିବା ପାଇଁ ମାସ୍କ ପିନ୍ଧିବା ନିହାତି ଜରୁରୀ ବୋଲି କେନ୍ଦ୍ର ସରକାର ଆଜି କହିଛନ୍ତି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନୀତି ଆୟୋଗ ସଦସ୍ୟ ଭିକେ ପଲ୍ କହିଛନ୍ତି, ବର୍ତ୍ତମାନ ସମୟରେ ଲୋକମାନେ ନିଜ ନିଜର ଘରେ ରହିବା ବେଳେ ମାସ୍କ ମଧ୍ୟ ପରିଧାନ କରନ୍ତୁ। ଲୋକମାନେ କରୋନାର ଦ୍ୱିତୀୟ ଲହରକୁ ନେଇ ଆଦୌ ଆତଙ୍କିତ ହୁଅନ୍ତୁ ନାହିଁ। ଅଯଥା ଆତଙ୍କିତ ହେବା ଭଲ ବଦଳରେ ଖରାପ ସ୍ଥିତି ସୃଷ୍ଟି କରିବ। ଏବେ କରୋନର ଯେଉଁ ସ୍ଥିତି ରହିଛି, ଦୟାକରି ଅଯଥାରେ ଘରୁ ପାଦ କାଢ଼ନ୍ତୁ ନାହିଁ। ଏପରିକି ଘରେ ପରିବାର ଲୋକଙ୍କ ସହ ରହିବା ବେଳେ ମାସ୍କ ପିନ୍ଧନ୍ତୁ। ମାସ୍କ ପିନ୍ଧିବା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବାହାର ଲୋକଙ୍କୁ ନିଜ ଘରକୁ ଡାକନ୍ତୁ ନାହିଁ। ଯଦି ପରିବାରରେ କେହି କୋଭିଡ୍ ପଜିଟିଭ ରୋଗୀ ଅଛନ୍ତି, ତା’ହେଲେ ସମ୍ପୃକ୍ତ ବ୍ୟକ୍ତି ଘରେ ରହିଲେ ମଧ୍ୟ ମାସ୍କ ପିନ୍ଧିବା ଜରୁରୀ। କାରଣ ଘର ମଧ୍ୟରେ ଥିବା ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କ ଦ୍ୱାରା ମଧ୍ୟ ସଂକ୍ରମିତ ହେବାର ଆଶଙ୍କା ରହିଛି। ଏପରି ସ୍ଥିତିରେ ମୁଁ



ସମସ୍ତଙ୍କୁ କହିବି ଯେ, ଘର ମଧ୍ୟରେ ରହୁଥିବା ଲୋକମାନେ ଏବେଠାରୁ ମାସ୍କ ପିନ୍ଧିବା ଆରମ୍ଭ କରନ୍ତୁ। ଏହା ବର୍ତ୍ତମାନ ସମୟର ଆବଶ୍ୟକତା। ଆମେ ପୂର୍ବରୁ ଘର ବାହାରେ ମାସ୍କ ପିନ୍ଧିବା କଥା କହୁଥିଲୁ। କିନ୍ତୁ ଏବେ ସଂକ୍ରମଣ ବ୍ୟାପିଚାଲିଛି। ତେଣୁ ଲୋକମାନେ ଘରେ ରହିଲେ ବି ମାସ୍କ ପିନ୍ଧନ୍ତୁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଆମେ ଟିକାକରଣ କାର୍ଯ୍ୟକ୍ରମକୁ କେବେ ହେଲେ ଧିମା କରିବା ନାହିଁ। ବରଂ ଏହାକୁ ଅଧିକ ତ୍ୱରାନ୍ୱିତ କରିବା। ଏବେ ପ୍ରଶ୍ନ କରାଯାଉଛି ଯେ, ମହିଳାଙ୍କ ଋତୁସ୍ରାବ ବେଳେ ସେମାନେ ଟିକା ନେଇପାରିବେ କି ନାହିଁ? ଏହାର ଉତ୍ତର ହେଉଛି ହଁ। ଋତୁସ୍ରାବ ବେଳେ ମଧ୍ୟ ମହିଳାମାନେ ଟିକା ନେଇପାରିବେ। ଏହି କାରଣ ପାଇଁ ଟିକାକରଣ ବନ୍ଦ ହେବନାହିଁ। ଆମକୁ ଯେକୌଣସି ପରିସ୍ଥିତିରେ ବି ଟିକାକରଣ କାର୍ଯ୍ୟକ୍ରମ ଜୋରଦାର କରି କରୋନାକୁ ହରାଇବାକୁ ପଡିବ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବ କହିଛନ୍ତି, ଅକ୍ସିଜେନ ପାଇଁ ଆଦୌ କେହି ବି ଆତଙ୍କିତ ହୁଅନ୍ତୁ ନାହିଁ। ଏହାର ପରିବହନ ପାଇଁ ହେଉଥିବା ସମସ୍ୟାର ସମାଧାନ ଆମେ କରୁଛୁ। ଭାରତ ସରକାର ବିଦେଶରୁ ଅକ୍ସିଜେନ ଟ୍ୟାଙ୍କର କିଣିବା ପାଇଁ ଅର୍ଡର ଦେଇଛନ୍ତି। ଅକ୍ସିଜେନ ଟ୍ୟାଙ୍କର ପରିବହନ ହିଁ ସବୁଠାରୁ ବଡ ଚ୍ୟାଲେଞ୍ଜ। ସରକାର ଜିପିଏସ୍ ଜରିଆରେ ଟ୍ୟାଙ୍କର ଗୁଡିକର ଗତିବିଧି ଉପରେ ନଜର ରଖିଛନ୍ତି। ଅକ୍ସିଜେନ ଗାଡି ଗୁଡିକୁ ଆମ୍ବୁଲାନ୍ସ ଭଳି ସେବା ମିଳିବା ଉଚିତ। ଅକ୍ସିଜେନ ପରିବହନ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଓ ଗ୍ରୀନ କରିଡର କରାଯାଉ।

# ରାଜ୍ୟରେ ପର୍ଯ୍ୟାପ୍ତ ଔଷଧ ଅଛି

**ଭୁବନେଶ୍ୱର :** ସାରା ଦେଶରେ ୧୮ ରୁ ୪୪ ବର୍ଷ ବୟସ ବର୍ଗର ଲୋକମାନଙ୍କ କରୋନା ଟିକାକରଣ ଆରମ୍ଭ ହେବ। ଓଡ଼ିଶାରେ ସପ୍ତାହନ୍ତ ସଟଡାଉନ ଯୋଗୁଁ ଏହି ଟିକାକରଣ ଆରମ୍ଭ ହେବନାହିଁ। ଏବେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର କରୋନା ଟିକା ମହଜୁଦ ନାହିଁ। ରାଜ୍ୟକୁ ଟିକା ପଠାଇବା ପାଇଁ ପ୍ରସ୍ତୁତକାରୀ ସଂସ୍ଥାକୁ ଚିଠି ଲେଖାଯାଇଛି ଏବଂ ନିରନ୍ତର ଯୋଗାଯୋଗ ରଖାଯାଇଛି। ସମ୍ପୃକ୍ତ ସଂସ୍ଥା ଟିକା ପଠାଇବା ପରେ ରାଜ୍ୟରେ ଏହି ବର୍ଗର ଲୋକମାନଙ୍କ ପାଇଁ ଟିକାକରଣ ଆରମ୍ଭ କରାଯିବ। ଅପରପକ୍ଷରେ ରାଜ୍ୟରେ ଦ୍ୱିତୀୟ ଡୋଜ୍ କରୋନା ଟିକା ନେବା ପାଇଁ ଅପେକ୍ଷା କରିଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟରେ ଦ୍ୱିତୀୟ ଡୋଜ ନ ନେଲେ ଟିକା ଅକାମୀ ହେବାର ଆଶଙ୍କା ରହିଛି। ତେଣୁ ପ୍ରଥମ ଡୋଜ ନେବାକୁ ଥିବା ବ୍ୟକ୍ତି ଦ୍ୱିତୀୟ ଡୋଜ ନେବାକୁ ଅପେକ୍ଷଣ କରିଥିବା ଲୋକଙ୍କୁ ବାଟ ଛାଡନ୍ତୁ ଓ ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ଟିକାକରଣ ପାଇଁ ସୁଯୋଗ ଦିଅନ୍ତୁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। କରୋନା ସ୍ଥିତି ସମ୍ପର୍କରେ ରାଜ୍ୟବାସୀଙ୍କୁ ସୂଚନା ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ତୃତୀୟ ପର୍ଯ୍ୟାୟରେ ୧.୯୨ କୋଟି ଲୋକ ଟିକା ନେବେ। ଟିକା ପାଇଁ ଦୁଇ କମ୍ପାନୀ ସେରମ ଇନଷ୍ଟିଚ୍ୟୁଟ୍ ଓ ଭାରତ ବାୟୋଟେକ ସହ ଯୋଗାଯୋଗ କରାଯାଉଛି। ତେବେ ଟିକା କେବେ ଆସିବ ଜଣାପଡିନାହିଁ। ଟିକା ଆସିଲେ ହିଁ ଟିକାକରଣ ଆରମ୍ଭ ହେବ। ଦୁଇ କମ୍ପାନୀ ଟିକା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଟିକା ନେବା ପାଇଁ ସମସ୍ତେ ପଞ୍ଜୀକରଣ କରନ୍ତୁ। ଟିକା ପହଞ୍ଚିବା ପରେ ଟିକାକରଣ ସମ୍ପର୍କରେ ଜଣାଇ ଦିଆଯିବ। ସେହିପରି ରାଜ୍ୟରେ ଏପର୍ଯ୍ୟନ୍ତ ମୋଟ ୫୭.୭୬ ଲକ୍ଷ ଡୋଜ ଦିଆଯାଇଛି। ଆମ ରାଜ୍ୟରେ ଟିକା ଅପଚୟ ପରିମାଣ ବିୟୁକ୍ତ ୨.୭ ପ୍ରତିଶତ ରହିଛି। ପ୍ରତ୍ୟେକ ଜିଲ୍ଲାରେ ୨ୟ ଡୋଜ୍ ନେବାକୁ ଥିବା ଲୋକମାନଙ୍କୁ ପ୍ରାଥମିକତା ଦିଆଯାଉଛି। କାରଣ ଉପଯୁକ୍ତ ସମୟରେ ୨ୟ ଡୋଜ ନଦେଲେ ପ୍ରଥମ ଡୋଜଟି ବେକାର ହୋଇଯିବ। ଏଣୁ ସେମାନଙ୍କୁ ଆଗ ସୁଯୋଗ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଟିକାର ପ୍ରଥମ ଡୋଜ ନେଇସାରିଛନ୍ତି ଟିକାକରଣ କେନ୍ଦ୍ରରେ ସେମାନଙ୍କୁ ଦ୍ୱିତୀୟ ଡୋଜ ନେବାରେ ସହଯୋଗ କରନ୍ତୁ। ଠିକ ସମୟରେ ଦ୍ୱିତୀୟ ଡୋଜ ନ ନେଲେ ଉକ୍ତ ପ୍ରଥମ ଟିକାର ପ୍ରଭାବ କମ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଆହୁରି କହିଥିଲେ ଯେ, କରୋନା ଆକ୍ରାନ୍ତ ହେଲେ ବ୍ୟସ୍ତ ହୁଅନ୍ତୁ ନାହିଁ। ଛାନିଆ ହୋଇ ହସ୍ପିଟାଲ ଆସନ୍ତୁନି। କରୋନା ଆକ୍ରାନ୍ତ ହେଲେ ହଠାତ୍ ହସ୍ପିଟାଲ ଆସିବା ଦରକାର ନାହିଁ, ଘରେ ରହି ପ୍ରଶାସନ ସହ ଯୋଗାଯୋଗ କରି ଚିକିତ୍ସିତ ହୁଅନ୍ତୁ। ଗୁରୁତର ରୋଗୀ ହିଁ କେବଳ ହସ୍ପିଟାଲକୁ ଆସନ୍ତୁ ନହେଲେ ଘରେ ସଙ୍ଗରୋଧରେ ରହି ଚିକିତ୍ସା ହେବା ସବୁଠୁ ଭଲ। ଘରୁ ଗୁରୁତର ରୋଗୀଙ୍କୁ ହସ୍ପିଟାଲକୁ ନେବା ପାଇଁ ସରକାର ଆମ୍ବୁଲାନ୍ସ ବ୍ୟବସ୍ଥା କରିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। କରୋନାର ଦ୍ୱିତୀୟ ଲହର ଅତି ଭୟାନକ। ଗତ ୮ଦିନ ହେଲା ଦେଶରୁ ୩.୫ଲକ୍ଷରୁ ଅଧିକ କେସ୍ ଆସୁଛି। ତେଣୁ ପ୍ରତ୍ୟେକ ରାଜ୍ୟବାସୀ କୋଭିଡ୍ ନିୟମର ପାଳନ କରନ୍ତୁ। ରାଜ୍ୟବାସୀଙ୍କୁ ଅନୁରୋଧ ସମସ୍ତେ କରୋନା ନିୟମ ମାନନ୍ତୁ। ବଜାର ହାଟ ଗଲେ ସଚେତନ ରୁହନ୍ତୁ। ଅନ୍ୟପଟେ କୋଭିଡ୍ ସ୍ଥିତିକୁ ଦେଖି ରାଜ୍ୟରେ ଟେଷ୍ଟିଂ ବଢ଼ାଯାଉଛି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ କରି ରଖାଯିବା ସହିତ ଅକ୍ସିଜେନ୍ ମଧ୍ୟ ରହିଛି ବୋଲି ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

# କୋଭିଡ୍ ଲଢେଇରେ ଜିତିବା ପାଇଁ ରାଜ୍ୟ ସରକାରଙ୍କ ସହ ଛିଡା ହୋଇଛି ବିଜେପି

**ଭୁବନେଶ୍ୱର :** ରାଜ୍ୟରେ କୋଭିଡ୍ ୧୯ର ଦ୍ୱିତୀୟ ଲହର ଆଜି କାୟା ବିସ୍ତାର କରୁଛି। ଭୁତାଣୁର ବାରମ୍ବାର ହେଉଥିବା ମ୍ୟୁଟେସନ କାରଣରୁ ସଂକ୍ରମଣର ଗତି ତୀବ୍ର ଓ ଘାତକ ହେଉଛି। ଏହାର ମୁକାବିଲା ପାଇଁ ଆମ ସମସ୍ତଙ୍କୁ ଏକାଠି ଲଢିବାକୁ ପଡିବ। ରାଜ୍ୟରେ ଅଧିକାଂଶ ଜିଲ୍ଲା ଆଜି ରେଡ୍ ଜୋନରେ ପରିଣତ ହୋଇଛି ଏବଂ ସହରାଂଚଳମାନଙ୍କରେ ଏହାର ଭୟାଭୟ ବେଶୀ ଅନୁଭୁତ ହେଉଛି। ଏହି ଲଢେଇରେ ଜିତିବା ପାଇଁ ସମସ୍ତ ଯଥାଯୋଗ୍ୟ ଓ ସଠିକ ପଦକ୍ଷେପରେ ଭାରତୀୟ ଜନତା ପାର୍ଟୀ ତରଫରୁ ରାଜ୍ୟ ସରକାରଙ୍କ ସହ ଛିଡା ହେବାର ନିଷ୍ପତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ବିଜେପିର ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଭର୍ଚୁଆଲ ମିଟିଂ ଜରିଆରେ ଭେଟି ଇମେଲ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ବିଧାୟକ ତଥା ରାଜ୍ୟ ଉପସଭାପତି ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର ଏବଂ ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରି କୁହାଯାଇଛି ଯେ, ଯେଉଁଠାରେ ମନୁଷ୍ୟକୃତ ପରିଚାଳନାଗତ ଅବ୍ୟବସ୍ଥା ଦେଖାଯାଉଛି, ତାହା ରାଜ୍ୟ ସରକାରଙ୍କ ନଜରକୁ ଆଣିଛୁ ଏବଂ ଆଣିବୁ, ଯଦ୍ୱାରା ସରକାରଙ୍କ କୋଭିଡ୍ ମୁକାବିଲା ପ୍ରକ୍ରିୟାରେ କ୍ଷିପ୍ରତା ଆସିବ ଏବଂ ତ୍ରୁଟିଶୂନ୍ୟ ଭାବେ ରଣକୌଶଳ ହେଲେ ଆମେ ସଂକ୍ରମଣକୁ ଜିତିପାରିବା। ବିଜେପିର ସମସ୍ତ ଜିଲ୍ଲା ଓ ବ୍ଲକରେ କୋଭିଡ୍ ପରିଚାଳନା ସଂଚାଳନ ସମିତି ତିଆରି ହୋଇଛି ଓ ସହାୟତା ପାଇଁ ହେଲ୍ପ ଲାଇନ ନମ୍ବର ମଧ୍ୟ ଜାରୀ ହୋଇଛି। ସଂକ୍ରମିତ ଲୋକଙ୍କ ଡାକ୍ତରଖାନା



ଯିବାଠାରୁ ଆଇସୋଲେସନରେ ଥିବା ଲୋକମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା, ଅକ୍ସିଜେନ ଯୋଗାଣ, କରୋନା କିଟ୍ ଯୋଗାଣ ପର୍ଯ୍ୟନ୍ତ ଗୁଡିଏ କାମ ଆମେ ଅରମ୍ଭ କରିଛୁ ଏବଂ ସରକାରଙ୍କ ଅନୁମତି ମିଳିଲେ କୋଭିଡ୍ କେୟାର ସେଂଟର ଖୋଲିବାକୁ ମଧ୍ୟ ଆମେ ଉଦ୍ୟମ କରିବୁ ବୋଲି ମୁଖ୍ୟ ଶାସନ ସଚିବଙ୍କୁ ବିଜେପି ତରଫରୁ ଅବଗତ କରାଯାଇଛି। କୋଭିଡ୍ ପରିଚାଳନଗତ କିଛି ଅବ୍ୟବସ୍ଥା ଯାହା ବିଭିନ୍ନ ଜିଲ୍ଲାର ଭାରତୀୟ ଜନତା ପାର୍ଟୀର 'ସେବା ହିଁ ସଂଗଠନ' ସଂଚାଳନ ସମିତିର ସ୍ୱେଚ୍ଛାସେବୀମାନେ ଆମ ନଜରକୁ ଆଣିଛନ୍ତି, ତାକୁ ସରକାରଙ୍କ ନଜରକୁ ଆଣିବା ଆମର ଦାୟୀତ୍ୱ ଏବଂ ଆଶା କରୁଛୁ। ଏହାର ଶୀଘ୍ର ସମାଧାନ ପାଇଁ ରାଜ୍ୟ ସରକାର ଚେଷ୍ଟିତ ହେବେ ବୋଲି ମୁଖ୍ୟ ଶାସନ ସଚିବଙ୍କ ନିକଟରେ ବିଜେପି ଆଶା ପ୍ରକାଶ କରିଛି। ହୋମ ଆଇସୋଲେସନର ପ୍ରକ୍ରିୟା କେଉଁଠି ନା କେଉଁଠି ବିଫଳ ହେଉଥିବାରୁ, ରାଜ୍ୟର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିରେ ୧୦୦-୨୦୦ ଶଯ୍ୟା ବିଶିଷ୍ଟ କ୍ଲଷ୍ଟର ଟିଏମସି ଗୁଡିକ ତୁରନ୍ତ କାର୍ଯ୍ୟକ୍ଷମ କରାଗଲେ ସଂକ୍ରମଣ ହ୍ରାସ ପାଇବ। ଟ୍ରେସିଂ ଓ ଟେଷ୍ଟିଂକୁ ବଢାଇବା ପାଇଁ ବାରମ୍ବାର ଦାବୀ ହେଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାହା ତ୍ୱରାନ୍ୱିତ ହୋଇପାରିନାହିଁ। ଚଳିତ ୨ୟ ପର୍ଯ୍ୟାୟରେ ପ୍ରତ୍ୟେକ ଦିନ ହେଉଥିବା ଟେଷ୍ଟିଂ ସଂଖ୍ୟା ଅତ୍ୟନ୍ତ ନିରୁତ୍ସାହଜନକ। ପ୍ରଥମ ପର୍ଯ୍ୟାୟ ସଂକ୍ରମଣବେଳେ ଯେପରି କଂଟାକ୍ଟ ଟ୍ରେସିଂ କରାଯାଇଥିଲା, ତାହା କରାଯାଇ ପ୍ରତିଦିନ ଲକ୍ଷେରୁ ଅଧିକ ଟେଷ୍ଟିଂ କରାଇବାକୁ ମୁଖ୍ୟ ଶାସନ ସଚିବଙ୍କୁ ଏହି ଅବସରରେ ବିଜେପି ତରଫରୁ ଅନୁରୋଧ କରାଯାଇଛି। ଯେଉଁଠାରେ ସଂକ୍ରମିତ ବାହାରୁଛନ୍ତି, ସହରର ସେହି ଅଂଚଳଗୁଡିକ ମାଇକ୍ରୋ କଂଟେନମେଂଟ ଜୋନ ଘୋଷଣା କରି ଆବଦ୍ଧ କରାଯାଉ ଏବଂ ଗ୍ରାମାଂଚଳରେ ସେହି ସାହି ବା ଗାଁକୁ ମଧ୍ୟ କଂଟେନମେଂଟ ଜୋନ ଘୋଷଣା କରି ଟ୍ରେସିଂ କରାଯାଉ। ଡାକ୍ତରଖାନାଗୁଡିକରେ ଅକ୍ସିଜେନ ବେଡ୍‌ର ସଂଖ୍ୟାକୁ ଦ୍ୱିଗୁଣିତ କରାଯାଉ ଏବଂ ଗତ ସଂକ୍ରମଣ ସମୟରେ କାର୍ଯ୍ୟ କରିଥିବା ସମସ୍ତ ନର୍ସ ଓ ପାରାମେଡିକାଲ ଷ୍ଟାଫମାନଙ୍କୁ ତୁରନ୍ତ କାର୍ଯ୍ୟରେ ଲଗାଯାଉ। ଶଯ୍ୟା ଓ ଅକ୍ସିଜେନ ଅଭାବରୁ ଆଜି ଓଡିଶାର ସମସ୍ତ ଡାକ୍ତରଖାନାରେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି ଏବଂ ସମୟରେ ଚିକିତ୍ସା ନପାଇ ଅନେକ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ଅକ୍ସିଜେନର ଉପଲବ୍ଧତା ରାଜ୍ୟର ସମସ୍ତ ସିଏଚସି ଡାକ୍ତରଖାନା ପର୍ଯ୍ୟନ୍ତ କରାଯାଉ ଏବଂ ଗସକ୍ଷୟ / ଗକ୍ଷୟରକ୍ସ-ବକ୍ସର ରୋଗୀଙ୍କୁ ସିଏଚସି ସ୍ତର ପର୍ଯ୍ୟନ୍ତ ଚିକିତ୍ସିତ କରାଯିବାର ବ୍ୟବସ୍ଥା ହେଉ। ୫୦୦୦ ଶଯ୍ୟା ବିଶିଷ୍ଟ ଏକ ଟେମ୍ପୋରାରୀ ଡାକ୍ତରଖାନା କୌଣସି ଏକ ଷ୍ଟାଡିୟମରେ ଆରମ୍ଭ କରିବା ପାଇଁ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରାଯାଉ। ଆସିୟୁ ଇନଫ୍ରାଷ୍ଟ୍ରକଚର ଏବଂ ଭେଂଟିଲେଟର ଯୁକ୍ତ ବେଡ୍‌ର ସଂଖ୍ୟାକୁ ଦ୍ୱିଗୁଣିତ କରାଯିବାକୁ ବିଜେପି ତରଫରୁ ଦାବୀ କରାଯାଇଛି। କୋଭିଡ୍ ଚିକିତ୍ସା ପ୍ରଣାଳୀ ସଂପୂର୍ଣ୍ଣ ଭିନ୍ନ ହୋଇଥିବାରୁ ରୋଗୀଙ୍କ ସଂପର୍କୀୟ / ପରିବାରବର୍ଗମାନେ ସଠିକ ସୁଚନା ନପାଇ ହନ୍ତସନ୍ତ ହେଉଛନ୍ତି। ତେଣୁ ଚିକିତ୍ସିତ ହେଉଥିବା କୋଭିଡ୍ ରୋଗୀମାନଙ୍କ ସ୍ଥିତାବସ୍ଥା ସଂପର୍କରେ ପ୍ରତ୍ୟେକ ଦିନ ସେହି ହସପିଟାଲ ତରଫରୁ ବୁଲେଟିନ ଜରିଆରେ ରୋଗୀଙ୍କ ସଂପର୍କୀୟ / ପରିବାର ସଦସ୍ୟଙ୍କୁ ଅବଗତ କରିବାକୁ ବିଜେପି ଦାବୀ କରିଛି। ଟୀକାଦାନର ପ୍ରକ୍ରିୟା ଏପର୍ଯ୍ୟନ୍ତ ସୁପରିଚାଳିତ ହୋଇପାରିନାହିଁ। ବିଭିନ୍ନ ସ୍ଥାନରେ ସେଥିପାଇଁ ହେଉଥିବା ଗହଳି ସଂକ୍ରମଣ ବଢାଉଛି। କେନ୍ଦ୍ର ସରକାର ରାଜ୍ୟସରକାରଙ୍କୁ ଯୋଗାଇ ଦେଇଥିବା ୫୯ ଲକ୍ଷରୁ ଉର୍ଦ୍ଧ୍ୱ ମାତ୍ରାର କୋଭିଡ୍ ଟୀକା ବର୍ତମାନ ସୁଦ୍ଧା ରାଜ୍ୟବାସୀଙ୍କ ପାଖରେ ସଠିକ ଭାବରେ ପହଂଚାଇବାରେ ବିଫଳ ହୋଇଛନ୍ତି। ଏହା ବ୍ୟତୀତ ରାଜ୍ୟ ସରକାର ଯୋଜନା କରିଥିବା କୋଭିଡ୍ ଟୀକାଦାନର ସୁପରିଚାଳନା ଏବଂ ଟୀକା ସଂଖ୍ୟାର ବୃଦ୍ଧି ପାଇଁ ତୁରନ୍ତ ଯୋଜନା ପ୍ରସ୍ତୁତ କରନ୍ତୁ। ଏହି ଟୀକାକରଣ ସମୟରେ ଗରୀବଲୋକଙ୍କୁ ପ୍ରାଥମିକତା ଦିଆଯାଉ। କୋଭିଡ୍ ଟୀକାକରଣର ସୁପରିଚାଳନା ଏବଂ ଟୀକାଦାନ ସଂଖ୍ୟାରେ ବୃଦ୍ଧି ପାଇଁ ତୁରନ୍ତ ଯୋଜନା ପ୍ରସ୍ତୁତ କରିବାକୁ ବିଜେପି ତରଫରୁ ଦାବୀ କରାଯାଇଛି। ବଜାର ଓ ଭିଡ ହେଉଥିବା ସ୍ଥାନମାନଙ୍କରେ, କୋଭିଡ ନିୟମ ମାନୁନଥିବା ଲୋକମାନଙ୍କ ବିରୁଦ୍ଧରେ ଶକ୍ତ ପଦକ୍ଷେପ ନିଆଯାଉ। ଏହା ହେଲେ ଆମ ରାଜ୍ୟ ଭୟଙ୍କର ସଂକ୍ରମଣ ସ୍ଥିତିରୁ ବଂଚିପାରିବ ବୋଲି ଆମେ ହୃଦବୋଧ କରୁଛୁ ଏବଂ ରାଜ୍ୟ ସରକାର ଏହି ଦିଗରେ ତ୍ୱରିତ୍ ପଦକ୍ଷେପ ନେବେ ବୋଲି ଏହି ଅବସରରେ ବିଜେପି ଆଶାପ୍ରକାଶ କରିଛି।

## ସରକାରୀ ସହାୟତା ଅପେକ୍ଷାରେ ପପୁ

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଉଦଳା, (ନିରୁପମା ରଣା) :** ବାପା ମା'ଙ୍କର ସ୍ୱପ୍ନ ଥାଏ ବଡ ହେବ, ପରିଣତ ବୟସରେ ବାପା ମା'ଙ୍କର ସେବା କରିବ। ହେଲେ ଏଠିକାର ଚିତ୍ର କିନ୍ତୁ ଅଲଗା। ପୁଅ ଜନ୍ମ ହେଲା, କିନ୍ତୁ ଏବେ ଦିବ୍ୟାଙ୍ଗ ଥିବା ବେଳେ ବାପା ମା'ଙ୍କ ପାଇଁ ବୋଝ ହୋଇ ରହିଗଲା। ତଥାପି ସନ୍ତାନ ପାଇଁ ମା'ର ମମତା ଅମୁଲ ମୂଲ ସେଥିପାଇଁ ତ ପୁଅ କେବେ ସୁସ୍ଥ ହେବ ସେହି ଦିନଟିକୁ ଚାହିଁବସିଛି ମା'। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ କୋଳିଅଳମ ପଞ୍ଚାୟତର ଏ ହେଉଛି କୁସୁନପୁର ଗ୍ରାମ। ଏହି ଗ୍ରାମରେ ଗଣେଶ୍ୱର ପ୍ରଧାନଙ୍କ ପରିବାର ପୂର୍ବରୁ ବେଶ ହସଖୁସିରେ ଚାଲିଥିଲା। ପରିବାର କହିଲେ ସ୍ତ୍ରୀ ନୀଳନ୍ତି ପ୍ରଧାନ ଚାରି ଝିଅ ଓ ଗୋଟିଏ ପୁଅକୁ ନେଇ ସଂସାର। ବଡପୁଅ ପପୁ ପ୍ରଧାନ ଜନ୍ମରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଠିକ ଥିଲେ ହେଲେ ପାଞ୍ଚ ବର୍ଷ ପରେ ଏକ ଅଜଣା ରୋଗରେ ନା କଥା କହି ପାରିଲେ ନା ଚାଲି ପାରିଲେ। ପୁଅକୁ ଭଲ କରିବା ପାଇଁ ଘରେ ଯାହାକିଛି ଥିଲା ବାକି ଭାଙ୍ଗି ଚିକିତ୍ସା କରାଇଥିଲେ ମଧ୍ୟ ପୁଅ ଆଉ ଭଲ ହୋଇପାରି ନଥିଲା। ଅର୍ଥ ଅଭାବରୁ ପୁଅର ଚିକିତ୍ସା କରାଇ ନପାରି ଅଧା



ବାଟରେ ଅଟକି ଯାଇଥିଲେ ବାପା ମା'। ଗୋଟିଏପଟେ ପରିବାରର ଆର୍ଥିକ ବୋଝ ଓ ଅନ୍ୟପଟେ ପୁଅ ଚିକିତ୍ସା ପାଇଁ ଅର୍ଥ ବାଧକ ହୋଇଥିବା ବେଳେ ବାପା ମା' ଏବେ ନିରୁପାୟ। ବାପା ମା'ଙ୍କର କେତେ ଆଶା ଥିଲା ଆଉ କେତେ ସ୍ୱପ୍ନ। ବାପା ମା' ଡାକ ଶୁଣିବା ପାଇଁ ହେଲେ ପୁଅ ଏକ ଅଜଣା ରୋଗରେ ବର୍ଷ ପରେ ଆଉ ବାପା ମା' ଡାକିବା ତ ଦୂରର କଥା ଠିକ୍ ସେ ଚାଲିପାରିଲା ନାହିଁ କି କଥା ମଧ୍ୟ କହିପାରିଲା ନାହିଁ। ଏପରିକି ପୁଅର କଥା ଭାବି ଭାବି ବାପା ଗଣେଶ୍ୱର ପ୍ରଧାନ ଆଜି ମାନସିକ ରୋଗରେ ଆକ୍ରାନ୍ତ। ତଥାପି ଜୀବନ ଯୁଦ୍ଧରେ ହାରିଯାଇନାହାନ୍ତି ନୀଳନ୍ତି ପ୍ରଧାନ। ପରିବାର ଚଳେଇବା ପାଇଁ ବାହାରେ କାମ କରିବା ସହ ଖଲିପତ୍ର ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ମା'ର ମମତା ଅମୁଲମୂଲ। ସନ୍ତାନ ଯେମିତି ହେଉଥାଉନା କାହିଁକି ମା' ଆଗରେ ସବୁକିଛି ତୁଚ୍ଛ। ପୁଅର ଖାଇବା ଠୁ ଆରମ୍ଭ କରି ସବୁକିଛି କରିଥାନ୍ତି ମା ନୀଳନ୍ତି ପ୍ରଧାନ। ସରକାରଙ୍କର ଯୋଜନା ଅନେକ ହେଲେ ଏହି ପରିବାର ପାଇଁ ଯୋଜନା ପାଲଟିଛି ଅଭିଶପ୍ତ। ପପୁ ପ୍ରଧାନଙ୍କର ବୟସ ଏବେ ୧୩ ବର୍ଷ ହୋଇଥିଲେ ବେଳେ ସେ ଆଜିପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିବା ବେଳେ ଭିନ୍ନକ୍ଷମ ଭତ୍ତାଟିଏ ପାଇ ପାରିନଥିବା ବେଳେ ଚିକିତ୍ସା କଥା ପଚାରେ ବା କିଏ। ତେବେ ଏ ସମ୍ପର୍କରେ ଆମେ କପ୍ତିପଦା ବିଡିଓଙ୍କୁ ପପୁଙ୍କ ସମସ୍ୟା ବିଷୟରେ ଅବଗତ କରାଇଥିବାବେଳେ ଆବଶ୍ୟକୀୟ କାଗଜପତ୍ର ପାଇବା ପରେ ସବୁକିଛି ସମସ୍ୟାର ସମାଧାନ କରିବେ ବୋଲି ବିଡିଓ ସତ୍ୟନାଥ ନାୟକ ପ୍ରତିଶ୍ରୁତି ଦେଇଛନ୍ତି।

# କୋଭିଡ୍ ନିୟମ ମାନିବାକୁ ଡିଜିପିଙ୍କ ପରାମର୍ଶ




**ଭୁବନେଶ୍ୱର :** ଦିନକୁ ଦିନ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କରୋନା ସଚେତନତା ନେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ରାଜ୍ୟବାସୀଙ୍କୁ ସମ୍ବୋଧନ କରିଛନ୍ତି। ଏହି ଅବସରରେ କରୋନା କଟକଣା ମାନିବାକୁ ଡିଜିପି ଅଭୟଙ୍କ ନିବେଦନ କରିଛନ୍ତି। ଡିଜିପି ଅଭୟ କହିଛନ୍ତି ଯେ, କୋଭିଡ୍ କଟକଣା ପାଇଁ ପଦକ୍ଷେପ ରାଜ୍ୟରେ କଡା ପଦକ୍ଷେପ ଗ୍ରହଣ କରାଯାଇଛି। କୋଭିଡ୍ କଟକଣା ମାନିଲେ ମହାମାରୀ କରୋନାର ମୁକାବିଲା କରିହେବ। କରୋନା କଟକଣା ପାଳନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ା ଓ ସଚେତନତା ସୃଷ୍ଟି କରାଯାଉଛି। ମାସ୍କ ପିନ୍ଧନ୍ତୁ ଓ ସାମାଜିକ ଦୂରତା ପାଳନ କରନ୍ତୁ। ଏପ୍ରିଲ ୨୦୨୧ରେ ମାସ୍କ ନପିନ୍ଧିଥିବା ଦେଢ଼ଲକ୍ଷ ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ୫ କୋଟି ୬୬ଲକ୍ଷ ୬୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୩୫୦ ଦୋକାନ ଓ ଶିକ୍ଷାନୁଷ୍ଠାନ ସିଲ୍ ହୋଇଛି। ଚଳିତ ମାସରେ କୋଭିଡ୍ କଟକଣା ଉଲ୍ଲଘଂନ ଅଭିଯୋଗରେ ୪୧୮ ଜଣଙ୍କୁ ଗିରଫ କରାଯାଇଛି ଏବଂ ୧୮ ହଜାରରୁ ଅଧିକ ଗାଡି ଜବତ ହୋଇଛି। ୧୩ ଶହରୁ ଅଧିକ ଅବକାରୀ ମାମଲା ରୁଜୁ ହୋଇଛି। କରୋନା କଟକଣା ଉଲ୍ଲଘଂନ ଅଭିଯୋଗରେ ଜନସାଧାରଣଙ୍କୁ ଗିରଫ କରିବା କିମ୍ବା ସେମାନଙ୍କଠାରୁ ଜୋରିମାନା ଆଦାୟ କରିବା ପାଇଁ ଆଦୌ ଚାହୁଁନାହିଁ। ଚୋରଙ୍କ ଧରିବା କିମ୍ବା କୌଣସି ଅପରାଧୀକୁ ଲୋକଲୋଚନକୁ ଆଣି ଅପରାଧୀଙ୍କୁ ଚିହ୍ନଟ କରିପାରିଲେ ପୋଲିସ ପ୍ରଶାସନକୁ ସନ୍ତୋଷ ମିଳିଥାଏ। ତେବେ ଦେଶ ତଥା ରାଜ୍ୟର ହିତ ଦୃଷ୍ଟିରୁ ପୋଲିସ କୋଭିଡ୍ ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ତେଣୁ ଆପଣମାନେ ସମସ୍ତେ କୋଭିଡ୍ ନିୟମପାଳନ କରନ୍ତୁ ଏବଂ ରାଜ୍ୟରେ ଜାରି ହୋଇଥିବା ସପ୍ତାହନ୍ତ ସଟ୍‌ଡାଉନ୍ ଓ ନାଇଟ୍ କର୍ଫ୍ୟୁ ମାନନ୍ତୁ ବୋଲି ଡିଜିପି ଅଭୟ ଆହ୍ୱାନ ଦେଇଛନ୍ତି। ତେବେ ଗତ କିଛିଦିନ ଧରି ଉପରମୁହାଁ କରୋନା ଗ୍ରାଫ ରାଜ୍ୟବାସୀଙ୍କ ଚିନ୍ତା ବଢ଼ାଉଥିବା ବେଳେ ଆଗରେ ରହିଛି ଖୋର୍ଦ୍ଧା ଜିଲ୍ଲା। ଏହି ଜିଲ୍ଲାରୁ ଦୈନିକ ହଜାର ହଜାର ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ଲୋକାଲ୍ କେସ୍ ବହୁତ ରହୁଛି।

## ମୃତ କରୋନା ଯୋଦ୍ଧାଙ୍କ ପାଇଁ ରାଜ୍ୟ ସରକାରଙ୍କ ଘୋଷଣା

# ପରିବାରକୁ ମିଳିବ ୫୦ଲକ୍ଷ

**ଭୁବନେଶ୍ୱର :** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମୃତ କରୋନା ଯୋଦ୍ଧାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବେ। ପ୍ରଥମ ପର୍ଯ୍ୟାୟ କରୋନା ସଂକ୍ରମଣ ବେଳେ ରାଜ୍ୟ ସରକାର ମୃତ କରୋନା ଯୋଦ୍ଧାଙ୍କୁ ଏହି ଆର୍ଥିକ ସହାୟତା ଦେବାକୁ ନିଷ୍ପତ୍ତି ନେଇଥିଲେ ଓ ଏବେ ପୁଣିଥରେ କରୋନା ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାରୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କରୋନା ମୁକାବିଲାରେ ସମ୍ପୃକ୍ତ ଥିବା ବ୍ୟକ୍ତି ଅବା କର୍ମଚାରୀ ମାନଙ୍କର ମୃତ୍ୟୁ ହେଲେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ପ୍ୟାକେଜରେ ସେମାନଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ବୀମା ରାଶି ମିଳିବ। ଆଉ ଯେଉଁ ମୃତ କରୋନା ଯୋଦ୍ଧାମାନେ ଏହି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ବୀମା ରାଶି ପାଇବାକୁ ହକ୍‌ଦାର ହେବେନି ସେମାନଙ୍କୁ ରାଜ୍ୟ ସରକାର ନିଜ ପାଣ୍ଠିରୁ ମଧ୍ୟ



୫୦ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବେ। ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ ହୋଇଥିବା କର୍ମଚାରୀମାନେ ଯଦି କୋଭିଡ୍ ମୁକାବିଲା ବେଳେ ପ୍ରାଣ ହରାଇବେ ଓ ସେମାନେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ନଥିବେ ତା'ହେଲେ ସେମାନଙ୍କ ପରିବାରର ସଦସ୍ୟଙ୍କୁ ୫୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଓଡ଼ିଶା ସରକାର ଯୋଗାଇ ଦେବେ। ଏଥିପାଇଁ ୨୦୨୦ ଜୁଲାଇ ୨୯ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ଜାରି କରିଥିବା ନିର୍ଦ୍ଦେଶନାମା ଅପରିବର୍ତ୍ତିତ ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି।

## ଆଗରପଡ଼ା-ବରପଦା ପୂର୍ତ୍ତ ବିଭାଗ ରାସ୍ତା


# ମରାମତି ନ ସରୁଣୁ ଫାଟିଲା

**ଭଦ୍ରକ :** ଭଦ୍ରକ ଜିଲ୍ଲାର ପୂର୍ତ୍ତ ବିଭାଗ ଅଧିନସ୍ଥ ଆଗରପଡ଼ା-ବରପଦା ରାସ୍ତାଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ଯାନବାହନ ସମେତ ଅନ୍ୟାନ୍ୟ ଗାଡ଼ିମଟର ଚଳାଚଳ କରିଥାଏ। ତେଣୁ ଉକ୍ତ ରାସ୍ତାର ଗୁରୁତ୍ୱକୁ ନେଇ ବିଭାଗ ତରଫରୁ ଗତ ୨୦୧୫ ମସିହାରେ ୧୯ କୋଟି ଟଙ୍କା ମଂଜୁର ଅର୍ଥରେ ରାସ୍ତା ନିର୍ମିତ ହୋଇଥିଲା। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଯୋଗୁଁ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରାଯାଉନଥିବାରୁ ରାସ୍ତା ମରାମତି ସରୁସରୁ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସି ଗମନାଗମନରେ ବାଧା ସୃଷ୍ଟି କରୁଥିବାର ଦେଖିବାକୁ ମିଳୁଛି। ଗତ ମାସରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇ ଥିବା ବେଳେ ଏହା ନସରୁଣୁ ଜାମବଣି ଠାରୁ ବରପଦା ପର୍ଯ୍ୟନ୍ତ ମରାମତି ହୋଇଥିବା ରାସ୍ତା ପୁଣି ଫାଟି ଯିବା ସହ, ଉଭୟ ପାର୍ଶ୍ୱ ଦବି ଯାଇ



ଗମନାଗମନରେ ବିପଦ ସୃଷ୍ଟି କରୁଛି। ରାସ୍ତାର ମଝିରେ ମଝିରେ ଗାତ ମଧ୍ୟ ସୃଷ୍ଟି ହୋଇଛି। ଏହିପରି ହେବାର କାରଣ ବୁଝିବାରୁ ଉକ୍ତ ବ୍ୟସ୍ତ ବହୁଳ ରାସ୍ତାରେ ସରକାରୀ ନିୟମକୁ ନମାନି ଭାରିଯାନ ଦାର୍ଯ୍ୟ ଓଜନଠାରୁ ଅଧିକ ଓଜନର ମାଲ ନେବା ଆଣିବା କରୁଥିବାରୁ ମାଟିର ଆଦ୍ରତାନୁସାରେ ରାସ୍ତା ଅବସ୍ଥା ଏହିପରି ହେଉଥିବାର ଜଣାପଡ଼ିଛି। ସେହିପରି କାଦବରାଙ୍ଗ ବଜାର ଠାରୁ କାଦବରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପାଖାପାଖି ୪୫୦ମିଟର କଂକ୍ରିଟ ନିର୍ମିତ ରାସ୍ତାର ରକ୍ଷରାବେକ୍ଷଣ ଠିକ୍ ଭାବେ ହୋଇନଥିବାରୁ ବର୍ତ୍ତମାନ ରାସ୍ତା ମଝିରୁ ଦୁଇଫାଳ ହୋଇଯାଇଛି। ଯଦ୍ୱରା ସାଇକେଲ କିମ୍ବା ମୋଟରସାଇକେଲ ଆରୋହୀ ରାସ୍ତାରେ ଯିବାକୁ ନିରାପଦ ମଣୁ ନାହାନ୍ତି। ଟିକେ ଅସାବଧାନତାରେ ଗାଡ଼ିଚକା ଫାଟିଥିବା ରାସ୍ତାରେ ପସି ଦୃର୍ଘଟଣା ଘଟିବ ଏଥିରେ ସନ୍ଦେହ ନାହିଁ। ତେଣୁ ରାସ୍ତାଟିର ମରାମତି ଭିତରେ ଉପରୋକ୍ତ ସମସ୍ୟା ଉପରେ ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ସଂପୃକ୍ତ ଠିକାଦାରକୁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେବାକୁ ସ୍ଥାନୀୟ ଅଂଚଳବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୩ - ୦୯ ମଇ, ୨୦୨୧


# ପରିଶେଷରେ ଅସହାୟତା



ସମ୍ପାଦକୀୟ

ତାରକ ମହାନ୍ତି

**ଜୀ**ବନ ଏକ ସୂକ୍ଷ୍ମ ଜିଜ୍ଞାସା ଯାହାକୁ ସହଜରେ ବୁଝିହୁଏ ନାହିଁ। ଏଥିପାଇଁ ଯୁଗ ପରେ ଯୁଗ ବିତିଯାଏ ସିନା, ବାସ୍ତବରେ ଜୀବନର ମୂଳ ଆଧାର, ଲକ୍ଷ୍ୟ, ଆରମ୍ଭ ଓ ଅନ୍ତିମ କ୍ଷଣ ବୁଝିବା ବାସ୍ତବିକ କଷ୍ଟକର। ସ୍ଥୂଳ ଭାବେ ଆମେ ଯେଉଁ ଜୀବନ ଭୋଗକରୁ ଓ ଏହାର ଆଦ୍ୟ ଭୂମି କେଉଁଠାରେ ତାହା ଅନୁମାନ ସାପେକ୍ଷ ହୋଇଥିଲା ବେଳେ ଏ ସମ୍ପର୍କରେ ଏକ ସିଦ୍ଧାନ୍ତରେ ପହଞ୍ଚିବା ବା ସଠିକ୍ ନିର୍ଣ୍ଣୟ ନେବା ବୋଧହୁଏ ଜଟିଳ ପ୍ରକ୍ରିୟା। ଏଥିପାଇଁ ଆଦି ମାନବ ଯୁଗରୁ ଯଦିଓ ଜିଜ୍ଞାସା ଥିବ ତଥାପି ଏହା ଉପରେ ଗବେଷଣା କରିବାର ପରମ୍ପରା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ଯେଉଁ ଆଧାରରେ ମଣିଷ ସମୟ କ୍ରମେ ବୁଦ୍ଧି ବିଦ୍ୟାର ପ୍ରୟୋଗ ଜରିଆରେ କିଛି କିଛି ତଥ୍ୟ ହାସଲ କରିଚାଲିଛି, ତାହା ହୁଏତ ସମ୍ପୂର୍ଣ୍ଣ ପ୍ରସଙ୍ଗର ଶେଷ ନିଷ୍ପତ୍ତି ହୋଇନପାରେ। ଆମର ପ୍ରାଚୀନତା ଆଧାରରେ ଏହାକୁ ବିଶ୍ଳେଷଣ କଲେ ଯାହା ଜଣାପଡ଼େ, ମୁନି ଋଷିମାନେ ହଜାର ହଜାର ବର୍ଷ ପୂର୍ବରୁ ବ୍ରହ୍ମାଣ୍ଡ ବିଷୟରେ ଜାଣିବା ଓ ଜୀବନର ଅସଲ ସ୍ୱରୂପକୁ ଚିହ୍ନିବା ପାଇଁ ଅହରହ ତପସ୍ୟାରେ ମଗ୍ନ ରହୁଥିଲେ। ସେମାନଙ୍କ ଦିବ୍ୟ ଦୃଷ୍ଟିଭଙ୍ଗୀ, ଜିଜ୍ଞାସାର ତାକତ ହିଁ ସାଧନାର ଶ୍ରେଷ୍ଠ ଅସ୍ତ୍ର ଭାବେ କାର୍ଯ୍ୟ କରୁଥିବାର ଜଣାପଡ଼େ। କଠିନ ପଥର ଦେହରୁ ଧାତବ ସଂଗ୍ରହ କରିବାର ଜଟିଳ ମାଧ୍ୟମ ଭଳି ଜୀବନ ଜିଜ୍ଞାସା ଏକ ଦୁର୍ଲଭ ସୋପାନ ଅଟେ। ତେଣୁ ଯେଭଳି କଠୋର ତପସ୍ୟା ବିନା ସାଧନାରେ ସିଦ୍ଧିପ୍ରାପ୍ତ ହୋଇନଥାଏ, ସେଇଭଳି ଜୀବନକୁ ଜାରିବା ନିମନ୍ତେ ଯେଉଁ ତପସ୍ୟାର ଓ ଜିଜ୍ଞାସାର ଆବଶ୍ୟକତା ରହିଛି, ତାହାକୁ ସୂକ୍ଷ୍ମରୁ ସୂକ୍ଷ୍ମତାର କରିବାକୁ ପଡ଼ିଥାଏ। ତେଣୁ ବିଦ୍ୱାନ ହେବା ଯେତିକି ସହଜ ମନେହୁଏ ବାସ୍ତବରେ ଏଥିପାଇଁ ଯେଉଁ କଠୋର ସାଧନା ରହିଛି ତାହାକୁ ବୁଝିବାକୁ ପଡ଼ିବ। ବର୍ଷବର୍ଷର ନିଷ୍ଠାପର ଅଧ୍ୟୟନ, ଅନୁଶୀଳନ ପରେ ଜ୍ଞାନର ପରିସୀମା ବୃଦ୍ଧି ଘଟିଥାଏ। ଯଦ୍ୱାରା ଜଣେ ବ୍ୟକ୍ତି ନିଜ ଅଭିବ୍ୟକ୍ତିରେ ଏହି ଜ୍ଞାନର ପ୍ରୟୋଗ କରିବା ଦ୍ୱାରା ତାହା ସମାଜ ଉପରେ ପ୍ରତିଫଳନ ପକାଇଥାଏ। ବିଜ୍ଞତା କେବଳ ଆଭିଧାନିକ ଶବ୍ଦରେ ସୀମିତ ନଥାଏ। ଏହାର ବ୍ୟାପକତା ସୁଦୂରପ୍ରସାରି। ତେଣୁ ଆତ୍ମାନୁଶୀଳନ ଜରିଆରେ ଜୀବନ ଦର୍ଶନର ପ୍ରକୃତ ମୂଲ୍ୟବୋଧ ବୁଝିବାର ଯେଉଁ ଜ୍ଞାନ ଦରକାର, ତାହା ଜିଜ୍ଞାସୁ ଓ ବୌଦ୍ଧିକ ସତ୍ତାଧାରୀ ବ୍ୟକ୍ତି ସହଜରେ ଆକଳନ କରି ସେହି ଅନୁସାରେ ଜୀବନର ଗତିପଥ ନିର୍ଦ୍ଧାରଣ କରିପାରନ୍ତି। ନିର୍ଦ୍ଧାରିତ ପଥ ଅନୁସରଣ ମାଧ୍ୟମରେ ଯଥାସମ୍ଭବ ସମାଜ ସୁଧାରିବା ଦିଗରେ କାର୍ଯ୍ୟ କରୁଥିବା ସାଧକ, ଗବେଷକ, ବିଜ୍ଞାନୀ ଓ ସଂସ୍କାରକ ମାନେ ଅହରହ ତ୍ୟାଗର ପରାକାଷ୍ଠା ଦେଖାଇ ଆସିଛନ୍ତି। ବୟାନବାଜି ଅପେକ୍ଷା କର୍ତ୍ତବ୍ୟରେ ଟାଣପଣ ରଖିବା ଭଳି ନିଷ୍ପତ୍ତି କଠୋର ହୋଇଥିଲେ ବି ଏଥିସହ ଏକମତ ହେଉଥିବା ବ୍ୟକ୍ତିଙ୍କ ଧୈର୍ଯ୍ୟଶକ୍ତି ହିଁ ଏହା ଜରିଆରେ ପ୍ରତିପାଦିତ ହୁଏ। ଯେଉଁ ଲକ୍ଷ୍ୟ ନେଇ ମଣିଷ ଧରାପୃଷ୍ଠରେ ଅବତରଣ କରିଥାଏ, ସେମାନଙ୍କ ମଧ୍ୟରେ ମାତ୍ର କତିପୟ ବ୍ୟକ୍ତି ଜୀବନକୁ ଉଚିତ ମାର୍ଗରେ ନେବାକୁ ସକ୍ଷମ ହୋଇଥାନ୍ତି। ଅର୍ଥ, ମାନ, ଯଶ ଅପେକ୍ଷାରେ ନରହି ମାଟି ଉପରେ ମଣିଷର ପ୍ରକୃତ କାର୍ଯ୍ୟ କଣ ଓ ଏଥିରେ ପ୍ରକୃତି ପାଇଁ କେତେ ସୁଫଳ ରହିଛି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଈଶ୍ୱରଙ୍କ ନିର୍ଦ୍ଦେଶିତ ମାର୍ଗ ଅନୁସରଣ ବ୍ୟତିରେକ ମଣିଷ ଯେତେବେଳେ ସ୍ୱାର୍ଥରେ ଅନ୍ଧ ହୋଇଯାଏ, ସେତେବେଳେ ସମାଜ, ପ୍ରକୃତି ଉପରେ ଏହାର କୁପରିଣାମ ଦେଖିବାକୁ ମିଳେ। ଯେତେବେଳେ ସମସ୍ୟାର ପାହାଡ ମଣିଷର ଗତିପଥ ଅବରୋଧ କରିବାକୁ ଲାଗେ, ସେତେବେଳେ ଅନନ୍ୟୋପାୟ ମଣିଷ ପୁଣିଥରେ ଈଶ୍ୱରଙ୍କ ପ୍ରଦତ୍ତ ପଥ କଥା ଚିନ୍ତା କରିଥାଏ। ହେଲେ ସେ ନିଜ ଅଜ୍ଞାତସାରରେ ଏତେମାତ୍ରାରେ ଭୁଲ ରାସ୍ତାରେ ପାଦ ଦେଇସାରିଥାଏ ଯେ, ସେଠାରୁ ପୁଣିଥରେ ପଛକୁ ଫେରିବା ସମ୍ଭବପର ହୋଇନଥାଏ। କାରଣ ପାଦ ହେଉ କି ତ୍ରୁଟି ଏହା ଥରେ ଆରମ୍ଭ ହୋଇଗଲେ ଗତି ତୀବ୍ର କରିଥାଏ। ପ୍ରକୃତିର ନିୟମ ଅନୁସାରେ ଖରାପ କାର୍ଯ୍ୟର ବ୍ୟାପକତା ଭଲ କାର୍ଯ୍ୟଠାରୁ ବେଶ ପ୍ରଭାବୀ ଢଙ୍ଗରେ ଗତିକରେ। ଅଥଚ ଭଲ କାର୍ଯ୍ୟ ଧୀରେ ଧୀରେ ସମ୍ପାଦିତ ହୋଇ ଲୋକଲୋଚନକୁ ଯିବା ପାଇଁ ଅଧିକ ସମୟ ନେଇଥାଏ। ସ୍ୱାର୍ଥୀ ମଣିଷମାନେ ତେଣୁ ସହଜ ରାସ୍ତାଟିକୁ ଉପଯୁକ୍ତ ମନେକରି କଠୋର ତପସ୍ୟାର ମାର୍ଗଟିକୁ ତୁଚ୍ଛ କରିଦିଅନ୍ତି। ଏହାର କାରଣ ହେଉଛି ବସ୍ତୁବାଦର ମୋହ। ଯେଉଁ ମୋହ ଅଚାନକ ମଣିଷକୁ ପ୍ରତିଷ୍ଠିତ କରିଥାଏ, ହେଲେ ଶାନ୍ତି ପ୍ରଦାନ କରିନଥାଏ। ସେଭଳି ହୋଇଥିଲେ ଦସ୍ୟୁ ରତ୍ନାକର ବାଲ୍ମୀକି ହୋଇନଥାନ୍ତେ। ଖରାପ ମଣିଷ ହୋଇ ସମାଜରେ ବଞ୍ଚିବାକୁ ଅଳ୍ପ ସଂଘର୍ଷ କରିବାକୁ ପଡୁଥିଲା ବେଳେ ଭଲ ମଣିଷ ହେବା ଖୁବ କଷ୍ଟକର। ତେଣୁ ଅନେକ ସହଜ ପଥ ବାଛିନେଇ ପରବର୍ତ୍ତୀ ଜୀବନରେ ଦୁଃଖ ଜଞ୍ଜାଳ ମଧ୍ୟରେ ଘାଣ୍ଟି ହୁଅନ୍ତି। ଅଥଚ ସାଧୁ ସନ୍ଥ ଓ ବିବେକବାନ ବ୍ୟକ୍ତି ନିଜର ତ୍ୟାଗ ଓତପସ୍ୟା ବଳରେ ଦୈବୀ କୃପାର ଲାଭ ପାଆନ୍ତି। ଏତିକି ବୁଝିବା ପାଇଁ ମଣିଷ ବାରମ୍ବାର ଜନ୍ମ ନେଉଥିଲେ ବି କର୍ମଫଳ ଅନୁସାରେ ବଞ୍ଚିବାକୁ ସତେ ଯେମିତି ବାଧ୍ୟ। ସତ୍ୟର ଅପଳାପ କରି ଅନ୍ୟାୟ ଭାବେ ଉପାର୍ଜନ କେବେ କାହାକୁ ଶାନ୍ତି, ମୁକ୍ତି ଦେଇପାରେନାହିଁ। ଭଗବତ ଚିନ୍ତନ ଓ ଦର୍ଶନ ମାଧ୍ୟମରେ ଜୀବନର ମୂଳ ଉଦ୍ଦେଶ୍ୟ ସାଧିତ କରିବା ଲକ୍ଷ୍ୟ ହିଁ ଜୀବନର ପ୍ରକୃତ ଲକ୍ଷ୍ୟ ବୋଲି ବୁଝିପାରିବା ଦ୍ୱାରା ଆମ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସିଥାଏ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମାଧ୍ୟମରେ ଆମେ ହୁଏତ ଅନେକ ଧନ ସମ୍ପତ୍ତି ଅର୍ଜନ କରିପାରିବା। ହେଲେ ଏଥିରେ ଆତ୍ମଶୋଧନ ଓ ଶାନ୍ତି କେତେ? ଯେଉଁ ଦିବ୍ୟଦ୍ରଷ୍ଟାମାନେ ଜୀବନରେ ଶାନ୍ତିର ସନ୍ଧାନ ପାଇସାରିଛନ୍ତି, ଆମକୁ ସେହି ପଥ ଅନୁସରଣ କରିବାକୁ ପଡ଼ିବ। ସନ୍ଧାନ କରିବାକୁ ପଡ଼ିବ ଯେ, ଅନ୍ତର୍ନିହିତ ଶକ୍ତି ଉତ୍ପନ ପାଇଁ ଶରୀର ଓ ଆତ୍ମା କିଭଳି ନିର୍ମଳ କରିବାକୁ ପଡ଼େ ଓ କେଉଁ କାର୍ଯ୍ୟ କରିବା ଉଚିତ କେଉଁଟା ବର୍ଜନୀୟ ତାହା ବୁଝିନେବାକୁ ହେବ। ଯେଉଁମାନଙ୍କୁ ଯୋଗଜନ୍ମା କୁହାଯାଉଛି, ଏହା ପଛରେ ସତ୍ୟ କଣ ତାହାର ଅନୁସନ୍ଧାନ କରି ଈଶ୍ୱରୀୟ ଭାବନାରେ ନିମଗ୍ନ ରହିବା ହିଁ ଅସଲ ବୌଦ୍ଧିକତା। ଯାହା ଆମକୁ ତ୍ୟାଗ ପଥରେ ଯିବା ପାଇଁ ଅନୁପ୍ରେରିତ କରିଥାଏ। ପ୍ରତ୍ୟେକ ସଫଳ ବ୍ୟକ୍ତି ପଛରେ ଯେଉଁ ପ୍ରେରଣା ରହିଛି, ତାହାର ଗଭୀରତା ଓ ବାସ୍ତବତା ଅନୁଶୀଳନ ମଧ୍ୟ ସାଧୁ ଚିନ୍ତନ। ସାମୟିକ ଲୋଭର ବଶବର୍ତ୍ତୀ ବା ଉତ୍ତେଜନା ଆଧାରରେ ଆମେ ଅନେକ କିଛି ଭୁଲ କରିଥାଉ ହେଲେ ଉକ୍ତ କୁକାର୍ଯ୍ୟର ଫଳ ଯେତେବେଳେ ଆମକୁ ପ୍ରାପ୍ତ ହୁଏ, ଏହାକୁ ଆମ ପକ୍ଷେ ଗ୍ରହଣ କରିବା ସହଜ ହୋଇନଥାଏ। ଏଣୁ ଏଥିରେ ମନସ୍ତାପ ବଢ଼ିବା ସ୍ୱାଭାବିକ ହୋଇପଡ଼େ। କାରଣ ନିଜ କର୍ମର ପ୍ରାୟଶ୍ଚିତ କରିବାକୁ ସମୟ ନଥିବାରୁ ଏଭଳି ଚିନ୍ତା ଏଭଳି ବ୍ୟଥିତ କରେ ଯେ, ଜଣେ ବ୍ୟକ୍ତି ଚିନ୍ତାରେ ଚିନ୍ତାରେ ହୁଏତ ମରିଯାଇପାରେ। ମାନବିକତା ଆଧାରରେ ଜୀବନ ଗତିଶୀଳ ନହେଲେ ଯେଉଁ ଅଦୃଶ୍ୟ ବିପଦ ଆବିର୍ଭାବ ହୁଏ ଏବଂ ଏହାର ଭୟଙ୍କର ପରିଣାମ ମଣିଷକୁ ଦ୍ୱନ୍ଦ୍ୱାତ୍ମକ ସ୍ଥିତିକୁ ନେଇଯାଏ, ସେତେବେଳେ ଅସହାୟତା ବ୍ୟତୀତ ନିଜ ପାଖରେ କିଛି ଆଉ ନଥାଏ।


## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# କରୋନାରୁ ଆମେ ଶିଖିଲୁ କ'ଣ ?



ସୌମେନ୍ଦ୍ର ଜେନା

କୋରୋନାର ଦ୍ୱିତୀୟ ଲହରୀ ସମଗ୍ର ଦେଶରେ ଆସିବା ପରେ ଏଥିରୁ ଯେ ରାଜ୍ୟ ସରକାରମାନେ ଆଦୌ ଅଧିକ କିଛି ଶିକ୍ଷା କରିପାରିନାହାନ୍ତି ତାହା ଜଣାପଡ଼ିଛି। ଗତବର୍ଷ କୋରୋନାର ସମ୍ଭାବ୍ୟ ସଟଡାଉନ୍ ଏବଂ ଲକ୍‌ଡାଉନ ପରି କଠୋର ପଦକ୍ଷେପ ନେବାବେଳେ ଏହି ସବୁ ରାଜ୍ୟ ସରକାରଗଣ ଏବଂ ସେମାନଙ୍କ ପ୍ରଚାର ବାହିନୀ ଅନ୍ତର୍ଗତ ଟିଭି, ଖବରକାଗଜରେ କେନ୍ଦ୍ର ସରକାରଙ୍କ ଶ୍ରାଦ୍ଧ କରାଯାଇଥିଲା। ଏବେ କେନ୍ଦ୍ର ସରକାର ଏପରି ପଦକ୍ଷେପ ନେବାକୁ ନିଜ ଆଡୁ ନିର୍ଦ୍ଦେଶ ନଦେଇ ରାଜ୍ୟ ସରକାରଙ୍କ ଉପରେ ଛାଡି ଦେବାପରେ ନିଜ ଦୋଷଗୁଣକୁ ଲୁଚାଇବାଲାଗି ପ୍ରଚାର ବାହିନୀଗୁଡ଼ିକ ଏବେ ନୂଆ ଢଙ୍ଗରେ ଦୋଷ ଦେବା ଆରମ୍ଭ କରିଦେଇଛନ୍ତି। ଦେଶରେ ଅଯଥା ଭୟ ସୃଷ୍ଟି କରିବାକୁ ମଶାଣିରେ ଜଳୁଥିବା ଚିତା ହେଉ ଅଥବା କେଉଁଠି ସଂଖ୍ୟାଧିକ ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକର ପ୍ରବେଶକୁ କରିବା ନେଇ ହେଉ, କିମ୍ବା ଅକ୍ସିଜେନ ଓ ବେଡ ନମିଳିବା ପରି ବିଷୟକୁ ନେଇ ଢେର ଆଲୋଚନା ହେଉଛି। ଗତବର୍ଷ ଯେତେବେଳେ କୋରୋନା ପ୍ରକୋପ ଦେଖାଇଲା ସେ ସମୟରେ ଦେଶରେ ପ୍ରସ୍ତୁତି କମଥିଲା ବୋଲି କେନ୍ଦ୍ର ସରକାର କଠୋର ପଦକ୍ଷେପ ନେଇ ରାଜ୍ୟମାନଙ୍କରେ ପ୍ରସ୍ତୁତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଏପରିକି ଲକ୍‌ଡାଉନ୍ ସମୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାସନକାର୍ଡଧାରୀମାନଙ୍କୁ ମାସିକ ସହାୟତା ଯୋଗାଇ ଦେଇଥିଲେ। ଗ୍ରାମାଞ୍ଚଳରେ ରୋଗର ସମ୍ମୁଖୀନ ହେବାପାଇଁ କ୍ୱାରେଣ୍ଟାଇନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ମଧ୍ୟ ଅର୍ଥ ଯୋଗାଇ ଦିଆଯାଇଥିଲା। ସଂକ୍ରମଣ ସମୟରେ ବାହ୍ୟ ସଂକ୍ରମିତ ବ୍ୟକ୍ତି ଯେମିତି ଗ୍ରାମାଞ୍ଚଳରେ ପ୍ରବେଶ କରି ନପାରିବେ ସେଥିପ୍ରତି ପ୍ରତିଟି ପଞ୍ଚାୟତରେ ନଜର ରଖାଯାଉଥିଲା। ଅଥଚ ଏବେ ଦ୍ୱିତୀୟ ଲହର ବେଳେ ସେହିସବୁ ଅନୁଷ୍ଠାନଗୁଡ଼ିକର ସକ୍ରିୟତା ସେପରି ଥିଲାପରି ମନେ ହେଉନାହିଁ। ପଞ୍ଚାୟତଗୁଡ଼ିକରେ ସଚେତନତା ଏବଂ ଦ୍ୱିତୀୟ ଲହରର ନୂଆରୂପ ସଂକ୍ରାନ୍ତରେ ଲୋକଙ୍କୁ ପ୍ରସ୍ତୁତ କରିବା ପାଇଁ ସକ୍ରିୟ ପଦକ୍ଷେପ ନିଆଯିବା ଦୃଷ୍ଟିରେ ପଡୁନାହିଁ।

ବିଗତ ବର୍ଷ ରାଜ୍ୟ ସରକାରମାନଙ୍କୁ କୋରୋନାର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ପାଇଁ ଯେଉଁସବୁ ସହାୟତା ଯୋଗାଇ ଦିଆଯାଇଥିଲା ସେସବୁର ସଠିକ୍ ଉପଯୋଗ ହୋଇନଥିବା ନେଇ ଅନେକ ଅଭିଯୋଗ ହୋଇଥିଲା, ଯାହାର ସମାଧାନ ଏ ଯାଏଁ ହୋଇପାରିନାହିଁ। ଦେଶରେ ସେତେବେଳେ ସର୍ବାଧିକ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ର ଥିଲା,ଏବେ ମଧ୍ୟ ରହିଛି। ଏବେ ଦୈନିକ ସତୁରୀ ହଜାର ପାଖାପାଖି ସଂକ୍ରମିତଙ୍କୁ ନେଇ ମହାରାଷ୍ଟ୍ର ପୃଥିବୀରେ ରେକର୍ଡ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ ଗତବର୍ଷର ଲୋକଙ୍କ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୧୮୦ଟନ ଡାଲିକୁ ଲୋକଙ୍କୁ ଆଜିଯାଏ ମୁମ୍ବାଇରେ ବଣ୍ଟନ କରାନଯିବାରୁ ସେସବୁ ପୋକଖାଇ ନଷ୍ଟ ହେବାକୁ ବସିଲାଣି। ଲୋକେ ଦୁଇମାସ ଧରି ଏହି ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ଶୁଣିବାକୁ ନାହିଁ। ଅଥଚ ଖବରକାଗଜରେ କୁହାଯାଉଛି ଯେ ଉଦ୍ଧବଙ୍କ ଦାବିକୁ କେନ୍ଦ୍ର ସରକାର ଶୁଣୁନାହାନ୍ତି। ସୁଶାନ୍ତ ସିଂହ ରାଜପୁତଙ୍କ ଆତ୍ମହତ୍ୟାଠାରୁ ପୋଲିସ ଅଧିକାରୀ ବାଜେଙ୍କ ଦୁର୍ନୀତିକୁ ନେଇ ମହାରାଷ୍ଟ୍ର ସରକାର ଆଜିଯାଏ ସଙ୍କଟ ମଧ୍ୟରେ ରହିଛି। ଚାନ୍ଦା ଆଦାୟ ପାଇଁ ପୋଲିସ ଅଧିକାରୀଙ୍କୁ ଆଦେଶ ଦେଇ ରାଜ୍ୟର ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ଇସ୍ତଫା ଦେବାକୁ ହୋଇଛି। ଡ୍ରଗ୍ସ ମାଫିଆଙ୍କୁ ସୁରକ୍ଷା ଦେବାକୁ ଯାଇ ରାଜ୍ୟ ସରକାର ଆଜିଯାଏ ଗୋଟିଏ ପରେ ଗୋଟିଏ କରି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇ ଚାଲିଛନ୍ତି। ସେମିତି କୋରୋନା କାଳରେ ପରିଚାଳନାଗତ ଅପାରଗତାକୁ ଲୁଚାଇବାକୁ କେବେକେବେ ଅଧିକ ଟିକାକରଣ ପାଇଁ ଦାବି ହେଉଛି। ଏଠାରେ କହିରଖିବା ଉଚିତ ହେବେ ଯେ ଦେଶର ଟିକା ଉତ୍ପାଦନ କ୍ଷମତା ଅନୁସାରେ ଯଦି ସବୁ ଟୀକା କେବଳ ଦେଶରେ ଉପଯୋଗ କରାଯାଏ ତେବେ ସମସ୍ତଙ୍କୁ ଟିକାଦେବାକୁ ପ୍ରାୟ ଦେଢବର୍ଷ ସମୟ ଲାଗିବ। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କୁ ମାଗଣା ଟିକା ଦେବା ସପକ୍ଷରେ କେନ୍ଦ୍ର ସରକାର ନାହାନ୍ତି। କାରଣ ଟିକା ସଂକ୍ରମଣର ଏକମାତ୍ର ସମାଧାନ ନୁହେଁ। ତାହା ନେବାପରେ ମଧ୍ୟ ନୂଆ ନୂଆ ପ୍ରକାର କୋରୋନା ଭୂତାଣୁ ଭବିଷ୍ୟତରେ ସଂକ୍ରମଣ କରିବାର ଆଶଙ୍କା ରହିଛି। ଟିକାକେବଳ ଶାରୀରିକ ପ୍ରତିରୋଧକ କ୍ଷମତା ବୃଦ୍ଧି କରିପାରେ, କିନ୍ତୁ ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିପାରିବ ନାହିଁ। ଅତୀତ ଦିନରେ ଆସିଥିବା ସଂକ୍ରମଣଜନିତ ରୋଗଗୁଡ଼ିକ ଏବେ ମଧ୍ୟ ସମାଜ ମଧ୍ୟରେ ରହିଛି, ସଂପୂର୍ଣ୍ଣ ଯାଇନାହିଁ। ଗତବର୍ଷ କୋରୋନାର ପ୍ରଥମାବସ୍ଥାରେ ସବୁ ରାଜ୍ୟରେ ବିଶୋଧନ ପାଇଁ ଯେଉଁ ସକ୍ରୀୟତା ସହରଗୁଡ଼ିକର ମ୍ୟୁନିସିପାଲିଟିଗୁଡ଼ିକରେ ଦେଖାଯାଉଥିଲା ତାଠାରୁ ଏବେ ତିନିଗୁଣା ଅଧିକ ସଂକ୍ରମଣ ବେଳେ ଦେଖାନଯିବା ପ୍ରାଦେଶିକ ସରକାରଗୁଡ଼ିକର ଦୁର୍ବଳତା ନୁହେଁକି? ଡାକ୍ତରଖାନାଗୁଡ଼ିକରେ ବେଡ ସଂଖ୍ୟା ବୃଦ୍ଧି, ସବୁ ରାଜ୍ୟରେ ଅକ୍ସିଜେନର ଉତ୍ପାଦନ, ମାସ୍କ ଓ କିଟର ଉତ୍ପାଦନ, ମଶାଣିଗୁଡ଼ିକର ଆଧୁନିକୀକରଣ ଏବଂ ବୈଦ୍ୟୁତିକ ଚୁଲା ସ୍ଥାପନ, ବେସରକାରୀ ସଂସ୍ଥାଗୁଡ଼ିକର ସହାୟତା ନେଇ କ୍ୱାରେଣ୍ଟାଇନ ସେଣ୍ଟର ସ୍ଥାପନ, ଆବଶ୍ୟକ ଆମ୍ବୁଲାନ୍ସ ସେବାର ସଂଖ୍ୟାବୃଦ୍ଧି କରାଯିବା ପରି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରାୟ ଗୋଟିଏ ବର୍ଷ ଏ ଭିତରେ ଅତିକ୍ରାନ୍ତ ହୋଇସାରିଥିଲା ବେଳେ ଏବେ ମଶାଣିରେ ଶବ ପୋଡିବା ଲାଗି କାଠର ଅଭାବ ହେବା ଅଭିଯୋଗ କରାଯିବା ଅପାରଗତା ନୁହେଁ ତ ଆଉ କଣ?

କେରଳ, ମହାରାଷ୍ଟ୍ର, ପଞ୍ଜାବ, ଦିଲ୍ଲୀ, ପଶ୍ଚିମବଙ୍ଗ ଓ ଓଡିଶା ପରି ରାଜ୍ୟରେ ଯେଉଁଠି ଅଣ ବିଜେପି ସରକାର ରହିଛି ସେଠାରେ କେନ୍ଦ୍ର ସରକାରଙ୍କୁ ଦୋଷ ଦେବାପରି ଅନେକ ଅଭିଯୋଗ ରାଜ୍ୟସରକାରମାନେ ଆଣୁଛନ୍ତି। ଅଥଚ ଗତ ଏକବର୍ଷ ଧରି ଏହିସବୁ ରାଜ୍ୟର ସରକାରମାନେ କୋରୋନାଠାରୁ ଅଧିକ କିଛି ଶିକ୍ଷା କଲା ପରି ଜଣାପଡୁନାହିଁ। ତା ନହୋଇଥିଲେ କୋରୋନା ପ୍ରସ୍ତୁତି ପାଇଁ ଆବଶ୍ୟକ ଅର୍ଥର ଉପଯୋଗରେ ସ୍ୱଚ୍ଛତା ପ୍ରଦର୍ଶନ ନକରି ଏବେ ଅଭିଯୋଗ କରୁନଥାନ୍ତେ। ସଂଘୀୟ ଶାସନ ବ୍ୟବସ୍ଥାରେ ସବୁ କିଛି କେନ୍ଦ୍ର ଦେବ ରାଜ୍ୟ କେବଳ ଗ୍ରହଣ କରି ଚାଲିଥିବ ଏହା ଠିକ୍ ନୁହେଁ। କେନ୍ଦ୍ର ସରକାରଙ୍କ ପରି ରାଜ୍ୟ ସରକାରମାନେ ଗତ ଏକବର୍ଷରେ ନିଜ ନିଜ ରାଜ୍ୟରେ ଅଧିକ ସଂଖ୍ୟକ ଆସିୟୁ ବୃଦ୍ଧି, ଆବଶ୍ୟକ ଔଷଧର ସଂଗ୍ରହ ଓ ଗଚ୍ଛିତ କରିବା, ଅମ୍ଳଜାନ ପ୍ଲାଣ୍ଟ ବସାଇବା ପରି ପଦକ୍ଷେପ ନେଇପାରିଥାନ୍ତେ। ଅଥଚ ସେମାନେ ତା ନ କରି କେଉଁଠି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିହେବ ସେହି ରାସ୍ତା ଧରିଲେ। କେହି କେହି ଅତି ଉଚ୍ଚଶିକ୍ଷିତ ସାମ୍ବାଦିକ-ସାମ୍ବାଦିକା ନିଜ ନିଜ ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ସବୁଦିନ ନିଜଘରୁ ରାଗସବୁ ବାନ୍ତି କରିବାକୁ ଲାଗିଲେ। ଦେଶରେ ରାମମନ୍ଦିର ନିର୍ମାଣଠାରୁ ସଡକ ନିର୍ମାଣ ଓ ରାଫେଲ କ୍ରୟ ଉପରେ ପ୍ରଶ୍ନ କଲେ। ଯେଉଁ ରାଜ୍ୟରେ ବିଜେପିର ସରକାର ଅଛି ସେଠାରେ ରାଜ୍ୟ ସରକାର ଦାୟୀ ଏବଂ ଯେଉଁଠି ଅଣବିଜେପି ସରକାର ରହିଛି ସେଠାରେ ନରେନ୍ଦ୍ର ମୋଦୀ ସମସ୍ୟା ପାଇଁ ଦାୟୀ ବୋଲି କହିଲେ। ଦେଶରେ ରାମମନ୍ଦିର ନିର୍ମାଣ ନହୋଇ ମେଡିକାଲ ନିର୍ମାଣ ହେବା କଥା କେତେକ କହୁଛନ୍ତି। କିନ୍ତୁ ଉତ୍ତର ପ୍ରଦେଶର ଅଖିଳେଶ ଯାଦବଙ୍କ ସରକାର ୬୦୦ କୋଟି ଖର୍ଚ୍ଚ କରି ହଜହାଉସ୍ ଏବଂ ମାୟାବତୀ ୧୨୦୦କୋଟି ଖର୍ଚ୍ଚ କରି ନିଜ ମୂର୍ତ୍ତି ସ୍ଥାପନ କଲେ। ସେତେବେଳେ ଅଭିଯୋଗ କରୁଥିବା ଲୋକେ କଣ କରୁଥିଲେ ଓ କାହିଁକି ଚୁପ୍ ରହିଥିଲେ ତାର ଉତ୍ତର ଦେବା ଦରକାର। ଦେଶରେ ମୋଟ ୨୨ଟି ଏମ୍ସ ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ଏଥିରୁ କଂଗ୍ରେସ ସରକାର ସମୟରେ ମାତ୍ର ୨ଟି ସ୍ଥାପନ ହୋଇଥିଲା ଅନ୍ୟ ଗୁଡ଼ିକ ବିଜେପି ସମୟରେ। ସେମିତି ୨୦୧୪ ଯାଏଁ ଦେଶରେ ୧୮୯ ମେଡିକାଲ କଲେଜ ରହିଥିଲା। ଗତ ୬ବର୍ଷରେ ମୋଦୀ ସରକାର ସେହି ସଂଖ୍ୟା ୨୭୯ରେ ପହଞ୍ଚାଇଛନ୍ତି। ସେମିତି ଦେଶରେ ରାମମନ୍ଦିର ନିର୍ମାଣକୁ ବିରୋଧ କରୁଥିବା ଲୋକେ ଏହିସବୁ ମେଡିକାଲ ତିଆରି କରିନାହାନ୍ତି କି ରାମମନ୍ଦିରକୁ ମଧ୍ୟ ଅର୍ଥ ଦେଇନାହାନ୍ତି। ମହାରାଷ୍ଟ୍ରରେ ଦହିହାଣ୍ଡି କେତେ ଉଚ୍ଚରେ ଟଙ୍ଗାଯିବ ସେ ନେଇ ସୁପ୍ରିମକୋର୍ଟ ବିଚାର କରୁଛି। ଅଥଚ ଡାସନା ମନ୍ଦିରର ସ୍ୱାମୀ ନରସିଂହାନନ୍ଦଙ୍କ ମୁଣ୍ଡକାଟ କରିବାକୁ ଉତ୍ତର ଭାରତର ଭିନ୍ନ ଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଯାଇ ସମାବେଶ ଆୟୋଜନ କରିଥିବା ଜିହାଦୀଙ୍କ ବିଷୟ ସୁପ୍ରିମକୋର୍ଟକୁ ଦେଖାଯାଉନାହିଁ। ଜିହାଦୀଙ୍କ ଚାପ ନିକଟରେ ସୁପ୍ରିମକୋର୍ଟ ନଇଁପଡୁଛି। ମଣିଷମରା ଆୟତକୁ ସ୍ୱୀକୃତି ଦେଇପାରୁଛି, ଏହା ବଡ ଚିନ୍ତାର ବିଷୟ। ଦେଶରେ ରେଳବାଇ ପରେ ୱାକଫବୋର୍ଡ ଅଧିନରେ ୮ଲକ୍ଷ ଏକର ଜମି ରହିଛି। ସେସବୁ ବିକ୍ରି କରି କାହିଁକି ଡାକ୍ତରଖାନା କରାଯାଉନାହିଁ? ୧୯୫୪ ପୂର୍ବରୁ ଦେଶରେ ୱାକଫ ବୋର୍ଡ ନଥିଲା। ରାଜେନ୍ଦ୍ର ପ୍ରସାଦଙ୍କ ବିରୋଧ ସତ୍ତ୍ୱେ ନେହେରୁ ଏହି ବୋର୍ଡ ଗଠନ କରି ୬ଲକ୍ଷ ଏକର ଜମି ଦେଇଥିଲେ ଯାହା ଏବେ ବଢି ବଢି ୮ଲକ୍ଷ ଏକରରେ ପହଞ୍ଚିଲାଣି। ଏହି ଜମି ଭିତରୁ ଅଧିକାଂଶ ମନ୍ଦିରର ଜମି। ମନ୍ଦିର ସବୁ ଭଙ୍ଗାଯାଇ ତା ଉପରେ ଗମ୍ବୁଜ ସ୍ଥାପନ କରାଯାଇଥିଲା କାଶୀର ମସଜିଦ୍ ପରି। ରାମମନ୍ଦିର ନିର୍ମାଣ ନକରି ଡାକ୍ତରଖାନା ତିଆରି କରିବାର ପ୍ରସ୍ତାବ ଦେଉଥିବା ଲୋକେ ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦିଅନ୍ତୁ। ଖୁବ୍ କମ୍ ଦିନରେ ଅନେକ ଡାକ୍ତରଖାନା ତିଆରି ହେବାପାଇଁ ଯଥେଷ୍ଟ ଜମି ମିଳିପାରିବ। ଏବେ ଅଯୋଧ୍ୟାର ରାମମନ୍ଦିର ଟ୍ରଷ୍ଟ ଦୁଇଟି ଅକ୍ସିଜେନ ପ୍ଲାଣ୍ଟ ଅଯୋଧ୍ୟାରେ ବସାଇବା ଲାଗି ଅର୍ଥ ପ୍ରଦାନ କରିବାକୁ ଘୋଷଣା କରିଛି। ମୁମ୍ବାଇ ଓ ଦିଲ୍ଲୀର ସ୍ୱାମୀ ନାରାୟଣ ସଂସ୍ଥା ମନ୍ଦିର ପରିସରରେ କୋଭିଡ ରୋଗୀଙ୍କ ଚିକିତ୍ସା କେନ୍ଦ୍ର ଖୋଲିଛନ୍ତି, ହେଲେ ଅଭିଯୋଗକାରୀମାନେ ନିଜେ କଣ କଲେଣି ତାର ଉତ୍ତର ନାହିଁ। ମସଜିଦ ଓ ଗୀର୍ଜାମାନେ କଣ କଲେ ସେ ବିଷୟରେ ନିରବ।

କୋରୋନାର ମୁକାବିଲା କରିନପାରି କେନ୍ଦ୍ର ସରକାର ହିନ୍ଦୁଧର୍ମ ଦେବାଦେବୀଙ୍କ ସମାଲୋଚନା କରି ଚାଲିଥିବା ଲୋକେ ନିଜର ଆତ୍ମସମୀକ୍ଷା କରିବା ଦରକାର। ନିଜେ ଚାଲୁଣୀ ହୋଇ ଛୁଞ୍ଚିକୁ ଦୋଷ ଦେଲାପରି ନୀତିକୁ ସେମାନେ ପରିତ୍ୟାଗ କରିବା ଉଚିତ୍। ନୂଆଦିଲ୍ଲୀର ଆପ୍ ସରକାର ପ୍ରଚାର ପାଇଁ ମିଡିଆକୁ ୬୦୦ କୋଟି ବିଜ୍ଞାପନ ଦେଇପାରୁଛନ୍ତି ଅଥଚ ଅକ୍ସିଜେନ ପ୍ଲାଣ୍ଟ ବସାଇ ପାରୁନଥିବା କ୍ଷୋଭର ବିଷୟ ନିଶ୍ଚୟ। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନାକୁ ବାହାର ଲୋକଙ୍କୁ ଦେଖାଇ କ୍ଷମାମାଗିବା ଜଣେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଅପମାନଜନକ ନୁହେଁ କି? ଯୋଜନାବଦ୍ଧ ଭାବରେ ଏବେ ଐତିହ୍ୟ ଓ ପରମ୍ପରାକୁ ଘୃଣା କରିବାର ଶିକ୍ଷା ଦିଆଯାଉଛି। ଆଉ ଯେଉଁ ବିଦେଶୀ ଆକ୍ରମଣକାରୀମାନେ କୀର୍ତ୍ତିରାଜିକୁ ଧ୍ୱଂସ କରିଥିଲେ ସେମାନଙ୍କ ପ୍ରଶଂସା କରାଯାଇ ତାହାକୁ ସେକୁଲାରବାଦ କୁହାଯାଉଛି। ଦେଶର ସମସ୍ତ ସଂକଟର ମୂଳ ଯେପରି ହିନ୍ଦୁ ଓ ହିନ୍ଦୁତ୍ୱ ବୋଲି କୁହାଯାଉଛି ତାହା ଦେଶର ସ୍ୱାଭିମାନକୁ ନଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଓ ଯୋଜନାବଦ୍ଧ ଷଡଯନ୍ତ୍ର ବୋଲି କହିଲେ କିଛି ଭୁଲ ହେବନାହିଁ। କୋରୋନା ସମସ୍ୟାର ସମାଧାନ ପାଇଁ ଯୋଜନା ବିଷୟରେ ନକହି, ମୋଦୀ, ରାମମନ୍ଦିରକୁ ଦୋଷ ନଦେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସମୀକ୍ଷା କରାଯିବା ଦରକାର।

କୋରୋନା ପୂର୍ବରୁ ଦେଶରେ ହଇଜା, ମ୍ୟାଲେରିଆ, ସ୍ୱାଇନ ଫ୍ଲୁ ପରି ରୋଗରେ ଅନେକ ଲୋକ ମରିଥିଲେ। ସେସବୁ ରୋଗ ଆଜି ଶତକଡା ଶହେ ହ୍ରାସ ପାଇନାହିଁ। ସଂକ୍ରମଣ ରୋଗ ଆସିଲେ ଏହାକୁ ନିୟନ୍ତ୍ରଣ କରାଯାଏ, ସଂପୂର୍ଣ୍ଣ ବନ୍ଦ ହୁଏ ନାହିଁକି ଭୂତାଣୁ ସମୂଳେ ନଷ୍ଟ ହୁଅନ୍ତି ନାହିଁ। ରୋଗ ସହ ବଞ୍ଚିବା ଶିକ୍ଷା ଲୋକମାନଙ୍କୁ ଦିଆଯିବା ସହ କିପରି ନିଜକୁ ଏଥିରୁ ଲୋକେ ବଞ୍ଚାଇପାରିବେ ସେ ବିଷୟରେ ଶିକ୍ଷାଦେବା ଜରୁରୀ ହୋଇଥାଏ। ଯେପରି ଅମ୍ଳଜାନ ମାତ୍ରା ହ୍ରାସ ବେଳେ ଶୋଇ ରହି ନିଶ୍ୱାସ ପ୍ରଶ୍ୱାସ କ୍ରିୟା ଜାରି ରଖିଲେ ଶରୀରର ଅମ୍ଳଜାନ ମାତ୍ରା ବଢେ। ତେଣୁ ସବୁ ଲୋକଙ୍କୁ କେବଳ ଭେଣ୍ଟିଲେଟରକୁ ନପଠାଇ କିପରି ରୋଗ ସହ ଲଢିହେବ ତାର ଶିକ୍ଷାଦେବା ଦରକାର। ସବୁ ଲୋକଙ୍କୁ ସୁରକ୍ଷିତ ରହିବା ପାଇଁ ଶିକ୍ଷା ନଦେଇ କେବଳ ଟିକା ନେବାପାଇଁ କହିବା ଏକପ୍ରକାର ବୋକାମୀ ଏବଂ ଅଯଥା ଅର୍ଥବ୍ୟୟ। ବିଗତ ଦିନରେ ଦୁଇ ଡୋଜ ଟିକା ଦେବାଲାଗି କେନ୍ଦ୍ର ସରକାର ଯେଉଁ ଟିକା ରାଜ୍ୟ ସରକାରଙ୍କୁ ଦେଇଥିଲେ ସେଥିରୁ ପ୍ରାୟ ୪୬ଲକ୍ଷ ଟିକା ନଷ୍ଟ ହୋଇଯାଇଛି। ତାମିଲନାଡୁରେ ୧୨ ପ୍ରତିଶତ ଏବଂ ହରିୟାଣାରେ ୯ ପ୍ରତିଶତ ଟିକା ନଷ୍ଟ ହୋଇଛି। ଏହା ପଛକୁ ପଞ୍ଜାବରେ ୮.୧୨, ମଣିପୁରରେ ୭.୮, ତେଲେଙ୍ଗାନାରେ ୭.୫୫ ପ୍ରତିଶତ ଟିକା ନଷ୍ଟ ହୋଇଛି। କେରଳ, ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ, ମିଜୋରାମ, ଗୋଆ, ଡାମନ ଏବଂ ଡିଉ, ନିକୋବର ଏବଂ ଲାକ୍ଷାଦ୍ୱୀପରେ ଟିକା ଆଦୌ ନଷ୍ଟ ହୋଇନାହିଁ। ସେମିତି କେତେକ ଇସ୍ରାଏଲ ସହ ଭାରତକୁ ତୁଳନା କରି ସାମୂହିକ ଟିକାକରଣ କଥା କହୁଛନ୍ତି। କିନ୍ତୁ ଇସ୍ରାଏଲ ଏକ ଛୋଟ ଦେଶ। ପୃଥିବୀର ସବୁ ରାଷ୍ଟ୍ରକୁ ରୋଜଗାର ପାଇଁ ଇହୁଦୀ ଲୋକେ ଆମପରି ଗତାଗତ କରୁନାହାନ୍ତି। ଦୁଇଟି ଟିକା ନେବାପରେ ମଧ୍ୟ ସଂକ୍ରମଣର ଆଶଙ୍କା ରହିଛି। ଟିକା କୌଣସି ଗ୍ୟାରେଣ୍ଟିଯୁକ୍ତ ରକ୍ଷାକବଚ ନୁହେଁ, ପ୍ରତିରୋଧକ କ୍ଷମତା ବୃଦ୍ଧିକାରକ, ଏହା ସବୁ ରାଜ୍ୟ ଏବଂ ଦେଶର ନେତୃବୃନ୍ଦ ବୁଝିବା ଆବଶ୍ୟକ। ଦେଶରେ ତିନିମାସ ଟିକାକରଣ ପରେ ମାତ୍ର ୧ ପ୍ରତିଶତ ଲୋକେ ଏପ୍ରିଲ ସୁଦ୍ଧା ଦୁଇ ଡୋଜ ଟିକାନେଇପାରିଛନ୍ତି। ଏପରିକି ଦୁଇ ଡୋଜ ଟିକା ନେଇଥିବା ଅନେକ ଡାକ୍ତରଙ୍କୁ ମଧ୍ୟ ପୁନର୍ବାର କୋରୋନା ସଂକ୍ରମିତ କରିଛି। ଦେଶରେ ମାସିକ କୋରୋନା ଟିକା ଉତ୍ପାଦନ ୧୦କୋଟିରୁ କମ୍ ଥିଲାବେଳେ ସବୁ ରାଜ୍ୟର ଅର୍ଡର ଅନୁସାରେ ଉତ୍ପାଦନ କ୍ଷମତା ଆକସ୍ମିକ ବଢାଇ ହେବ ନାହିଁ। କେନ୍ଦ୍ର ସରକାର ଦେଶରେ କରୋନା ଉତ୍ପାଦନକାରୀଙ୍କୁ ଏହି କ୍ଷମତା ମାସିକ ୧୭କୋଟି ଯାଏ ଜୁଲାଇ ମଧ୍ୟରେ ବଢାଇବାକୁ କହି ଅର୍ଥ ପ୍ରଦାନ କରିଛନ୍ତି। ପୃଥିବୀର ସବୁ କୋରୋନା ଟୀକା ଭାରତରେ ଉତ୍ପାଦିତ ନହୋଇ ଏବେ ତିନୋଟି ଟୀକା ଉତ୍ପାଦିତ ହେଉଛି। ତେଣୁ ବାସ୍ତବତାକୁ ଲକ୍ଷ୍ୟ କରି ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାରଙ୍କୁ ସହଯୋଗ କରିବାକୁ ହେବ, ଅଭିଯୋଗ ନେଇ ନୁହେଁ। କୋରୋନା ସଙ୍କଟର ସମ୍ମୁଖୀନ ହେବାପାଇଁ ସବୁରାଜ୍ୟ ନିଜ ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବା ଦରକାର, ଚିକିତ୍ସାର ସୁବିଧା ବଢାଇବା ଦରକାର। ପ୍ରତିଟି ବିଷୟରେ ସୁପ୍ରିମକୋର୍ଟରେ ଅଭିଯୋଗ ଆଣିବା ଠିକ୍ ନୁହେଁ। କାରଣ ଦେଶରେ ୮୦୦ ଡାକ୍ତରଖାନାକୁ ଅକ୍ସିଜେନ ଯୋଗାଉଥିବା କମ୍ପାନୀ ଇନକ୍ସ କହିଛି ଯେ ଦିଲ୍ଲୀକୁ ଛାଡି କୌଣସି ରାଜ୍ୟ ସରକାରଙ୍କ ଅଭିଯୋଗ ନାହିଁ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଶିକ୍ଷା ବ୍ୟବସ୍ଥାରେ ଶୋଷଣତନ୍ତ୍ର ଓ ତା'ର ଆଶୁ ନିରାକରଣ



ବିନୟ ଭୂଷଣ ପାଣିଗ୍ରାହୀ

ମ୍ୟାଟ୍ରିକ ପରୀକ୍ଷା କୁହନ୍ତୁ କିମ୍ବା ଦଶମ ବୋର୍ଡ ପରୀକ୍ଷା କୁହନ୍ତୁ, ଛାତ୍ରଛାତ୍ରୀ ମାନଙ୍କ ଶୈକ୍ଷିକ ପରୀକ୍ଷା(academic examinations) ମାନଙ୍କ ମଧ୍ୟରେ ଏହା ଅନେକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଟିଏ। ଆମେ ସମସ୍ତେ ବେଶ ଭଲଭାବରେ ହୃଦୟଙ୍ଗମ କରିଛନ୍ତି ଏଇ କଥାଟିକୁ। ପରୀକ୍ଷା ପାଇଁ ରାତିଦିନ ଏକାକାର କରିବାର ପ୍ରଥମ ଅବସର ମାଟ୍ରିକ/ବୋର୍ଡ ପରୀକ୍ଷା ପୂର୍ବ କେଇମାସ।

ଏମିତିବି ଛାତ୍ରଛାତ୍ରୀ ମାନେ ବର୍ଷସାରା କଠିନ ଅଧ୍ୟବସାୟ କରନ୍ତି ଦଶମ ଶ୍ରେଣୀର ଏହି ବର୍ଷଶେଷ ପରୀକ୍ଷାରେ ନିଜନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଶ୍ରେଷ୍ଠ ପରିଣାମ ହାତେଇବା ପାଇଁ। କାରଣ, ପରବର୍ତ୍ତୀ ଶ୍ରେଣୀରେ (ଯୁକ୍ତଦୁଇ କଲେଜରେ/ ସି.ବି.ଏସ୍.ଇ ସ୍କୁଲ/ଆଇ.ସି.ଏସ.ଇ/ କୌଣସି ବୈଷୟିକ ପାଠ୍ୟକ୍ରମ ପାଇଁ) ନାମଲେଖା ପାଇଁ ସେଇ ପ୍ରଦର୍ଶନକୁ ମାପଦଣ୍ଡ ହିସାବରେ ଗ୍ରହଣ କରାଯାଏ।

ମାତ୍ର ପରିତାପର ବିଷୟ, ବିଗତ କେତେବର୍ଷ ଭିତରେ ବିଭିନ୍ନ ଧୂର୍ତ୍ତ ଶିକ୍ଷା ପ୍ରଦାନକାରୀ ସଂସ୍ଥା ଅନେକ ପ୍ରକାର ବ୍ୟବସାୟିକ ପ୍ରତ୍ୟୁତ୍ପନ୍ନମତିତାର ବ୍ୟବହାର କରି ଦଶମ ଶ୍ରେଣୀ ପରୀକ୍ଷାର ଗୁରୁତ୍ୱକୁ ମଝିରୁ ଦୁଇଫାଳ କରି ଚିରିଦେବା ପରେ ସେଇ ଦୁଇ ଫାଳକୁ ଦୁଇଟି ତୀକ୍ଷଣ ବର୍ଚ୍ଛା କରି ଛାତ୍ରଛାତ୍ରୀ ମାନଙ୍କୁ ଲକ୍ଷକରି ଫିଙ୍ଗିଦେଉଛନ୍ତି। ଛାତ୍ର/ଛାତ୍ରୀଟି ନିଜକୁ ଏକ ସନ୍ତୁଳିତ ସ୍ଥିତିରେ ରଖିବା ପାଇଁ ଜତପରୋନାସ୍ତି ଚେଷ୍ଟା କରି ସୁଦ୍ଧା ଦୁଇଟି ବର୍ଚ୍ଛା ଭିତରୁ କୌଣସି ନା କୌଣସି ଗୋଟିଏ ବର୍ଚ୍ଛାର ଆଘାତରେ ଲହୁଲୁହାଣ ହେଉଛି। ଏମିତି ଘଟୁଛି ବିଶେଷକରି ଇଂରାଜୀ ଭାଷା ମାଧ୍ୟମରେ ଶିକ୍ଷାଦାନ କରୁଥିବା ସି.ବି.ଏସ୍.ଇ ଏବଂ ଆଇ.ସି.ଏସ.ଇ ଦ୍ୱାରା ପରିଚାଳିତ ବିଦ୍ୟାଳୟ ମାନଙ୍କରେ। କାରଣ, ଏକାଦଶ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ସେଇ ବିଦ୍ୟାଳୟ ଗୁଡିକ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହେବାର ପୂର୍ବ ଦୁଇ ସପ୍ତାହରୁ ଆଠ ସପ୍ତାହ ଭିତରେ ରିହାତିର ପ୍ରଲୋଭନ ଦେଖାଇ କିମ୍ବା ସବୁଯାକ ଆସନ ସରିଯିବାର ଭୟ ଦେଖାଇ ପ୍ରତିଯୋଗୀତାମୂଳକ ପରୀକ୍ଷା ମାନ ଆୟୋଜିତ କରୁଛନ୍ତି। ସେଇସବୁ ପରୀକ୍ଷା ପାଇଁ ପିଲାମାନେ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ନିମିତ୍ତ ସୀମିତ ସମୟ ଭିତରେ ପ୍ରସ୍ତୁତ ହେବା ଦ୍ୱାରା ସେମାନଙ୍କର ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତିରେ ବାଧା ଉତ୍ପନ୍ନ ହେଉଛି ଏବଂ ସମୟର ଅପଚୟ ମଧ୍ୟ ହେଉଛି। ଅଧିକାଂଶ ପିଲା ଗୋଟିଏ ସ୍କୁଲରେ ପରୀକ୍ଷା ଦେଲେ କାଳେ କୃତକାର୍ଯ୍ୟ ହେଇ ନପାରିବେ ସେଇ ଆଶଙ୍କାରେ ଅନ୍ୟୁନ ୪-୫ ଟି ସ୍କୁଲରେ ପରୀକ୍ଷା ଦେବାପାଇଁ ଆବେଦନ କରୁଛନ୍ତି। ଉପରୋକ୍ତ ଶିକ୍ଷାନୁଷ୍ଠାନ ମାନେ ନିଜସ୍ୱ ଖର୍ଚ୍ଚରେ ଗୋଟିଏ ସିଟିଙ୍ଗର ପରୀକ୍ଷା ଦେବାପାଇଁ ଫି ବାବଦକୁ ଛାତ୍ର/ଛାତ୍ରୀ ପିଛା ପରୀକ୍ଷା ଫିସ ନେଉଛନ୍ତି ସର୍ବନିମ୍ନ ଏକ ହଜାର ଟଙ୍କା। ସେଦୃଷ୍ଟିରୁ ଦେଖିଲେ, ଅଭିଭାବକ ମାନଙ୍କ ପକେଟରୁ ୪-୫ ହଜାର ଟଙ୍କା ତ ଯାଉଛି ତା'ସହିତ ପ୍ରସ୍ତୁତି ଠାରୁ ପରୀକ୍ଷା ଫଳ ପ୍ରକାଶନ ପର୍ଯ୍ୟନ୍ତ ପିଲାଟିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରୁ ଅତିକମରେ ୮-୧୦ ଦିନ ଅପଚୟ ହେଉଛି।

ସବୁଠାରୁ ବଡ଼ ଅସୁବିଧାର କଥାଟି ହେଉଛି ଯେ ସେଇସବୁ ପରୀକ୍ଷାରେ ତଥାକଥିତ ଅର୍ଥରେ କୃତକାର୍ଯ୍ୟ ହେଉଥିବା ଛାତ୍ରଛାତ୍ରୀ ମାନଙ୍କୁ ଆଡ଼ମିଶନ କରିବାପାଇଁ ୨ ରୁ ୫ ଦିନ ସମୟ ପ୍ରଦାନ କରାଯାଉଛି ଏବଂ ବୋର୍ଡ ପରୀକ୍ଷା ଆରମ୍ଭ ହେବାପୂର୍ବରୁ ଏକ ନିର୍ଦ୍ଦିଷ୍ଟ ତାରିଖ ପାଖରୁ ଏକାଦଶ ଶ୍ରେଣୀର ପାଠ୍ୟକ୍ରମ ଆରମ୍ଭ ହେଇଯିବ ବୋଲି କୁହାଯାଉଛି। ସେଇ ଆଡ଼ମିଶନକୁ ସେମାନେ କହୁଛନ୍ତି 'ପ୍ରଭିଜନାଲ ଆଡ଼ମିଶନ' ଯେଉଁଥିପାଇଁ ଦୁଇବର୍ଷପାଇଁ ଧାର୍ଯ୍ୟ ରାଶିର ୩୦% ରୁ ୫୦% ପର୍ଯ୍ୟନ୍ତ ଅର୍ଥ ଜମା କରିବାକୁ ପଡୁଛି ଯାହା ଫେରସ୍ତଯୋଗ୍ୟ ନୁହେଁ। ଯଦି ପିଲାଟି କୌଣସି ଗୋଟିଏ ସ୍କୁଲରେ ପ୍ରଭିଜନାଲ ଆଡ଼ମିଶନ ନେଇଗଲା ପରେ ଅନ୍ୟ କୌଣସି ଏକ ମନପସନ୍ଦର ଶିକ୍ଷାନୁଷ୍ଠାନରେ ଆଡ଼ମିଶନ ନେବାପାଇଁ ଯୋଗ୍ୟ ବିବେଚିତ ହେଲା ସେ କ୍ଷେତ୍ରରେ ପିଲାର ଅଭିଭାବକ ହାତରେ ଉପଲବ୍ଧ ଦୁଇଟି ବିକଳ୍ପ ଭିତରୁ ଯେକୌଣସି ବିକଳ୍ପକୁ ଗ୍ରହଣ କଲେ ଉଭୟ ଆର୍ଥିକ ଏବଂ ମାନସିକ କ୍ଷତି ସହିବା ଧାର୍ଯ୍ୟ। ଅନ୍ୟତ୍ର ଆଡ଼ମିଶନ କଲେ ପ୍ରଭିଜନାଲ ଆଡ଼ମିଶନ ବାବଦକୁ ଦେଇଥିବା ମୋଟା ଅଙ୍କ ହରାଇବାକୁ ପଡ଼ିବ ଆଉ, ଯଦି ଅର୍ଥହାନୀ ନକରିବା ପାଇଁ ପିଲାର ପସନ୍ଦଯୋଗ୍ୟ ଶିକ୍ଷାନୁଷ୍ଠାନରେ ଆଡ଼ମିଶନ ନକଲେ ତେବେ ପିଲାର ମାନସିକ ସ୍ଥିତି ଅବ୍ୟବସ୍ଥିତ ହେବା ସଙ୍ଗେ ସଙ୍ଗେ ତା'ର ବୌଦ୍ଧିକ ଅବକ୍ଷୟ ହେବା ଧାର୍ଯ୍ୟ। ଅର୍ଥାତ,ଏଣୁ ମାରିଲେ ଗୋହତ୍ୟା, ତେଣୁ ମାରିଲେ ବ୍ରହ୍ମହତ୍ୟା।

ବର୍ତ୍ତମାନ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଦଶମ ବୋର୍ଡ ପରୀକ୍ଷା ସରିବା ପୂର୍ବରୁ ଉପର ଶ୍ରେଣୀ ପାଠ୍ୟକ୍ରମ ପାଇଁ ନାମଲେଖା ଓ ଶିକ୍ଷାଦାନ ଆରମ୍ଭ କରାଯିବା କେଉଁ ଦୃଷ୍ଟିରୁ ଆଇନତଃ ସିଦ୍ଧ ଏବଂ ଗ୍ରହଣଯୋଗ୍ୟ! ପରୀକ୍ଷାରେ ପିଲାଟି ହୁଏତ ଅକୃତକାର୍ଯ୍ୟ ହେଇଯାଇପାରେ। ପରୀକ୍ଷା ଫଳ ପ୍ରକାଶନ ପରେ ସେ ଅନ୍ୟ କୌଣସି ବୃତ୍ତିଗତ ଶିକ୍ଷା ପାଇଁ ଆଗ୍ରହ ପ୍ରଦର୍ଶନ କରିପାରେ କିମ୍ବା ପରିବାରର ପରିବର୍ତ୍ତିତ ଆର୍ଥିକ ସ୍ଥିତି ଦୁଃସ୍ଥିତିକୁ ବିଚାରକରି ସାମୟିକ ଭାବେ ଉଚ୍ଚତର ଶିକ୍ଷାଗ୍ରହଣରୁ ଅବ୍ୟାହତି ନେଇପାରେ।

ହଁ, ଯଦି ସେଇ ଶିକ୍ଷାନୁଷ୍ଠାନ ମାନେ ପ୍ରଭିଜନାଲ ଆଡ଼ମିଶନ ବାବଦକୁ ନାମକୁମାତ୍ର ଏକ ରାଶି ନେଉଥାନ୍ତେ ଏବଂ ଉପରୋକ୍ତ ପରିସ୍ଥିତି ମାନଙ୍କରେ ସମ୍ପୂର୍ଣ୍ଣ ପ୍ରଭିଜନାଲ ଆଡ଼ମିଶନ ଫିସ କିମ୍ବା ତହିଁରୁ ସାମାନ୍ୟ କିଛି ଟଙ୍କା କାଟିରଖି ବାକି ଅର୍ଥ ଫେରସ୍ତ କରୁଥାନ୍ତେ ହୁଏତ ସେତେବେଶୀ ଅସୁବିଧା ହୁଅନ୍ତାନାହିଁ। ତେବେ, ଦଶମ ବୋର୍ଡ ପରୀକ୍ଷା ସରିବା ପୂର୍ବରୁ ଏକାଦଶ ଶ୍ରେଣୀରେ ନାମ ପଞ୍ଜିକରଣ ଓ ଏକାଦଶ ଶ୍ରେଣୀ ପାଠ୍ୟକ୍ରମ ଆରମ୍ଭ କରାଯିବା ଆଇନତଃ ଏକ ଅପରାଧ ନିଶ୍ଚୟ।

ଏଇସବୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମାନଙ୍କର ଏପରି ଶୋଷଣ ମନୋବୃତ୍ତି (ଉଭୟ ଆର୍ଥିକ ଏବଂ ମାନସିକ ଶୋଷଣ)କୁ ମଜବୂତ କରୁଛନ୍ତି କିଛି ଆର୍ଥିକ ଭାବେ ସମ୍ପନ୍ନ ମାତ୍ର ବୌଦ୍ଧିକ ଭାବେ ଅନଗ୍ରସର ଅଭିଭାବକ/ ଅଭିଭାବିକା। ସେମାନେ ନିଜନିଜର ଆର୍ଥିକ ସ୍ୱଚ୍ଛଳତାକୁ ପ୍ରତିପାଦିତ କରୁକରୁ ନିଜ ପିଲାମାନଙ୍କର କ୍ଷତି କରିବା ସହିତ ଦେଶ ଓ ଜାତିର ଭବିଷ୍ୟତ କୁହାଯାଉଥିବା ଅନୁକୋଟି ଛାତ୍ରଛାତ୍ରୀ ମାନଙ୍କର ମାନସିକ ଓ ବୌଦ୍ଧିକ ବିପର୍ଯ୍ୟୟର କାରଣ ହେଉଛନ୍ତି। ଅଧିକ ଅର୍ଥ ବିନିମୟରେ ହେଉପଛେ ସେମାନେ ସେମାନଙ୍କ ପିଲାମାନଙ୍କୁ ନାମକରା ବିଦ୍ୟାଳୟ ମାନଙ୍କରେ ଆଗୁଆ ଆଡ଼ମିଶନ କରାଇଦେଇ କିଛି ଅବାସ୍ତବ ଓ ନିରର୍ଥକ ଗୌରବ ଗୋଟାଇ ନେବାକୁ ସର୍ବଦା ତତ୍ପର। ସେମାନଙ୍କର ଏପ୍ରକାର ବିକଳ ମାନସିକତା ଶିକ୍ଷା ବ୍ୟବସ୍ଥାକୁ ଏଡ୍ସ କିମ୍ବା କରନା ସଦୃଶ ଭୟଙ୍କର ଅଦୃଶ୍ୟ ଭୂତାଣୁ ଦ୍ୱାରା ଆକ୍ରାନ୍ତ କରାଇବାର ପ୍ରମୁଖ କାରଣ ହେଇ ଉଭା ହେଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଭୁଲ କରୁଥିବା ବ୍ୟକ୍ତିବିଶେଷ/ଅନୁଷ୍ଠାନ ନିଜକୁ ସୁରକ୍ଷା ଦେବାପାଇଁ ସବୁବେଳେ କିଛି ଯୁକ୍ତି ସଂଗ୍ରହ କରି ରଖିଥାନ୍ତି, କିଛି କ୍ଷମତା ସମ୍ପନ୍ନ ଅଧିକାରୀ ଏବଂ କିଛି ବଳଶାଳୀ ବ୍ୟକ୍ତିଙ୍କୁ ରକ୍ଷା କବଚ କରି ରଖିଥାନ୍ତି। ଅଧିକନ୍ତୁ, ଶୋଷଣକାରୀ ସଂସ୍ଥା/ଅନୁଷ୍ଠାନ ମାନଙ୍କ ଭିତରେ ଏକ ଭିତିରିଆ ଅନ୍ତରଙ୍ଗତା ରହିଥାଏ। ସେଇଥିପାଇଁ ବୋଧେ କୁହାଯାଇଛି, 'ମଇଁଷି ସିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା।' ଅପରପକ୍ଷରେ ଶୋଷଣର ଶିକାର ହେଉଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ମାନେ ଅଣ ସଂଗଠିତ। ସେଥିପାଇଁ ସେମାନେ ନିଜର ଶୋଷଣତନ୍ତ୍ରକୁ ସମୟକ୍ରମେ ପର୍ଯ୍ୟାପ୍ତ ମାତ୍ରାରେ ଶକ୍ତିଶାଳୀ କରିପାରିଛନ୍ତି ଯାହାକୁ ଭାଙ୍ଗିଦେଇ ପରମୁଖାପେକ୍ଷି ଶିକ୍ଷାବ୍ୟବସ୍ଥାକୁ ମୁକ୍ତ କରିବାର ପ୍ରକୃଷ୍ଟ ସମୟ ଏବେ ଉପନୀତ।

ଶିକ୍ଷା ବ୍ୟବସ୍ଥାକୁ ବିପନ୍ନ କରିବା ସହ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ମାନଙ୍କୁ ଆର୍ଥିକ, ମାନସିକ ତଥା ବୌଦ୍ଧିକ ଶୋଷଣ କରୁଥିବା ଉପରୋକ୍ତ ଶିକ୍ଷାନୁଷ୍ଠାନ ମାନଙ୍କୁ ସିଧା ରାସ୍ତାକୁ ଆଣିବା ପାଇଁ ଆଇନ ଅଦାଲତକୁ ଦୌଡ଼ିବା ଦରକାର ନାହିଁ କି ବିଧାନସଭା ଆଗରେ ଧାରଣା ଦେବାର ଆବଶ୍ୟକତା ନାହିଁ। ବିନା ବିକ୍ଷୋଭ ପ୍ରଦର୍ଶନରେ, ବିନା ନାରାବାଜିରେ, ବିନା ରାସ୍ତା ଅବରୋଧରେ, ବିନା ରକ୍ତପାତରେ, ବିନା ସମୟ ଅପଚୟରେ ଉପରକୁ ବହୁତ ବଡ଼ ଲାଗୁଥିବା ଏହି ଛୋଟ ସମସ୍ୟାର ସମାଧାନ ଖୁବ ସହଜରେ କରାଯାଇପାରିବ।

ସେଥିପାଇଁ ଅଭିଭାବକ ମାନେ ପ୍ରଯତ୍ନବାନ ହେବା ଅତ୍ୟନ୍ତ ଜରୁରୀ। ପ୍ରଥମତଃ, ଆମେ ଅଭିଭାବକ ମାନେ ଶାନ୍ତ ଚିତ୍ତରେ ଗଠନାତ୍ମକ ପରାମର୍ଶ ଦେଇ ଛାତ୍ରଛାତ୍ରୀ ମାନଙ୍କର ଭରସା ଜିତିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ପରୀକ୍ଷାଫଳ ନଆସିବା ପୂର୍ବରୁ ଉପରେ ଶ୍ରେଣୀରେ ନାମଲେଖା ପାଇଁ ବ୍ୟସ୍ତ ଓ ବିଚଳିତ ନହେଇ ଆଗକୁ ଆସୁଥିବା ବୋର୍ଡ ପରୀକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରି ଅଧ୍ୟବସାୟ କରିବା ପାଇଁ ସେମାନଙ୍କୁ ଅନୁପ୍ରେରିତ କରିବାକୁ ହେବ। ଯଥାର୍ଥ ସମୟ ପୂର୍ବରୁ ପିଲାମାନଙ୍କର ଆଡ଼ମିଶନ ପାଇଁ ବ୍ୟଗ୍ର ହେବା ପରିବର୍ତ୍ତେ ପ୍ରିଣ୍ଟ ମେଡିଆ, ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ସଭାସମିତି ଇତ୍ୟାଦି ମାଧ୍ୟମରେ ଏଥିପାଇଁ ସାମଗ୍ରିକ ସଚେତନତା ସୃଷ୍ଟି କରିବାକୁ ପଡ଼ିବ ଯେମିତିକି ବୋର୍ଡ ପରୀକ୍ଷା ଫଳାଫଳ ପ୍ରକାଶନ ପୂର୍ବରୁ କୌଣସି ଅଭିଭାବକ କୌଣସି ପ୍ରକାର ପ୍ରଲୋଭନ, ଭୟ, ମାନସିକ ଚାପ, ପିଲାର ଆଡ଼ମିଶନକୁ ନେଇ ଅସୁରକ୍ଷା ଭାବନା ଇତ୍ୟାଦି ଦ୍ୱାରା କବଳିତ ହେବେନାହିଁ କିମ୍ବା ତଥାକଥିତ ସ୍କଲାରସିପ ଟେଷ୍ଟ ପାଇଁ ଫର୍ମ କିଣି ଆବେଦନ କରିବେନାହିଁ।

ନିଜକୁ ବୁଦ୍ଧିଜୀବୀ ଓ ଶୃଙ୍ଖଳିତ ନାଗରିକ ବୋଲି ଡିଣ୍ଡିମ ପିଟୁଥିବା କିଛି ଛଦ୍ମବେଶୀ ସ୍ୱାର୍ଥପର, କିଛି ସଂଖ୍ୟକ ଭୟାଳୁ ଏବଂ କିଛି ପାଠପଢା ମୂର୍ଖ ମତ ରଖନ୍ତି, 'ଏସବୁ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଚିତ। ମାତ୍ର, ଆମେ ସମସ୍ତେ ଜାଣନ୍ତି ଯେ ଅଧିକାଂଶ କ୍ଷେତ୍ରରେ ସରକାର ଏମିତି କିଛି କାର୍ଯ୍ୟପନ୍ଥା ଗ୍ରହଣ କରନ୍ତି ଯାହା ଆଦୌ କରାଯିବା ଉଚିତ ନୁହେଁ ଏବଂ ନିହାତି ଆବଶ୍ୟକ ଥିବା କିଛି କାର୍ଯ୍ୟକୁ କଦାପି କରନ୍ତିନାହିଁ। ପୁନଶ୍ଚ, ଆମ ଆମର କର୍ତ୍ତବ୍ୟ ଓ ଅଧିକାର ବାବଦରେ ସଚେତନ ନହେଇ, କିଛି ଉଦ୍ୟମ ଓ ଉଦଯୋଗ ନକରି, ସବୁକଥା ସରକାର କରିବେ ବୋଲି କହି ନାଭିରେ ତେଲଦେଇ ନିଶ୍ଚିନ୍ତରେ ଶୋଇଯିବା କେତେଦୂର ସ୍ପୃହଣୀୟ ତାହା ଆପଣମାନେ ବିଚାର କରନ୍ତୁ।


*ହରସିଂହ ପୁର,ପୀରହାଟ ବଜାର*
*ଭଦ୍ରକ-୭୫୬୧୩୧*
*ଦୂରଭାଷ : ୯୯୩୭୫୪୮୪୩୧*



ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।

**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୧୬

# ବେଳ ଭଲ ନାହିଁ

**ଗୋ**ଟିଏ ପ୍ଲେଟରେ ପୁରି ତରକାରୀ ଧରୁ ଧରୁ କହିଲା ଦାଦା ହୋ, ତମେ ଯେଉଁ ଯାତ୍ରା ପାଇଁ ଏତେ ସଜବାଜ ହେଉଥିଲ ତାହା ବୋଧେ ଆରମ୍ଭ ହୋଇଗଲା।

ତୁ କେମିତି ଜାଣିଲୁ ?

ଜାଣିବି କ'ଣ ମ, ହେଇ ଦେଖୁନା ବାୟାବୋବା ଛକରୁ କିପରି ହୋ-ହୋ, ଶୁଭିଲାଣି।

ନିତ୍ୟାନନ୍ଦ ଦୋକାନ ଭିତରୁ ବାହାରି ଆସି ଚାହିଁଲା ଛକ ଆଡେ, ହଁ-ତ, ଆରେ ତୁ ଆମ ଘରେ ଖବର ଦେଇଥିଲୁ ନା? ସେ ଟୋକା ଦିଇଟା କୁଆଡେ ଗଲେ ଏ ଯାଏଁ ଦେଖା ନାହିଁ ?

ଆଉ ଥିବେ-ଆଉଥିବେ, ଏତେ ହରବର କାହିଁକି ? ସେମାନେ ତ ଆଗ କଲେଜ ଯିବେ, ସେଠୁ ରେଜଲଟ୍ ଜାଣିବା ପରେ ତ ତମ ଦୋକାନରେ ଭିଡ ଲାଗିବ ନା ?

ଆରେ ସେଥିପାଇଁ କ'ଣ ଗୋଟେ ସମୟ ଲାଗିବ ?

କୋଳାହଳଟି ଧୀରେ ଧୀରେ ପାଖେଇ ଆସୁଥିଲା। ସେ ଉନ୍ମାଦ ଯେମିତି ଥିଲା ଗାଆଁ ଗାଆଁ ମଧ୍ୟରେ ହେଉଥିବା ଫୁଟବଲ ମ୍ୟାଚର ବିଜୟ ଉଲ୍ଲାସ। ସୁଦର୍ଶନ ବାବୁ ନିତ୍ୟାନନ୍ଦଙ୍କୁ ପଚାରିଲେ- ଏଇଟା କ'ଣ ସେହି ପରୀକ୍ଷା ଫଳର ଶୋଭଯାତ୍ରା ?

ହଁ - ଭାଇ।

ଶୋଭଯାତ୍ରା ହେଉଥିଲା ଆହୁରି ନିକଟତର। ଶୋଭାଯାତ୍ରାର ଆଗରେ ଥିଲେ ଗତରାତିରେ ବୁକ୍‌ଲେଟ୍ ପାଇଁ ଭୁବନେଶ୍ୱର ଯାଇଥିବା ଅଧ୍ୟାପକ ଦେବ ବାବୁ ଓ ତାଙ୍କ ପଛେ ପଛେ ଛାତ୍ର ଛାତ୍ରୀବୃନ୍ଦ। ପିଲାମାନଙ୍କ ଗହଣରେ ଅଧ୍ୟାପକ ଜଣକ ଚାଲୁ ନଥିଲେ ତ, ପିଲାମାନେ ତାଙ୍କୁ ଏକରକମ ଟେକି ଟେକି ଆଣୁଥିଲେ ଓ ସ୍ଲୋଗାନ ଦେଉଥିଲେ- ସବୁ ପାଶ୍- ଜିନ୍ଦାବାଦ, ସବୁ ପାଶ୍-ଜିନ୍ଦାବାଦ।

ରେଜଲଟ୍ ତାହେଲେ ସବୁ ପିଲାମାନେ ଜାଣିସାରିଲେଣି ? ସେଇଟା ତ ସେମାନେ ପରୀକ୍ଷା ଦେବା ଦିନରୁ ଜାଣିଥିଲେ, ଏଇଟା ତ ଖାଲି ଔପଚାରିକତା।

ହୋ-ହାଲ୍ଲା ମଧ୍ୟରେ ଶୋଭାଯାତ୍ରାଟି ଅତିକ୍ରମ କଲା ନିତ୍ୟାନନ୍ଦର ଦୋକାନ। ଜଣେ କିଏ ଛାତ୍ର ନିତ୍ୟାନନ୍ଦ ଆଡେ ଚାହିଁ କହିଲା - ଏନ୍.ଏସ୍.ଏସ୍ ସବୁ ରେଡି କରି ରଖିଥାଅ, ଆଜି ଧମାଲ ହେବ, ଧମାକା ହେବ।

ନିତ୍ୟାନନ୍ଦ ସୁଦର୍ଶନ ବାବୁଙ୍କୁ ଚାହିଁ କହିଲା- ଦେଖିଲ ତ ଭାଇ, ଏ ଯେଉଁ ପିଲା ଏନ୍.ଏସ୍. ବୋଲି ଡାକିଲା ନାହିଁ, ସିଏ କିଏ ଜାଣିଛ ?

କିଏ ?

ମନୋଜ ମଳିକ ? ନଟ ମଳିକ ପୁଅ- ତା' ବାପ ଏଥର ସମିତି ସଭ୍ୟ ହୋଇଛି। ନଟ ସମିତି ସଭ୍ୟ ହୋଇଛି।

ଆପଣ ଆଖି ତରାଟି ଦେଲେ ଯେ ?

ଆରେ ନଟ ରାଜନୀତି ବାବଦରେ କ'ଣ ଜାଣେ ? ସେ କ'ଣ ମାଛ ବେପାର ଛାଡିଦେଲା ?

ସମିତି ସଭ୍ୟ ହେବା ଯାଏଁ ମାଛ ବେପାର ଛାଡି ନଥିଲା, ହେଲାପରେ କିନ୍ତୁ ବନ୍ଦ କରିଦେଇଛି। ହଁ, ସିଏ ଏବେ ନାଆଁକୁ ସମିତି ସଭ୍ୟ ଅସଲ ସମିତି ସଭ୍ୟ ତ ତା'ର ଏଇ ପୁଅ। ବୟସ ହେଲାନି ବୋଲି ସେ ସିନା ଠିଆ ହୋଇପାରିଲା ନାହିଁ, ନହେଲେ ଇଏ ତ ଠିଆ ହୋଇଥାଆନ୍ତା, ଏଇନେ ବାପର ମୋହର ଏହାର କାର୍ଯ୍ୟ। ତା' ବାପ ବି ଚାହୁଁନଥିଲା ମାଛ ବେପାର ବନ୍ଦ କରିବାକୁ, ହେଲେ ଏ ଟୋକାକୁ ଗନ୍ଧାଇଲା ସେ ବେପାର। ତାକୁ ବନ୍ଦ କରିଦେଇ କେବଳ ଖଦଡ ପିନ୍ଧାଇ ବସାଇ ରଖିଛି ଘରେ। ଯାହାର ଯାହା କାମ ସେ କଣ୍ଟ୍ରାକ୍ଟ ହେଉ ଅବା ଇନ୍ଦିରା ଆବାସ, ବିପିଏଲ କାର୍ଡ ହେଉ କିମ୍ବା ଗ୍ରାମ ସଡକ, ସବୁପାଇଁ ଧରିବାକୁ ପଡିଏ ଏ ଟୋକାକୁ। ଏସବୁ କାମ ପାଇଁ ସେ କମ୍ ହାଙ୍କୁନି। ଏହାର ଚେର ବି ଏବେ ଲମ୍ବା ହୋଇ ଗଲାଣି। ଇଏ ପରା ଆମ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀଙ୍କର ଖାସ୍ ଲୋକ। ଯାର ହାକିମାତି ଆଉ ପଞ୍ଚାୟତ ଭିତରେ ସୀମିତ ହୋଇ ରହିନାହିଁ, ଏବେ ଜିଲ୍ଲା ସ୍ତରକୁ ବ୍ୟାପିଗଲାଣି। ସରକାରୀ ଅଫିସରଙ୍କୁ ବଦଳି କରିବା କିମ୍ବା କାହା ବଦଳିକୁ କ୍ୟାନସଲ କରିବା ତ ଏହାର ବାଆଁ ହାତର ଖେଳ, ଏପରିକି ଏବେ ଯେଉଁ ସରକାରୀ ଋଣ ବ୍ୟାଙ୍କ ମାନଙ୍କରୁ ମିଳୁନି, ଯଦି ଏହାର ସୁପାରିଶ ନାହିଁ ମିଳିବ ନାହିଁ।

ତାହେଲେ ଖୁବ୍ ଯୋଗାଡ଼ିଆ ଓ ଯୋଗ୍ୟ ଅଛି ନଟର ପୁଅ ?

ହଁ-ସେଇଆ ନୁହଁତ ଆଉ କ'ଣ ? ଯାର ପାଠ ପଢ଼ାଟା କେବଳ ରାଜନୀତି କରିବାକୁ ସାର୍ଟିଫିକେଟ୍ ଟିଏ ପରି। ଆଜି ଦେଖିବେ ଇଏ ପଇସା ବୁହାଇବ ପାଣି ପରି। ଆର ବର୍ଷକୁ ଯାର ଏ କଲେଜର ପ୍ରେସିଡେଣ୍ଟ ହେବାକୁ ଅଛି ନା। ବୁଝିଲ ଭାଇ-କଲେଜ କଥା କୁହନ୍ତୁ ବା ଗାଆଁ କଥା କୁହନ୍ତୁ ସବୁଠି ଯାର ଦାଦାଗିରି। ଈଶ୍ୱର ରକ୍ଷା କରିଦେଲେ ନଟ ଜିଲ୍ଲା ପରିଷଦ ପ୍ରେସିଡେଣ୍ଟ ହୋଇପାରିଲାନି। ଯଦି ହୋଇଯାଇଥାନ୍ତା, ତେବେ ତା' ପୁଅ ବେକକୁ ଆଉ ପଘା ମିଳିନଥାନ୍ତା।


(କ୍ରମଶଃ)



# ଦେବକୀର ଗର୍ଭ

**ଶାନ୍ତନୁ କୁମାର ସର**





**ଯେ**ତେ ସବୁ ସତର୍କତା ଓ
ସତର୍କ ପ୍ରହରୀ ସତ୍ତ୍ୱେ
କେଉଁ ଅସତର୍କ ମୁହୂର୍ତ୍ତରେ
ଦେବକୀର ଅଷ୍ଟମ ଗର୍ଭ
ଉଭା ହୋଇଯିବ।
କେଉଁ ଉଦ୍ଧତ ପ୍ରୟାସ ତା'ର
ପଥ ଓଗାଳିବ।

ତା'ର ସ୍ୱାଗତ ପାଇଁ
ଦରକାର ନାହିଁ ସୁରଭିତ ଅଭିନନ୍ଦନିକା,
ବିକଳାଙ୍ଗ ଶୁଭେଚ୍ଛାର କୃତ୍ରିମ ଶୁଭେଚ୍ଛା,
କଣ ବା ଦରକାର ଅଛି
ଭାବହୀନ ରସିକତା ଓ
ରସହୀନ ଯାନ୍ତ୍ରିକ ଉଷ୍ମତା।


ସେ ଥରେ ଆସିଗଲେ
ବରଫରେ ନିଆଁ ଲାଗିଯିବ
ଅନ୍ଧାରେ ଆଲୁଅ ଜଳିବ
ବସନ୍ତରେ କୁହୁତାନ ଶୁଣାଯିବ
ଦାରୁଣ ଗ୍ରୀଷ୍ମରେ
ପକ୍ଷଘାତ ରୋଗୀପରି
ଅଥର୍ବ ଭାବନା ଯେତେ
ପୁଣି ଥରେ ରୂପମତୀ ହେବ।
ଆକାଶର ଇନ୍ଦ୍ରଧନୁ
ଶବ୍ଦର ଜାଲରେ
ଆପେ ଆପେ ବାନ୍ଧି ହୋଇଯିବ।

*ପ୍ରାକ୍ତନ ଅଧକ୍ଷ ଅନୁଗୋଳ କଲେଜ*
*ଅନୁଗୋଳ*

# କୋଉଠିକୁ ଯିବ ଯେ ତୁମେ



**ବିନୟ କୁମାର ଦାସ**



**କୋ**ଉଠିକୁ ଯିବ ଯେ ତୁମେ
ସେଠି ତ ବୋମା ର ଭୟ
ଏଠି ସେମାନେ ଛୁରୀ ଭୁଜାଲିରେ
ଖେଳୁଛନ୍ତି ହୋଲି ।
ସମ୍ବନ୍ଧୀ ଯାହାକୁ କଲ
ସେ ତ ନିତି ଦିଅନ୍ତି ଖବର
ଆଉ କିଛି ରହିଗଲା ବାକୀ
ଝିଅ ମୁହଁକୁ ଚାହିଁ ସେତକ
ତୁରନ୍ତ ପଇଠ କରିଦିଅ ।

ଧର୍ମପୀଠରେ ତ ଦଲାଲଙ୍କ ଭିଡ
ତୁମକୁ ଯାବତୀୟ ସୁବିଧା କରାଇଦେବେ କହି
କରିଚାଲିଥାନ୍ତି ନିରବ ଶୋଷଣ ।
ପ୍ଲେନ୍, ଟ୍ରେନ୍, ବସ୍..ଯୋଉଥିରେ ଯାଅ
ଦୁର୍ଘଟଣା ଏବେ ସାଧାରଣ କଥା ।
ଛିନ୍ ତାଇ, ଧର୍ଷଣ, ଦାଦାଗିରି..
ଦେହସୁହା ପ୍ରାୟ ॥

ଘରକୁ ଫେରିବ..ଫେରିଆସ
ଶିକ୍ଷିତ ବେକାର ପୁଅ କହିବ
ଟଙ୍କା ଦିଅ..ପ୍ରୋଭିଡେଣ୍ଟ ଫଣ୍ଡ ଫାଙ୍କା କର
ମୁଁ ଗାଡି କିଣିବି । ବିଜିନେସ୍ କରିବି ।
ଏଣେ ଘରେ ବଢ଼ିଲା ଝିଅ ତଥାପି ରହିଛି
ବର ମିଳୁନାହିଁ..ବୟସ ବଢି ବଢି ଚାଲିଛି ।

ରୁଗ୍‌ଣା ପତ୍ନୀ ଅସହାୟା
ସେ ବିଚାରୀ କାହାର ବା ହେବ ?
ପୁଅର..ଝିଅର .. ନା ସ୍ୱାମୀର ?


ଚାକିରୀ କ୍ଷେତ୍ରରେ ତୁମେ ତ ଥିଲ
ଏକ ସୁଧାର ମେଷଶାବକ
ଶିଖି ତ ପାରିଲ ନାହିଁ
ତେଲ ମାରିବାର ସୂକ୍ଷ୍ମ କଳାଟିକକ
ନା ଦେଇ ପାରିଲ..ନା ନେଇ ପାରିଲ ।
ତୁମ ପାଇଁ ଏବେ ସବୁ ବାଟ ବନ୍ଦ
କୋଉଠିକୁ ଯିବ ଯେ ତୁମେ ???

*ଅନାମିକା ନୀଡ, ଅଂଗାରଗଡିଆ,*
*ବାଲେଶ୍ୱର-୧*
*ମୋ- ୭୯୭୮୮୬୦୩୬୩*

# ନିଷ୍ଠୁର ପ୍ରେମିକା

**ସରୋଜ ଜେନା**





*(ପୂର୍ବପ୍ରକାଶ ଉତ୍ତାରୁ)*


ଏମିତି ଚାରିମାସ ବିତିଗଲା ଆଜିବି ସେ ଝିଅକୁ ପ୍ରିତମ ଯଦି ଦେଖୁଥାଏ ମୁହଁ ତାର ଚାହେଁନି। କାରଣ କେବେ ବିବାହ ପରଠାରୁ ଗୋଟିଏ ଫୋନ୍ କଲ୍ ମାଧ୍ୟମରେ ହେଉ କିମ୍ବା କାହା ଜରିଆରେ ହେଉ ପ୍ରିତମର ଭଲ ମନ୍ଦ ପଚାରିଲା ନାହିଁ। ଆଜି ବି ପ୍ରିତମ ଶ୍ରଦ୍ଧା ପାଇଁ ପାଗଳ ସଦୃଶ। ପୁଣି ସିଗାରେଟ୍ ପିଇ ପିଇ ପ୍ରିତମ ପୁରା ରୁଗ୍ଣ ହୋଇଯାଇଥାଏ। କଥାରେ ଅଛି ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି ତେଣୁ ମାନସିକ ଚିନ୍ତାରେ ସେ ପୁରା ଭାଙ୍ଗି ପଡିଥାଏ। କିନ୍ତୁ ଏହି ସବୁ କଣ ସେହି ନିଷ୍ଠୁର ପ୍ରେମିକା ଶ୍ରଦ୍ଧା ବୁଝି ପାରିବ ନା ଜାଣି ପାରିବ। ଗୋଟେ ସରଳ ନିଷ୍ପାପ ସୁନ୍ଦର ଗୁଣବାନ ପୁଅ ମନରେ ଧୋକା ,ପ୍ରତାରଣା ,ବିରହ ଭରିଦେଇ ବଞ୍ଚି ଥାଉ ଥାଉ ମାରିଦେଇ ଯିବା କେତେ ଦୂର ଠିକ୍। ଯଦି ଆଜି ପ୍ରିତମ ଏହି ସଂସାରରୁ ଚାଲି ଯାଇଥାନ୍ତା ଯେମିତି ଆତ୍ମହତ୍ୟା ଉଦ୍ୟମ କରିଥିଲା। ତାହାଲେ ଭାବିଲ ଟିକିଏ ଏହି ସମାଜ କଣ ହୋଇଥାନ୍ତା ପ୍ରିତମ ବାପା , ମାଆଙ୍କ ଅବସ୍ଥା ,ପୁଅକୁ ସବୁ ଦିନ ପାଇଁ ଗୋଟେ ଝିଅ ଯୋଗୁ ହରାଇ ବସିଥାନ୍ତେ। କିନ୍ତୁ ସେ ଝିଅ ଶ୍ରଦ୍ଧା ଅନ୍ୟତ୍ର ବାହା ହୋଇ ପ୍ରିତମକୁ ଭୁଲି ଭଲରେ ରହିଲା। କିନ୍ତୁ ଆଜିବି ପ୍ରିତମ ସେହି ଝିଅକୁ ଆଗ ଭଳି ଭଲ ପାଉଛି। ବିବାହ ପରେ ପ୍ରିତମ ଶ୍ରଦ୍ଧା ବିଷୟରେ କିଛି ନୂତନ ତଥ୍ୟ ଜାଣିବାକୁ ପାଇଥିଲା। ଯାହା ହେଉଛି ଶ୍ରଦ୍ଧା ଏକ ଖରାପ ଚରିତ୍ରର ଝିଅ। ଆଉ ଅନେକ ପୁଅଙ୍କ ଜୀବନ ସହିତ ଖେଳ ଖେଳିଛି। ହଠାତ୍ ପ୍ରିତମର ଏକ ଘନିଷ୍ଠ ବନ୍ଧୁ ପ୍ରିତମ ସହିତ ବହୁତ ଦିନ ପରେ ଭେଟ ହେଲା ଏବଂ ପ୍ରିତମର ଭଲ ମନ୍ଦ ପଚାରୁ ପଚାରୁ ପ୍ରିତମ ଏହି ସବୁ କଥା ତାର ବନ୍ଧୁକୁ କହିଥିଲା। ଏହି କଥା ଶୁଣି ପ୍ରିତମକୁ ତାର ବନ୍ଧୁ କହିଥିଲା ସେହି ଝିଅ ପ୍ରିତମର ବନ୍ଧୁ ସହିତ ମଧ୍ୟ ସମ୍ପର୍କ ରଖିଥିଲା ଆଉ ତାକୁ ମଧ୍ୟ ଛଳନା କରିଥିଲା। ଆଉ ତାର ବନ୍ଧୁ କହିଥିଲା ସେ ଗୋଟେ କାମନା ଲାଳସା ଝିଅଟେ ତାକୁ ଚିହ୍ନିବା ବହୁତ କଷ୍ଟ। ସେ ଦିନ ଏହି କଥା ଶୁଣି ପ୍ରିତମ ଆହୁରି ଭାଙ୍ଗି ପଡ଼ିଥିଲା। ଏହା ପରେ କିଛି ଦିନ ପରେ ପ୍ରିତମ ଭଲ ପାଇବା କଥା ପ୍ରିତମର ଜଣେ ସମ୍ପର୍କୀୟ ଭାଇ ଜାଣିବାକୁ ପାଇଥିଲେ। ପ୍ରିତମର କଥା ଶୁଣି ସେ ଝିଅ ବିଷୟରେ ସବୁ ପ୍ରିତମକୁ କହିଥିଲେ। ଆଉ କହିଥିଲେ ସେ ଝିଅ ଶ୍ରଦ୍ଧା ଗୋଟେ ଚରିତ୍ର ହିନା ଝିଅଟେ ସେ ଅନେକ ପୁରୁଷଙ୍କ ସହିତ ସମ୍ପର୍କ ଅଛି। ଆଉ ଶୁଣ ପ୍ରିତମ ତୁମ ଭଳି ସରଳ ପିଲାର ମନରେ ଯିଏ ଆଘାତ ଦେଇ ପାରେ ତୁମ ଭାବିନିଅ ସେ ଗୋଟେ ନିଷ୍ଠୁର ଝିଅ। ଆଉ ଯେଉଁ ଝିଅର ମନ ବୋଲି କୁଆଡୁ ଆସିବ ତାର ସବୁ ପୁରୁଷ ପତି ଭଳି। ଏହି କଥା ବି ସମ୍ପର୍କୀୟ ଭାଇଙ୍କ ଠୁ ଶୁଣି ପ୍ରିତମ ଆହୁରି ଭାଙ୍ଗି ପଡ଼ିଥିଲା। କିନ୍ତୁ ସେହି ଭାଇ ପ୍ରିତମକୁ ବୁଝାଇ ଥିଲେ ଯେଉଁ ଝିଅର ଅନେକ ପୁରୁଷଙ୍କ ସହିତ ସମ୍ପର୍କ ଅଛି ସେହି ଭଳି ନିଷ୍ଠୁର ଝିଅକୁ ଭଗବାନ ତୁମ ଭଳି ସରଳ ହୃଦୟ ଗୁଣବାନ ପୁରୁଷ ଠାରୁ ତାକୁ ଅଲଗା କରିଦେଇଛନ୍ତି। ଭାବିନିଅ ଈଶ୍ୱର ତୁମର ମଙ୍ଗଳ କରିଛନ୍ତି। ଆଉ ସେ ଦିନ କିଛି ମାତ୍ରା ରେ ସେ ଝିଅ ପ୍ରତି ବିତୃଷ୍ଣା ଭାବ ଜାତ ହୋଇଥିଲା। କିନ୍ତୁ ସମାଜ ଆଗରେ ଶ୍ରଦ୍ଧା ଯାହା ହେଲେ ବି ପ୍ରିତମ ଶ୍ରଦ୍ଧାକୁ ହୃଦୟ ଦେଇ ଭଲ ପାଇଥିଲା। ପ୍ରିତମ ଆଜିବି ଶ୍ରଦ୍ଧାକୁ ଝୁରୁଛି ଏବଂ ବେଳେ ବେଳେ ପାଗଳ ଭଳି ହୋଇଯାଏ। ଏବଂ ଶ୍ରଦ୍ଧା କଥା ମନେପଡ଼ିଲା ବେଳେ ପ୍ରବଳ କାନ୍ଦେ। ଏହାକୁ ତ ହିଁ କହନ୍ତି ପ୍ରକୃତ ପ୍ରେମ। ଆଜିବି ପ୍ରିତମ ଆଖିରେ ସବୁ ଅସୁମାରି ସ୍ୱପ୍ନ ଆଶାରେ ରହିଗଲା ଏବଂ ଆଜିବି ପ୍ରିତମ ଆଖିରୁ ଝରୁଛି ସେହି ପ୍ରତାରଣାର ଲୁହ। ସେ ଲୁହ ନୁହେଁ ରକ୍ତ ସଦୃଶ। କେବେ କେବେ ସେହି ଲୁହକୁ ଧରି ଧର୍ମ ଦେବତାଙ୍କୁ ଡାକି ପ୍ରିତମ କହେ ହେ ଧର୍ମ ଦେବତା ଯଦିଓ ଏ ସଂସାରେ ଧର୍ମ ବୋଲି ଗୋଟେ ଶବ୍ଦ ଥାଏ ତାହାଲେ ମୋତେ ଯିଏ ଏତେ ସରି କରିଛି ମୋ ସିନ୍ଦୂରକୁ ପୋଛି ଯାତ୍ରା ନାଟକ ଭାବି ସିନ୍ଦୂର ପୋଛି ଦେଇଛି ଆଉ ମୋତେ ଏତେ ଧିକ୍କାର କରିଛି ଯାହା ଯୋଗୁଁ ମୁଁ ଆଜି ଏତେ ଶାସ୍ତି ପାଉଛି ଆଉ ପ୍ରତି ମୁହୂର୍ତ୍ତରେ କନ୍ଦାଇ ଦେଇଗଲା ଶୁଣ ହେ ଧର୍ମ ଦେବତା ଯିଏ ଅନେକ ପୁରୁଷ ସହିତ ସମ୍ପର୍କ ରଖି ମୋ ସହିତ ଅଧର୍ମ କରିଛି ମୋତେ ଭୁଲି ଧୋକା ଦେଇ ଅନ୍ୟତ୍ର ବହାହୋଇଗଲା ସେହି ଭଳି ଝିଅକୁ ତୁମେ ଧର୍ମ ଦେବତା ଶାସ୍ତି ଦିଅ। ଆଉ ମୋ ପ୍ରେମ ଯଦି ଚିରନ୍ତନ ସତ୍ୟ ହୋଇଥିବ ମୋ ସହିତ ଯିଏ ଅଧର୍ମ କରିଛି ମୋ ଆଖି ଲୁହ ତାହାରି ଉପରେ ପଡୁ ଏତିକି ଚାହୁଁଚି ଧର୍ମ ଦେବତା। ଏହା ଆଜି ଗୁଞ୍ଜରିତ କରେ ପ୍ରିତମ ମନରେ ସେ ଆଜି ବି ଈଶ୍ୱରଙ୍କ ଉପରେ ନ୍ୟାୟ ଦଣ୍ଡିକୁ ଛାଡ଼ିଦେଇଛି। ପ୍ରିତମ ଚାହିଁଥିଲେ ଶ୍ରଦ୍ଧା ଜୀବନ ବରବାଦ କରିପାରିଥାନ୍ତା ? କିନ୍ତୁ ପ୍ରିତମ ସେହି ଭଳି ପିଲା ନୁହଁ। ସେ ହୃଦୟ ଦେଇକି ଭଲ ପାଇଥିଲା ମରିବା ପର୍ଯ୍ୟନ୍ତ ବସାଇଥିବ ମଧ୍ୟ ତାର ଭଲ ପାଇବାକୁ। ସେ ନିଷ୍ଠୁର ସାଜିଲା ବୋଲି ମୁଁ କେବେ ସଜିବି ନାହିଁ। ଏହି କଥା ସବୁବେଳେ ପ୍ରିତମ ମନସ୍ଥ କରେ। ଆଉ ଆଜିବି ପ୍ରିତମ ସମୟକୁ ଅପେକ୍ଷା କରି ବସିଛି ଦିନେନା ଦିନେ ସେ ଝିଅର ସୁଖ ଜଳି ପୋଡ଼ି ଧ୍ୱଂସ ହୋଇଯିବ କାରଣ ଦୁନିଆରେ କୋଉ ପ୍ରେମିକ କୋଉ ପ୍ରେମିକାର ଅମଙ୍ଗଳ ଚାହେଁନି କିନ୍ତୁ ଏହା ଭଗବାନ ଉପରେ ପ୍ରିତମ ଛାଡ଼ିଦେଇଚି। ସେ ଯାହା କରିବେ। କାରଣ ଏହି ଭଳି ନିଷ୍ଠୁର ଝିଅ ମାନେ ଯେଉଁ ଗର୍ବ ବଳରେ ପ୍ରିତମର ଜୀବନ ନଷ୍ଟ କରିଦେଲା ଆଉ ଧନ ଲୋଭ ବଳରେ ପ୍ରିତମକୁ ଧିକାର କରିଛି ସେଥିପାଇଁ ପ୍ରିତମ ଚାହେଁ ସେହି ଝିଅର ଗର୍ବ ଖର୍ବ ହେଉ। ତାହା ସମୟ କହିବ କଣ ହେବ କଣ ନାଇଁ। କାରଣ ତଥାପି ଇତିହାସ ଦେଖିଲେ ଧର୍ମ ସଦା ସର୍ବଦା ଜୟ ହୋଇଛି ଆଉ ଗର୍ବିର ଗର୍ବ ଖର୍ବ ବି ହୋଇଛି। ଆଜିବି ପ୍ରିତମ ତାର ଦୁଃଖ ଭଗବାନଙ୍କୁ ଜଣାଉଛି। ଏବଂ ନୂତନ କରି ନୂତନ ଜୀବନ ଜାପନ କରୁଛି। ଆଜିବି ପ୍ରିତମ ତାର ଭଲ ପାଇବା ଛାତି ତଳେ ରଖିଛି କିନ୍ତୁ ଘୃଣା କରେ ସେ ଝିଅର ଗୁଣ ଆଉ ଚରିତ୍ରକୁ। କାରଣ ସେ ଥିଲା ନିଷ୍ଠୁର ପ୍ରେମିକା। *(ସମାପ୍ତ)*

# କବିତାର କଥା

(ଭାଗ-୧୭)



**ଉମାକାନ୍ତ ରାଉତ**



## ସାଂକେତିକତାର ଗଣ୍ଡରେ ବୁଡି ନଯାଉ ଭାବର ମାଧୁର୍ଯ୍ୟ

କହିବାରେ ସଂକୋଚ ନାହିଁ ଯେ ଆଜିକାଲି ଅଧିକାଂଶ କବିତାରେ କିଛି ଅନ୍ତର୍ଦୃଷ୍ଟି, ଲକ୍ଷ୍ୟ , ଅଭିପ୍ରାୟ କି ସନ୍ଦେଶ ନାହିଁ। କେବଳ ମୂକ ମଣିଷଟିଏ ସଂକେତରେ କହିଲା ଭଳି ଯାହା କୁହାଯାଉଛି। ତେଣିକି ଯିଏ ଯାହା ବୁଝୁଛି ବୁଝୁ। ମୂକର ଠାରକୁ ଯଦି କିଏ ବୁଝି ନପାରିଲା ସେଇଟା ବୁଝିବା ଲୋକର ଦୋଷ, ମୂକର ନୁହେଁ। କାରଣ ମୂକର ଇଙ୍ଗିତକୁ ବୁଝିବା ପାଇଁ ଆବଶ୍ୟକୀୟ ଦକ୍ଷତା ହୁଏତ ତା'ର ନାହିଁ। ଏହିଭଳି କାକତାଳିୟ ନ୍ୟାୟରେ ଆମର କେଇଜଣ ପଣ୍ଡିତ କବି (ଯେଉଁମାନେ ମଝିରେ ମଝିରେ ଏମିତି ଉଦ୍ଭଟ, ଉତ୍ତେଜକ ତଥା ଚାଞ୍ଚଲ୍ୟକର ସଂକେତ, ଇଙ୍ଗିତ, ଚିତ୍ରକଳ୍ପ ଆଦି ବ୍ୟବହାର କରନ୍ତି ଯେ ତାକୁ ଆମେ ତ ଆମେ ଆମ ଚଉଦପୁରୁଷ ବି ହଜମ କରିପାରିବେ ନାହିଁ!) ତାଙ୍କର କବିତାକୁ ବୁଝିବା ପାଇଁ କୁଶଳୀ ପାଠକ (ଝକଓଖଖରଉ ଜରଇଉରଜ ହଙ୍କସ୍ୱସ୍ୱ କ୍ଷସଳର ଝଳସକ୍ଷକ୍ଷରୟ ଖବେଭକ୍କଙ୍କସ୍ୱରକ୍ୱ , ଝଳସକ୍ଷକ୍ଷରୟ ଉକ୍କସ୍ୱଳରକ୍ୱ) ଦରକାର ବୋଲି ସେମାନେ ହାତବାଡେଇ ଘୋଷଣା କରନ୍ତି। ତେଣୁ ଦୋଷ ତାଙ୍କର କି ତାଙ୍କ କବିତାର ନୁହେଁ। ଦୋଷ ଆମର, ଯେହେତୁ ଦକ୍ଷତାର ଅଭାବ। ସେଇମାନଙ୍କ ଉଦ୍ଦେଶ୍ୟରେ ମୋ ଭଳି କମନ୍ ମେନ୍‌ଙ୍କ କବିଟିର ଛାତିରୁ ଚିପୁଡ଼ି ହୋଇ ବାହାରି ଆସେ ....

କବିତା ଲେଖିବ ଏମିତି
ତାକୁ କେହି ବୁଝି ପାରିବେନି ଯେମିତି
ତୋ' କବିତା ଯଦି ସବୁ ବୁଝିନେବେ
ବଡ଼ କବି ହେବୁ କେମିତି ?

ମୂକ ମଣିଷଟିଏ ଜଣାଇବାକୁ ଚାହୁଁଥିବା ତା'ର ଭାବ ଓ ଭାଷାକୁ ଆମେ ଅବିକଳ ବୁଝି ପାରୁଛନ୍ତି କି ନା ତାର ଗ୍ୟାରେଣ୍ଟି କିଏ ଦବ ? ମୂକ ସେସବୁର ସ୍ପଷ୍ଟୀକରଣ, ଟୀକା ଟୀପ୍ପଣୀ ଦେଇପାରିବ କି ? ନା; କାରଣ ସିଏ ମୂକ ଏବଂ ତାର ସମସ୍ତ ପରିପ୍ରକାଶର ସମ୍ବଳ ହିଁ କେବଳ ତାର ସାଂକେତିକତା।

ଅନେକ ସ୍ଥଳରେ ଆଦୌ ଆବଶ୍ୟକତା ନଥାଇ କେବଳ ପାଣ୍ଡିତ୍ୟ ଓ ବାହାଦୁରୀ ଦେଖାଇବାକୁ ଅଯଥାରେ ଦିଆଯାଉଥିବା ଏହି ସାଂକେତିକତା ଏବର ଅନେକ କବିତାକୁ କେବଳ ମୂକ/ପଙ୍ଗୁ ସଜେଇ ଦେଉନାହିଁ, ଅନେକାଂଶରେ କାବ୍ୟାମୋଦୀର ପାଠକମାନଙ୍କୁ ତା'ଠାରୁ ଦୂରେଇ ଦେଉଛି। ଏହା ଲାଳିତ୍ୟପୂର୍ଣ୍ଣ କଥା କହିବାର ଦକ୍ଷତା ଥିବା ଅନେକ କବିତାକୁ ମୂକ ହେବାକୁ ବାଧ କରୁଛି। ନିଜର ବାହାଦୁରୀ/ବାହାସ୍ଫୋଟ ପାଇଁ ସ୍ୱତଃ ପ୍ରବାହିତ କବିତା ତଟିନୀର ନାଦମୁହଁରେ ତୁଣ୍ଡି ବାନ୍ଧି ତାକୁ ଠାରରେ କହିବା ପାଇଁ ବାଧ କରିବାର ଦୁର୍ବୁଦ୍ଧି ତୁମକୁ କିଏ ଦେଲା ? ସ୍ପଷ୍ଟ କଥା କହିପାରୁଥିବା କବିତାକୁ ସଂକେତରେ ତା'ର କଥା କହିବା ପାଇଁ ବାଧକରିବା ଏକ ଦୋଷାବହ ଧୃଷ୍ଟତା ନୁହେଁ କି? କବିତା କ'ଣ ଅନ୍ଧ ? କବିତା କ'ଣ ବଧିର ? ? କବିତା କ'ଣ ମୂକ ? ? ?

ଏକଥା ଶୁଣି ଆଜିର ଅନେକ କବିବନ୍ଧୁ ହୁଏତ ନାକ ଟେକିବେ, ମୋତେ ଆଡ ନୟନରେ ଚାହିଁବେ। ସେମାନଙ୍କ ମତରେ କବିତାର ଗୋଟେ ସଂଦେଶ କ'ଣ, ଦୃଷ୍ଟି କ'ଣ ?

ମୋର କହିବାର କଥା ହେଲା, କବିଟିଏ ଲକ୍ଷ୍ୟ କି ସନ୍ଦେଶ ନେଇ କବିତା ଲେଖିବାକୁ ବସେ ନାହିଁ। ସେମିତିଭାବେ କବିତା ଲେଖାହୋଇପାରେନାହିଁ। ହେଲେ ପ୍ରଚଣ୍ଡ ଅନ୍ତର୍ଧ୍ୱନିସମ୍ପନ୍ନ କବିତା ସ୍ରଷ୍ଟାର ଅଗୋଚରରେ ସ୍ୱୟଂ ଏହାକୁ ସନ୍ଦେଶମଣ୍ଡିତ କରିଦେଇଥାଏ। ଏହାହିଁ କବିତାର କରିସ୍ମା।

କବିତା ଯେ ଆତ୍ମ ଆବିଷ୍କାରର କାହାଣୀ, ଏଥିରେ ଦ୍ୱିମତ ହେବାର ନାହିଁ। ଯୁଗ ଯୁଗ ଧରି କବି ନିଜକୁ ଖୋଜି ଚାଲିଛି। ଏହି ଅନ୍ୱେଷଣର ନିଶା ବା ଆବେଗିକ ପରିପ୍ରକାଶର ମୁଖପାତ୍ର ହିଁ କବିତା (ସର୍ଜନା)। ଏହି ସାରସ୍ୱତ ତୃଷ୍ଣା ଓ ସୃଜନସ୍ୱପ୍ନ ବିନା ଜୀବନ ଅଧୁରା। ଏହି ଅନୁସନ୍ଧାନର ପ୍ରକ୍ରିୟା ମଧ୍ୟରେ କବିକୁ ସ୍ୱତଃ ଯେଉଁ ବାଧା/ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ତାହା ମୁଖ୍ୟତଃ ଦୁଇ ପ୍ରକାରର।

ଗୋଟିଏ ହେଲା ବ୍ୟକ୍ତିଗତ ଓ ଅନ୍ୟଟି ହେଲା ସାମୂହିକ ବା ଜାଗତିକ। ବ୍ୟକ୍ତିକୈନ୍ଦ୍ରିକ ଚିନ୍ତା ଅହଂସୂଚକ/ଅହଂପୂରକ। ସେଥିରେ ଚକାମାଡି ବସିଥାଏ ଅହଂତ୍ୱର ଇନ୍ଦ୍ରପଣ, ପୂର୍ବୋକ୍ତ ମମତ୍ୱର ତଥାକଥିତ ମୁଣ୍ଡିଆଳ ଅବା ଏକ ସୁବିଧାବାଦୀ ଗୌଣ୍ଡିଆ। ହେଲେ ସାମୂହିକ ଚେତନାଟି ଅହଂଶୂନ୍ୟ ସମଷ୍ଟି ଆଧାରିତ ଚେତନା ବା ସର୍ବଜନହିତାୟ ଦୃଷ୍ଟିଭଙ୍ଗୀ। ଅହଂମୁକ୍ତ ହେଲେ ହିଁ ଜଣେ ଏହି ନିର୍ଲିପ୍ତ ଚେତନାର ଆକାଶରେ ବିଚରଣ କରିପାରିବ।

ଆଜିର କବି ଆଗରେ ଦୁଇଟି ଆହ୍ୱାନ - ଗୋଟିଏ ପଟେ ଉପଭୋକ୍ତାବାଦୀୟ ଜଗତିକରଣର ଉତ୍କଟ ଅଫିମ ନିଶା, ତ ଆରପଟେ ମାଟି ମାଆ ମମତାର ଅକୃତ୍ରିମ ଡାକ ....ଜଳ ଜମି ଜଙ୍ଗଲର ଆହ୍ୱାନ....ଭୋକ ଭୟ ଭ୍ରଷ୍ଟାଚାରର କରାଳ ଦୃଶ୍ୟ। କବି ସ୍ଥିର କରୁ, ସିଏ ତଥାକଥିତ ଜଗତୀକରଣର ନିଶାରେ ମସଗୁଲ୍ ହୋଇ ମୂକମଣିଷ ଭଳି ଅବୁଝା ଓ ଉଦ୍ଭଟ ସଂକେତର ଠାଣିରେ କବିତାକୁ ଦୁର୍ବୋଧ କରି ବଡ଼ କବିର ବାହାବା ନବ ନା ମାଟିର ଛାତିଛୁଆଁ ଡାକରେ ଅହଂତ୍ୱର ଖୋଳପାରୁ ନିଜକୁ ମୁକ୍ତ କରି ଏକ ପରିବ୍ୟାପ୍ତ ଭୂମିଦୃଷ୍ଟିରେ ନିଜକୁ ସାମିଲ କରିବ ?

କହିବା ବାହୁଲ୍ୟ ଯେ ଭୂମି ବିନା ଭୂମାର କଳ୍ପନା ସମ୍ଭବ କି ? ମାଟିକୁ ଛାଡ଼ି ଜାଗତିକ କି ମହାଜାଗତିକ କଳ୍ପନାର ସ୍ୱପ୍ନ ଦେଖାଯାଇପାରେ କି? ଏହା ଫୁଲ ନଥାଇ ବାସ୍ନା, ଶରୀର ନଥାଇ ଆତ୍ମା ଥିବାଭଳି କଥା ନୁହେଁ କି?

ପରିତାପର ବିଷୟ ଅନେକ ଆତସବାଜିୟ କବିତାରେ ମାଟିର ମହକ ନାହିଁ। ସେଥିରେ ଥୋପାଯାଉଥିବା ସଂକେତ, ଚିତ୍ରକଳ୍ପ ଓ ବିମ୍ବାଦି ସହ ଆମର କିଛି ଦେଣନେଣ ନାହିଁ। କବି ନିଜେ ନିଜର ଗୋଟେ ଅଜବ ଦର୍ପଣ ନସାଜି, ସମାଜର ଦର୍ପଣ ହେଲେ ଭୂମି, ଭୂମା ସହ କବି ନିଜେହିଁ ନିଜକୁ ଅବିକଳ ଦେଖିପାରିବ। ହେଲେ ଏଥିପାଇଁ କବିକୁ ବ୍ୟକ୍ତିସର୍ବସ୍ୱ ଖୋଳପାରୁ ମୁକୁଳି ବିଶ୍ୱନାଗରିକର ମେଦିନୀଦୃଷ୍ଟି ଆହରଣ କରିବାକୁ ପଡିବ। ସେତେବେଳେ ତା'ର ପ୍ରତିଟି ସର୍ଜନା ସୁବୋଧ ଓ ସୁଗ୍ରହଣୀୟ ହୋଇପାରିବ। କାରଣ ଅହଂ ଓ ପଣ୍ଡିତପଣିଆର ପଶାପାଳିରୁ ମୁକ୍ତ ହୋଇଥିବାରୁ ଓ ଆତ୍ମପ୍ରଦର୍ଶନର ଭେଳିକିରୁ ବର୍ଜିଥିବାରୁ, ଅଯଥାରେ ଅଜସ୍ର ଅବୁଝା ସାଂକେତିକତା ଭିତରେ କବିତାର ସ୍ୱରମାଧୁର୍ଯ୍ୟ ଓ ଭାବ ହଜି ନଯାଇ, ତାହା ସୁବୋଧ ଢଙ୍ଗରେ ସଭିଙ୍କୁ ଭାବାଚ୍ଛନ୍ନ କରିବାକୁ ବ୍ରତୀ ହେବ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



# ଜିଲ୍ଲାରେ ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟାକୁ ନେଇ ବଢ଼ିପାରେ ସଂକ୍ରମଣ

**ଜଗତସିଂହପୁର :** ଜିଲ୍ଲାର ବିଭିନ୍ନ ସ୍ଥାନରେ ବିବାହ, ଅନ୍ତ୍ୟେଷ୍ଟିକ୍ରିୟା ଓ ବ୍ରତଘରମାନଙ୍କୁ ନେଇ ହଜାର ହଜାର ସଂଖ୍ୟାରେ ଯୋଗଦେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସଂକ୍ରମିତ ସଂଖ୍ୟା ବଢ଼ିବାରେ ଲାଗିଛି । ସରକାର ଏ ସମ୍ପର୍କରେ ବିଭିନ୍ନ ପ୍ରକାର ସାମାଜିକ ଦୂରତା ନ ମାନିବା, ଗାଁ ଗହଳି ମାନଙ୍କରେ ମାସ୍କ ନପିନ୍ଧିବା, ବାହ୍ୟ ସ୍ଥାନମାନଙ୍କରେ ଛେପ ପକାଇବା, ମଳମୂତ୍ର ତ୍ୟାଗ କରିବା ଓ ମଠ, ମନ୍ଦିରମାନଙ୍କରେ ଗହଳି କରିବା ଯୋଗୁଁ ଏ ସଂକ୍ରମଣ ବଢ଼ି ବଢ଼ି ଚାଲିଥିବା ନିମନ୍ତେ ପ୍ରଚାର ପ୍ରସାର କରୁଥିଲେ ବି ଅମାନିଆମାନଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିବାର ଦେଖିବାକୁ ମିଳିଛି । ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟା ମାନଙ୍କରେ ଥାନା କର୍ତ୍ତୃପକ୍ଷମାନେ ଅନୁମତି ଦେଉଥିଲେ ବି କାର୍ଯ୍ୟକ୍ରମ କ୍ଷେତ୍ରରେ ଏହା ପାଳନ କରାଯାଉନଥିବାର ଦେଖିବାକୁ ମିଳୁଛି । କେତେକ ବିବାହ ମଣ୍ଡପରେ ଥାନା କର୍ତ୍ତୃପକ୍ଷମାନଙ୍କୁ ହାତଗୁଞ୍ଜା ଦେଇ ସେମାନେ ଅନୁମତି ଆଣୁଥିବା ବେଳେ ସେତେଲୋକମାନଙ୍କ ପାଇଁ ଆୟୋଜନ କରାଯାଉଛି ତାହା ଉପରେ ଥାନା କର୍ତ୍ତୃପକ୍ଷ କୌଣସି ପ୍ରକାର ନଜର ଦେଉନାହାଁନ୍ତି ଫଳରେ ଦିନକୁ ଦିନ ଭୟଙ୍କର ସଂକ୍ରମଣ ବିପଦ ଆଡ଼କୁ ମୁହାଁଉଥିବାର ଦେଖାଯାଉଛି । ଦିନକୁ ଦିନ ସଂକ୍ରମଣଙ୍କ ସଂଖ୍ୟା ବଢ଼ୁଥିବାରୁ ଜନସାଧାରଣ ଭୟଭୀତ ହୋଇପଡିଲେଣି । ତେଣୁ ଲକ୍ଷଣ ଦେଖାଯାଉଥିବା ଲୋକମାନେ ସ୍ୱେଚ୍ଛାକୃତ ଭାବେ ପରୀକ୍ଷା କରି ନେଲେ ଏହି କରୋନା ସଂକ୍ରମଣକୁ ରୋକି ହୋଇପାରନ୍ତା । ଜନସାଧାରଣଙ୍କୁ ସଠିକ୍ ଭାବେ ମାସ୍କ ପରିଧାନ କରିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ବାରମ୍ବାର ହାତ ଧୋଇବାରେ ସରକାରଙ୍କର କଡା ନିୟମକୁ ପାଳିବାର ସକ୍ଷମ ହୋଇପାରନ୍ତେ ତେବେ କୋରନା ଆକ୍ରମଣ ଠାରୁ ମୁକ୍ତି ମିଳିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । କୋଭିଡ ମହାମାରୀକୁ ଦେଖି ଜଗତସିଂହପୁର ଜିଲ୍ଲାର ବହୁ ଶ୍ରମିକମାନେ ବାହାର ରାଜ୍ୟରୁ ଫେରୁଥିବାର ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କ ପାଇଁ ଏସ୍.ଓ.ପି . ଲାଗୁହେଉନାହିଁ । ସେହିପରି ପାରାଦ୍ୱୀପ ପରି ବନ୍ଦର ଓ ଶିଳ୍ପାଞ୍ଚଳ ସ୍ଥାନମାନଙ୍କରେ ବିଭିନ୍ନ ଆଡୁ ଚଳାଚଳ କରୁଥିବା ଜାହାଜ ଗୁଡିକର ବ୍ୟକ୍ତିମାନଙ୍କ ପାଇଁ କୋଭିଡ୍ ସଂକ୍ରମଣ ବ୍ୟାପିଯିବାର ଆଶଙ୍କା ସୃଷ୍ଟି ହେଲାଣି । ଏବେ ସୁଦ୍ଧା ମହାମାରୀକୁ ସରକାର କଳେବଳେ କୌଶଳେ ନିୟନ୍ତ୍ରଣାଧିନ କରିରଖିଥିଲେ ବି ଆଗାମୀ ଦିନରେ କ'ଣ ଘଟିବ ଆକଳନ କରି ହେଉନାହିଁ । ଦିନକୁ ଦିନ ପ୍ରବଳ ଖରାକୁ ନେଇ ଜନସାଧାରଣମାନଙ୍କ ମନରେ ଏକ ପ୍ରକାର ଆଶଙ୍କା ସୃଷ୍ଟି ହେଲାଣି ଓ ଶ୍ରମିକ ମାନେ ବିଲବାଡିକୁ ଯାଇ କାର୍ଯ୍ୟ କରିବା ନିମନ୍ତେ ଭୟ ସୃଷ୍ଟି ହେଲାଣି ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ





**କୁଜଙ୍ଗ :** ଆଉ ନାହାନ୍ତି ଗୋଲାମୁଣ୍ଡା ଗାଁର ବରିଷ୍ଠ ବିଜେଡି ନେତା, ପୂର୍ବତନ ବିଜେଡି ଜିଲ୍ଲା କମିଟି ସଦସ୍ୟ, ଉଚ୍ଚାଳ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିରାମ ଭୋଇ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ଏ ଅଞ୍ଚଳରେ ଯେଭଳି ପରିଚିତ ଥିଲେ ସେଭଳି ସ୍ଥାନୀୟ ବିଜେଡି ନେତା ଭାବେ ତାଙ୍କର ଖୁବ୍ ଖ୍ୟାତି ରହିଥିଲା। ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କର ଶିକ୍ଷକ ଭାବେ ବେଶ୍ ଜଣାଶୁଣା ସ୍ୱର୍ଗତ ଭୋଇ ଏ ଅଞ୍ଚଳ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ଉତ୍ତମ ଶିକ୍ଷକ ଭାବେ ଅନ୍ୟମାନଙ୍କୁ ଭଲ ଦିଗ୍‌ଦର୍ଶନ ଦେବା ସହିତ ଭଲ ମଣିଷ ହେବା ପାଇଁ ସେ ସର୍ବଦା ପରାମର୍ଶ ଦେଉଥିଲେ। ସ୍ୱଚ୍ଛତା ଓ ସାଧୁତା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ସ୍ୱର୍ଗତଃ ଭୋଇ 'ଏକମାତ୍ର'ର ଜଣେ ଶୁଭ ଚିନ୍ତକ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକଛାୟା ଖେଳିଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢୁଛି ଦୈନିକ ...

ଅନ୍ୟପକ୍ଷରେ ମହାରାଷ୍ଟ୍ରରେ କରୋନାର ଦ୍ୱିତୀୟ ଲହରୀ ଏବେ ଆତଙ୍କ ସୃଷ୍ଟି କରିଥିବା ବେଳେ ସେଠାରେ ଆସନ୍ତା ଜୁଲାଇ-ଅଗଷ୍ଟ ବେଳକୁ କରୋନାର ତୃତୀୟ ଲହରୀ ଆସିବାର ସମ୍ଭାବନା ଦେଖାଦେଇଛି। ଓଡ଼ିଶାରେ ମଧ୍ୟ କରୋନା ସଂକ୍ରମଣ ଅତିମାତ୍ରାରେ ବୃଦ୍ଧି ପାଇଛି। ରାଜଧାନୀ ଭୁବନେଶ୍ୱରରେ ସଂକ୍ରମଣ ଆଉ ନିୟନ୍ତ୍ରଣରେ ନାହିଁ। କାରଣ ଦୈନିକ ରେକର୍ଡ ଦେଖିଲେ ଏହା ନିଶ୍ଚୟ ଚିନ୍ତାଜନକ। ପ୍ରତିଦିନ ଏତେ ସଂକ୍ରମିତ ବାହାରୁଛନ୍ତି ଯେ, ହସ୍ପିଟାଲରେ ବେଡ୍ ଖାଲି ପାଇଁ ଲୋକେ ଛଟପଟ ହେଉଛନ୍ତି। ଯାହା ମନେହେଉଛି ରାଜଧାନୀର ଗଳିକନ୍ଦିରେ ଏବେ ସବୁଠି କରୋନା ଭୂତାଣୁ ବୁଲୁଛି। ଯେଉଁଥିପାଇଁ ଭୟର ବାତାବରଣ ସୃଷ୍ଟି ହେବା ସହିତ କିଭଳି ଭାବେ ସଂକ୍ରମଣ ଚେନ୍ ବ୍ରେକ୍ ହେବ ସେଥିପାଇଁ ପ୍ରଶାସନ ଅଧିକ କଠୋର ହେଉଛି। କିଛି ଅମାନିଆ ପୂର୍ବ ଭଳି କରୋନା କଟକଣାକୁ ନ ମାନି ବୁଲୁଛନ୍ତି। ଯେଉଁଥିପାଇଁ ସଂକ୍ରମଣ ହାର ଲଗାତାର ଭାବେ ବଢ଼ିବାରେ ଲାଗିଛି। ବର୍ତ୍ତମାନର ସଂକ୍ରମଣ ଧାରାକୁ ଦେଖିଲେ ରାଜଧାନୀ ଏବେ ଗୋଷ୍ଠୀ ସଂକ୍ରମଣ ମୁହାଁ। ବିଶେଷକରି ପଟିଆ, ନୂଆପଲ୍ଲୀ, ପୁରୁଣା ଭୁବନେଶ୍ୱର, ଚନ୍ଦ୍ରଶେଖରପୁର, ବରମୁଣ୍ଡା, ଖଣ୍ଡଗିରି, ରସୁଲଗଡ ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହିଛି। ମେ' ମାସ ଆରମ୍ଭରୁ ସଂକ୍ରମଣ ବିସ୍ଫୋରଣ ହୋଇଛି। ମାସର ଦ୍ୱିତୀୟ ସପ୍ତାହ ସୁଦ୍ଧା ସଂକ୍ରମଣ କମିବ ବୋଲି ବିଶେଷଜ୍ଞମାନେ ଆକଳନ ଲଗାଇଚନ୍ତି। ହେଲେ ସଂକ୍ରମଣ ଟ୍ରେଣ୍ଡ ଯାହା ଏହା ଖସିବା ବଦଳରେ ଦିନକୁ ଦିନ ଭୟଙ୍କର ହେଉଛି। ସଂକ୍ରମଣ ଯେତିକି ଭୟାନକ ହେଉଛି ମୃତ୍ୟୁହାର ବି ସେତିକି ଡରାଇବା ଭଳି ଆଗକୁ ମାଡିଚାଲିଛି। ଗୋଟେପେଟ କରୋନା ମହାମାରୀ ମାଡି ଚାଲିଥିଲାବେଳେ ଅନ୍ୟପଟେ କରୋନାରୁ ରକ୍ଷା ପାଇବା ପାଇଁ ଟିକା ନେବାକୁ ଲୋକଙ୍କ ମଧ୍ୟରେ ବ୍ୟାକୁଳତା ବଢ଼ିଚାଲିଛି। ଯେଉଁଥିପଇଁ ଟିକାକରଣ କେନ୍ଦ୍ରରେ ଅସମ୍ଭାଳ ଭିଡ ଦେଖିବାକୁ ମିଳୁଛି। କିନ୍ତୁ ଟିକାର ଅଭାବ ଯୋଗୁ ସମସ୍ୟା ବଢ଼ିଥିବା ଚର୍ଚ୍ଚା ହେଉଛି। ଟିକାର ଦ୍ୱିତୀୟ ଡୋଜ ଅପେକ୍ଷାରେ ଲକ୍ଷ ଲକ୍ଷ ଲୋକ ଅପେକ୍ଷା କରି ରହିଛନ୍ତି। କରୋନା ଭାଇରସର ଦ୍ୱିତୀୟ ଲହର ଭାରତରେ ଆତଙ୍କ ଖେଳାଇ ଦେଇଥିଲା ବେଳେ ବିଶ୍ୱର ୪୦ ଦେଶ ଭାରତକୁ ସହାୟତା କରିବା ପାଇଁ ସାମ୍ନାକୁ ଆସିଛନ୍ତି। ଯେମିତିକି ସାରା ଦୁନିଆ ବର୍ତ୍ତମାନ ଭାରତକୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଆମେରିକା, ୟୁରୋପ, ସିଙ୍ଗାପୁର, ବ୍ରିଟେନ, ଋଷ୍ ଭଳି ବଡ ବଡ ଦେଶମାନେ ଔଷଧ, ଅକ୍ସିଜେନ ଓ ଚିକିତ୍ସା ସରଞ୍ଜାମ ଯୋଗାଇ ଚାଲିଛନ୍ତି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଭୟ ଅପେକ୍ଷା ଆତ୍ମବିଶ୍ୱାସ ଜରୁରୀ ହୋଇପଡିଛି। ସଙ୍କଟ ଟଳିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କ ରହି କରୋନା ନିୟମ ପାଳନ କରିବାକୁ ପଡିବ।

### ୩୩ ହଜାର ...

ପୁରାତନ ଛାତ୍ରଛାତ୍ରୀ ଏବଂ ସିଏସ୍ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୨୧ କୋଟି ୨୬ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି। ବାଲେଶ୍ୱର ଜିଲ୍ଲାରେ ଲଗାତାର ୫ମ ଥର ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ସର୍ବାଧିକ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ଏ କ୍ଷେତ୍ରରେ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଭୂମିକାକୁ କାର୍ଯ୍ୟନିର୍ବାହୀ ପରିଷଦ ପ୍ରଶଂସା କରିଛନ୍ତି। ବର୍ତମାନ ସୁଦ୍ଧା ୫ଲକ୍ଷ ୬ହଜାର ପୁରାତନ ଛାତ୍ରଛାତ୍ରୀ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବାବେଳେ ରାଜ୍ୟରେ ସମସ୍ତ ଜିଲ୍ଲାର ୩୩ ହଜାରରୁ ଉର୍ଦ୍ଧ୍ୱ ସ୍କୁଲ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଛି। ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ପୁରାତନ ଛାତ୍ରଙ୍କୁ ଜିଲ୍ଲା, ବ୍ଲକ ଓ ସ୍କୁଲ ସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର ପ୍ରଦାନ କରାଯିବାକୁ ନିଷ୍ପତି ହୋଇଥିବାବେଳେ ଏଯାବତ୍ ୧୩ଟି ଜିଲ୍ଲାରେ ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଧନ୍ୟବାଦ ପତ୍ର ପ୍ରଦାନ କରାଯିବାକୁ ଲକ୍ଷ୍ୟ ରହିଛି। ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ୫ଟି ହାଇସ୍କୁଲ ଟ୍ରାନ୍ସଫରମେସନ କାର୍ଯ୍ୟକ୍ରମକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜିଲ୍ଲାପାଳ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ମାଧ୍ୟମିକ ଶିକ୍ଷା ପରିଷଦ, ଶିକ୍ଷକ ଶିକ୍ଷା ଓ ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ୍ ପରିଷଦ(ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି) ସହଯୋଗରେ ରାଜ୍ୟର ୧ ହଜାର ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦିଆଯାଉଛି। ବିଶ୍ୱସ୍ତରୀୟ ମାନରେ ଭିତିଭୂମି ବିକାଶ ସହ ପିଲାମାନଙ୍କ ପାଠପଢ଼ାରେ କିଭଳି ଉନ୍ନତି ଅଣାଯାଇପାରିବ ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟ ଆରମ୍ଭ ହୋଇଛି। ସିଏସ୍ଆର୍ ପାଣ୍ଠିରୁ ମିଳୁଥିବା ଅନୁଦାନ ସହ ମୋ ସ୍କୁଲର ଦୁଇଗୁଣା ସହାୟତା ରାଶିକୁ ମିଶାଇ ପ୍ରତ୍ୟେକ ବିଦ୍ୟାଳୟର ବିକାଶ କରାଯିବାକୁ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସେଂଟର ଫର୍ ଏନଭାରୋମେଂଟ ଷ୍ଟଡିଜ୍ ସହଯୋଗରେ ୧ ହଜାର ସ୍କୁଲରେ ଏନଜି କ୍ଲବ ପ୍ରତିଷ୍ଠା କରାଯିବ। ବିଦ୍ୟାଳୟଗୁଡ଼ିକରେ ଶକ୍ତି ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ଏବଂ ଏ ସମ୍ପର୍କିତ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ କରିବାକୁ ପ୍ରତ୍ୟେକ ବିଦ୍ୟାଳୟକୁ ବର୍ଷକୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ସେହିଭଳି ନିର୍ଦ୍ଧାରିତ ସମୟରେ ମୋ ସ୍କୁଲ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ଶେଷ କରିବାକୁ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ସ୍ୱତନ୍ତ୍ର ଅଡିଟର୍‌ମାନଙ୍କୁ ନିୟୋଜିତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିବେଦନ ପରେ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ସ୍କୁଲ ଆଡ଼ପସନ ବା ପୋଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରତି ପୁରାତନ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଅପ୍ରତ୍ୟାଶିତ ଆଗ୍ରହ ପ୍ରକାଶ ପାଇଛି। ବିଭିନ୍ନ ବର୍ଗର ଲୋକ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିବାବେଳେ ମୋ ସ୍କୁଲ ପକ୍ଷରୁ ପର୍ଯ୍ୟାୟକ୍ରମେ ପୋଷ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ନେଇ ମଇ ୧୦ ତାରିଖରେ ଭର୍ଚୁଆଲ୍ ବୈଠକର ଆୟୋଜନ କରାଯାଉଛି। ବର୍ତମାନ ସୁଦ୍ଧା ୧୩୮୦ ଜଣ ବ୍ୟକ୍ତିବିଶେଷ ବିଭିନ୍ନ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓଏସ୍ଇପିଏ), ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଟିଇ, ଏସ୍‌ସିଇଆର୍‌ଟି, ବିଭାଗୀୟ ଅତିରିକ୍ତ ଶାସନ ସଚିବ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଭାରପ୍ରାପ୍ତ ଅଧିକାରୀ, ମୋ ସ୍କୁଲ ଉପସ୍ଥିତ ଥିଲେ।

### ଗୋଟିଏ ଟିକା ...

ଗ୍ରହଣ କରିପାରିବ ନାହିଁ ବୋଲି କହିଛନ୍ତି। କୋର୍ଟଙ୍କ ମତରେ ଲୋକକମାନେ କରୋନା ସଂକ୍ରମଣ ସମୟରେ ଅକ୍ସିଜେନ, ବେଡ୍‌ର ଅଭାବନାହିଁ ଓ ଚିକିତ୍ସା ସମ୍ପର୍କରେ ଯେକୌଣସି ଅଭିଯୋଗ ସୋସିଆଲ ମିଡିଆରେ ପୋଷ୍ଟ କଲେ ମଧ୍ୟ ସେମାନଙ୍କୁ ଗିରଫ କରାଯାଇ ପାରିବ ନାହିଁ। ଯଦି କାହାକୁ ଗିରଫ କରାଯାଏ, ତା'ହେଲେ ଏହାକୁ ଅଦାଲତ ଅବମାନନା ଭାବେ ବିଚାର କରାଯିବ। ଏଭଳି ଏକ ମାନବ ସଙ୍କଟ ପରିସ୍ଥିତିରେ ଯଦି ଅଭାବ ଓ ଆବଶ୍ୟକର ଖବର ସୋସିଆଲ ମିଡିଆରେ ଆସିଥାନ୍ତା, ତା'ହେଲେ ଆମେ ନିଶ୍ଚିତ ଭଲ ସ୍ଥିତିରେ ରହିଥାଆନ୍ତୁ। ସେହିପରି ଉକ୍ତ ପୋଷ୍ଟ ଗୁଡ଼ିକ ଆଧାରରେ ସମସ୍ୟାର ସମାଧାନ ମଧ୍ୟ କରିପାରିଥାଆନ୍ତୁ ବୋଲି କୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଏଲଏନ୍ ରାଓ ଓ ଜଷ୍ଟିସ ଏସ୍ଆର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଆମ ପାଖରେ ଏମିତି କିଛି ଆବେଦନ ପହଞ୍ଚିଛି, ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ କମ୍ପାନୀର ଟିକା କେନ୍ଦ୍ର, ରାଜ୍ୟ ଓ ଘରୋଇ ହସ୍ପିଟାଲ ପାଇଁ ଭିନ୍ନଭିନ୍ନ ରହୁଛି। ଏହା ପଛର କାରଣ କ'ଣ? ଏହା ଅତ୍ୟନ୍ତ ବିଚଳିତ କରିବା ଭଳି ଘଟଣା। କାହିଁକି ସରକାର ସବୁ ଟିକା କିଣି ଜାତୀୟ ସ୍ତରରେ ଶୃଙ୍ଖଳିତ ଢଙ୍ଗରେ ଟିକାକରଣ କରୁନାହାନ୍ତି? ସରକାର ଜାତୀୟ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ବିଚାର କରନ୍ତୁ। ସେହିପରି ବିଭିନ୍ନ ଟିକାକୁ ଦେଶର ସମସ୍ତ ନାଗରିକଙ୍କୁ ମାଗଣାରେ ଟିକାର ଦେବାର ବ୍ୟବସ୍ଥା ହେବା ଉଚିତ। ଘରୋଇ ଟିକା ଉତ୍ପାଦନକାରୀ କମ୍ପାନୀ କେଉଁ ରାଜ୍ୟକୁ କେତେ ଟିକା ଦିଆଯିବ, ତା'ର ନିଷ୍ପତ୍ତି ନେଇପାରିବେ ନାହିଁ। ଟିକା ପାଇବାରେ କ'ଣ ଗୋଟିଏ ରାଜ୍ୟ ତୁଳନାରେ ଆଉ ଗୋଟିଏ ରାଜ୍ୟକୁ ଅଧିକ ଗୁରୁତ୍ୱ ଦିଆଯିବ? ଉତ୍ପାଦନକାରୀ କମ୍ପାନୀ କେମିତି ଟିକାର ସମାନ ଆବଣ୍ଟନ କରିବେ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏହା ଶୁଣି କେନ୍ଦ୍ର ସରକାର ୧୮ରୁ ୪୫ ବର୍ଷ ବୟସର କେତେ ଲୋକ ରହିଛନ୍ତି, ତା'ର ତଥ୍ୟ କୋର୍ଟରେ ଦାଖଲ କରାଯିବ ବୋଲି କହିଛନ୍ତି। ଲକଡାଉନ ସମ୍ପର୍କରେ ପ୍ରଶ୍ନ କରି କୋର୍ଟ କହିଛନ୍ତି, କ'ଣ କେନ୍ଦ୍ର ସରକାର କରୋନା ସଂକ୍ରମଣକୁ ରୋକିବା ପାଇଁ ଦେଶରେ ଲକଡାଉନ ଲାଗୁ କରିବାକୁ ଯୋଜନା କରୁଛନ୍ତି କି? ଏହା ଉପରେ କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କରିବେ ବୋଲି କହିଛନ୍ତି। ବିଭିନ୍ନ ସ୍ଥାନରେ ଜୀବନ ରକ୍ଷାକାରୀ କରୋନା ଔଷଧ ରେମଡେସିଭିରର ଅଭାବ ଦେଖାଯାଉଛି। ଏହା ଉପରେ କୋର୍ଟ କହିଛନ୍ତି, ବର୍ତ୍ତମାନ ସମୟରେ ଆମେ ରେମଡେସିର୍ଭିର ପାଣ୍ଟେଟ ନିୟମ ବଦଳାଇ ପାରିବାୟ ଭାରତ ପଡ଼ୋଶୀ ବାଂଲାଦେଶ ଠାରୁ ରେମଡେସିଭିର ଔଷଧ ନିଜ ଦେଶରେ ଉତ୍ପାଦନ କରିବାକୁ ଅନୁମତି ମଧ୍ୟ ଆଣିପାରିବ। ଅକ୍ସିଜେନ ସପ୍ଲାଏ ଟ୍ୟାଙ୍କର ଓ ସିଲିଣ୍ଡର ଆବଶ୍ୟକ କରୁଥିବା ଲୋକଙ୍କ ପାଖରେ ପହଞ୍ଚାଇବାକୁ କ'ଣ ସବୁ ବ୍ୟବସ୍ଥା କରାଯାଇଛି? ଦେଶରେ ଦୈନିକ ପ୍ରାୟ ୮,୫୦୦ ମେଟ୍ରିକ ଟନ୍‌ର ଅକ୍ସିଜେନ ଆବଶ୍ୟକ ପଡୁଛି। କ'ଣ କେନ୍ଦ୍ର ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ରହିଛି ବୋଲି କୋର୍ଟ ପ୍ରଶ୍ନ କରିଥିଲେ। ଏହା ଶୁଣି ସଲିସିଟର ଜେନେରାଲ କହିଥିଲେ, ଦୈନିକ ଆମ ପାଖରେ ୧୦,୦୦୦ ମେଟ୍ରିନ ଟନ୍ ଅକ୍ସିଜେନ ଉପଲବ୍ଧ ହେଉଛି। ଭାରତରେ ଅକ୍ସିଜେନର କୌଣସି ଅଭାବ ନାହିଁ। ତେବେ କିଛି ସ୍ଥାନରେ ରାଜ୍ୟ ସରକାରଙ୍କ ଅବହେଳା ପାଇଁ ଅଭାବ ସୃଷ୍ଟି ହେଉଛି।

### 'ପ୍ରତିଟି ଜୀବନ ...

କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୋଭିଡ୍ ରୋଗର ଚିକିତ୍ସାରେ ଅକ୍ସିଜେନର ଗୁରୁତ୍ୱ ସବୁଠାରୁ ଅଧିକ। ତେଣୁ ଅକ୍ସିଜେନ ଯୋଗାଣ ଯେପରି ସୁବ୍ୟବସ୍ଥିତ ଭାବରେ ଜାରି ରହିବ, ତାହାର ତଦାରଖ କରିବା ସହିତ ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଯେପରି ରୋଗୀ ପାଖରେ ପହଞ୍ଚ ପାରିବ, ସେଥିପ୍ରତି ଯତ୍ନବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଜରୁରୀ ଔଷଧ ମହଜୁଦ ରଖିବା ଏବଂ ତାହାର ଯୋଗାଣ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କୋଭିଡ୍‌ର ଏହି ଦ୍ୱିତୀୟ ଲହର ଆମକୁ ସୂଚାଇ ଦେଇଛନ୍ତି ଯେ, ସଙ୍କଟ ଦୀର୍ଘ ଦିନର ଏବଂ ଏଥିପାଇଁ ଆମକୁ ସବୁବେଳେ ପ୍ରସ୍ତୁତ ରହିବାକୁ ହେବ। ଏଣୁ ଯଦି ଆମେ କୋଭିଡ୍ ନିୟମାବଳୀକୁ ଠିକ୍ ଭାବରେ ପାଳନ କରିବା, ତେବେ କୋଭିଡର ପରାଜୟ ସୁନିଶ୍ଚିତ। ଏ ବିପତ୍ତି ସମୟରେ ନିଷ୍ଠାର ସହ ସେବା ଯୋଗାଇ ଥିବା ଆମର ଫ୍ରଣ୍ଟଲାଇନ କୋଭିଡ୍ ଯୋଦ୍ଧା ମାନଙ୍କର ଯତ୍ନ ନିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସବୁବେଳେ ଠିକ୍ ଭାବରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ହାତ ଧୋଇବା ଆଦି କୋଭିଡ୍ ନିୟମାବଳୀର ସଠିକ୍ ଅନୁପାଳନ ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ରୋଗୀର ଜୀବନ ରକ୍ଷା ପାଇଁ ଆମର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ କଠିନ ପରିଶ୍ରମ କରୁଛନ୍ତି। ତେଣୁ ଆମେ ପ୍ରତ୍ୟେକ ଯଦି ଦାୟିତ୍ୱବାନ ହେବା, ତେବେ କୋଭିଡ୍ ଯୁଦ୍ଧରେ ଆମେ ନିଶ୍ଚୟ ବିଜୟୀ ହେବା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବରିଷ୍ଠ ଅଧିକାରୀମାନେ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି। କୋଭିଡ୍ କେୟାର ସେଣ୍ଟର ଗୁଡିକୁ କ୍ରିୟାଶୀଳ କରାଯିବା ସହିତ ସମସ୍ତ କୋଭିଡ୍ ହସ୍ପିଟାଲ ଗୁଡିକୁ କାର୍ଯ୍ୟକ୍ଷମ କରାଯାଇଛି। ମେଡିକାଲ କଲେଜ ଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି ସହିତ ନୂଆ ବେସରକାରୀ ହସ୍ପିଟାଲ ଗୁଡିକୁ କୋଭିଡ୍ ହସ୍ପିଟାଲରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ୩୦ ପ୍ରତିଶତ ଶଯ୍ୟାରେ ଅକ୍ସିଜେନ ବ୍ୟବସ୍ଥା କରାଯାଇଛି ଏବଂ ଏହାକୁ ୩୫%କୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ପଡୋଶୀ ରାଜ୍ୟ ଗୁଡିକରେ ଅଧିକ କୋଭିଡ୍ ସଂଖ୍ୟା ଥିବାରୁ ସେ ସବୁ ରାଜ୍ୟରୁ ଲୋକଙ୍କ ଚଳାଚଳ ଉପରେ ତୀକ୍ଷଣ ନଜର ରଖାଯାଇଛି। ଖୁବ୍‌ଶୀଘ୍ର ଶଯ୍ୟା ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ଅନ୍‌ଲାଇନ ରିଅଲ-ଟାଇମ ବେଡ୍ ମ୍ୟାନେଜମେଣ୍ଟ ସିଷ୍ଟମ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର କୋଭିଡ୍ ପରିସ୍ଥିତି ଉପରେ ଏକ ଉପସ୍ଥାପନା ରଖି କହିଥିଲେ ଯେ, ବର୍ତ୍ତମାନ ରାଜ୍ୟରେ ୫୦,୯୫୮ ଆକ୍ଟିଭ୍ କେସ ରହିଛି ଏବଂ ୭ଟି ଜିଲ୍ଲାରେ ୬୦% ଆକ୍ଟିଭ କେସ ରହିଛି। ସେ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟର ସମୁଦାୟ ୩୧,୪୭୧ଟି ବେଡ୍ ରହିଛି ଏବଂ ଆଇସିୟୁ ବେଡ୍ ବ୍ୟତୀତ ୧୭,୪୯୫ଟି ବେଡ୍‌ରେ ଅକ୍ସିଜେନର ବ୍ୟବସ୍ଥା କରାଯାଇଛି। ଉଭୟ ସରକାରୀ ଓ ବେସରକାରୀ କୋଭିଡ୍ ହସ୍ପିଟାଲ ଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି ସହିତ ଅଧିକ ସଂଖ୍ୟକ ଶଯ୍ୟାରେ ଅକ୍ସିଜେନ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ରାଜ୍ୟରେ ବର୍ତ୍ତମାନ ଦୈନିକ ୪୨.୧୦ ମେଟ୍ରିକ ଟନ୍ ଅକ୍ସିଜେନ୍ ବ୍ୟବହାର କରାଯାଉଛି ବୋଲି ସୂଚନା ଦେବା ସହିତ ରେମଡିସିଭିର ଓ ଫାଭିଫିରାଭିର ଆଦି ସମସ୍ତ ଜରୁରୀ ଔଷଧ ଯଥେଷ୍ଟ ଭାବରେ ଉପଲବ୍ଧ ରହିଛି ବୋଲି ସେ କହିଥିଲେ। ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କୋଭିଡ୍ ନିୟମାବଳୀର ଅନୁପାଳନ ଦିଗରେ ପୋଲିସର ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହିତ କହିଥିଲେ ଯେ, ଆଜି ସୁଦ୍ଧା ୮ଟି ରାଜ୍ୟକୁ ୯୦ଟି ଟ୍ୟାଙ୍କର ଜରିଆରେ ୧୬୭୫.୮୧ ଟନ୍ ଅକ୍ସିଜେନ ପଠାଯାଇଛି। ବିଭିନ୍ନ କୋଭିଡ୍ ଚିକିତ୍ସାଳୟରେ ଅଗ୍ନି ନିୟନ୍ତ୍ରଣ ସମ୍ପର୍କରେ ନିଆଯାଉଥିବା ପଦକ୍ଷେପ ଉପରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୂଚନା ଦେଇଥିଲେ। ବୈଠକରେ ସୁନ୍ଦରଗଡ, ଝାରସୁଗୁଡା, ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳମାନେ ଜିଲ୍ଲାର କୋଭିଡ୍ ପରିସ୍ଥିତି ଓ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକକୁ ସଂଯୋଜନା କରିଥିଲେ। ବୈଠକରେ ଉନ୍ନୟନ କମିଶନର ପିକେ ଜେନା, ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଡିକେ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଟିକା ନେଇନଥିଲେ ...

ମିଳିବା କେତେ ଦୂର ଯଥାର୍ଥ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଟିକାକରଣର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି କିଛି ଦିନ ପୂର୍ବରୁ ସାମ୍ବାଦିକ ବିନୋଦ ଆଗରପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କରୋନାର ପ୍ରଥମ ଡ଼ୋଜ ନେଇଥିଲେ । ଏବଂ ପ୍ରଥମ ଡ଼ୋଜ ନେବାପରେ ସେ ଏଥିନେଇ ଅନଲାଇନରେ ଏକ ପ୍ରମାଣପତ୍ର ପ୍ରାପ୍ତ କରିଥିଲେ । କିନ୍ତୁ ଉକ୍ତ ପ୍ରମାଣପତ୍ର ରେ ଟିକା ଦେଇଥିବା ଯେଉଁ ମହିଳାଙ୍କ ନାମ ଉଲ୍ଲେଖ ଥିଲା ପ୍ରକୃତରେ ସେହି ମହିଳା କିନ୍ତୁ ତାଙ୍କୁ ଟିକା ଦେଇନଥିବା ଜଣାପଡ଼ିଥିଲା । ଏଥିନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ପ୍ରମାଣପତ୍ରରେ ଉଲ୍ଲେଖ ଥିବା ମହିଳା ବର୍ତ୍ତମାନ ଟିକା ଦେଉନଥିବା ସେ କହିବା ସହ ଜିଲ୍ଲା ମୁଖ୍ୟାଳୟରେ ଏହାର ପରିବର୍ତ୍ତନ କରାଯାଇନଥିବା କହିଥିଲେ । ଟିକା କରଣ ହେଉଛି ସତ କିନ୍ତୁ ଏହିପରି ତୃଟିରୁ ଏହାର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେଣୁ ବିଭାଗୀୟ ଅଧିକାରୀ କରୋନା ଟିକାକରଣକୁ ସ୍ୱଚ୍ଛତାର ସହ ପ୍ରତିପାଦନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ସତ୍ତା ସାହିତ୍ୟ ସଂସଦର ସ୍ମୃତିସଭା



**କୋରାପୁଟ :** ଭାରତୀୟ କଥା ସାହିତ୍ୟର ଯୁଗ ପୁରୁଷ ପଦ୍ମଭୂଷଣ ମନୋଜ ଦାସ ଓ ଓଡ଼ିଆ ସାହିତ୍ୟ ଏକାଡେମୀର ରାୟଗଡା ଜିଲ୍ଲା ସଦସ୍ୟ ଡମ୍ବରୁଧର ପଟ୍ଟନାୟକଙ୍କ ବିୟୋଗରେ କୋରାପୁଟ ସତ୍ତା ସାହିତ୍ୟ ସଂସଦ ପକ୍ଷରୁ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ସଂସଦର ସଭାପତି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଜୟନ୍ତ କୁମାର ମିଶ୍ର ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ଦୁଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଗାଳ୍ପିକ ନାରାୟଣ ପଣ୍ଡା, ଶିକ୍ଷାବିତ ଉମାକାନ୍ତ ଦାଶ, ସାମ୍ବାଦିକ ସିଏଚ୍ ସାନ୍ତାକାର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜୟନ୍ତ କୁମାର ମହାନ୍ତି, ଡ. ସଂଧ୍ୟାରାଣୀ ମହାନ୍ତି, କବି ରବି ଶତପଥୀ, ଅଧ୍ୟାପିକା ଡ. ପ୍ରୀତିଧାରା ସାମଲ, ଅନୁବାଦକ ବିଜୟ କୁମାର ପ୍ରଧାନ, କବି ମୁସ୍ତାକମ ଅଲ୍ଲୀ, କବି ରମେଶ ଚନ୍ଦ୍ର ସାହୁ, ଅଧ୍ୟାପକ ସୌମେନ୍ଦ୍ର କୁମାର ସ୍ୱାଇଁ, ସଂଗଠକ ତନ୍ମୟ କୁମାର ପ୍ରଧାନ ଓ ବିଶ୍ୱଚିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ



**ଜଗତ୍‌ସିଂହପୁର :** କୋଭିଡ କଟକଣାକୁ ଲକ୍ଷ ରଖି ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୩ତମ ଜନ୍ମ ଜୟନ୍ତୀ ଉତ୍ସବକୁ ଖୁବ୍ ନିରାଡମ୍ବର ଭାବେ ପାଳନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲେ । ଜିଲ୍ଲାରେ କୋଭିଡ଼ ସଂକ୍ରମଣ ବ୍ୟାପି ଚାଲିଥିବା ବେଳେ କିଛି ସରକାରୀ ଅଧିକାରୀଙ୍କୁ ଧରି ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ଏପରି ଉଦ୍ୟମକୁ ବୃଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିଲା । ମଧୁବାବୁଙ୍କ ଜୟନ୍ତୀ ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୌରନିର୍ବାହୀ ଅଧିକାରୀ ବିମଳ କୁମାର ଲେଙ୍କା ଓ ଜିଲ୍ଲା ଓକିଲ ସଂଘ ସମ୍ପାଦକ ନରେଶ କୁମାର ଦାସ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

# କୁଞ୍ଜ ବିହାରୀ ପାଠାଗାରଠାରେ ମଧୁବାବୁଙ୍କ ଜୟନ୍ତୀ ପାଳନ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାର କୁଞ୍ଜବିହାରି ପଠାଗାର ଠାରେ କୋଭିଡ ନିୟମ ମାନି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବହୁତ କବି, ଗାଳ୍ପିକ ଓ ଲେଖକ ଯୋଗ ଦେଇଥିବା ବେଳେ ସଭାର ସଭାପତି ବିଶିଷ୍ଟ ସହିତ୍ୟକ ସମାଜର ଏକ ଉଚ୍ଚ ମାନର କବି ନାରାୟଣ ପଣ୍ଡା ସଭାପରିଚାଳନା କରିଥିବାବେଳେ ନବରଙ୍ଗପୁର ଜିଲ୍ଲାର ମଞ୍ଚନାୟକ ତଥା ବିଶିଷ୍ଟ ସହିତ୍ୟକ, ସମାଜର ସେବକ ଓ ଲୟନ୍ସ କ୍ଲବର ସଭାପତି ମାନ୍ୟ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଆସନ ଗ୍ରହଣ କରିଥିବାବେଳେ ମଞ୍ଚ ସମ୍ପାଦନ କାରୀ ଶ୍ରୀ ଜଗନ୍ନାଥ ବେହେରା ସଂଯୋଜନା କରିଥିଲେ। ପ୍ରଦୀପ କୁମାର ମିଶ୍ର ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁରରୁ ଡେପୁଟି ସେକ୍ରେଟାରୀ ଡାକ୍ତର କୁଳମଣି ଓଝା, ଡାକ୍ତର ରାଜେନ୍ଦ୍ର କୁମାର ପାଢ଼ୀ, ଭୁବନେଶ୍ୱରରୁ ସୌଦାମିନୀ ସାମଲ ପ୍ରମୁଖ ଯୋଗ ଦେଇ ଉତ୍କଳ ଗୌରବଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଆର ପ୍ରାଣ ଓଡ଼ିଆ ଭାଷାର ଉନ୍ନତି କିପାରି ହେବ ସେ ବିଷୟରେ ଆଲୋକପାତ କରି ଭାଷା ,ସଂସ୍କୃତିର ଉତଥାନ ନିମନ୍ତେ ବିଭିନ୍ନ କବି ଓଡ଼ିଆ ଶବ୍ଦ ଭାଷା ପ୍ରକାଶ କରି କବିତା ପାଠ କରିଥିବା ଦେଖା ଦେଇଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର କବିମାନେ କୋଭିଡ ନିୟମ ପାଳିବାର ସହ ଶ୍ରୀ କବି, ଜଗଦୀଶ ତ୍ରିପାଠୀ,ରାଧାନାଥ ବେହେରା, ବିଭୁ ପ୍ରସାଦ ପଣ୍ଡା,ଗୋପୀନାଥ ବିଶୋଇ,ନିରଞ୍ଜନ ମିଶ୍ର, ପର୍ଶୁରାମ ସାହୁ,ପ୍ରଭାସିନୀ ମହାନ୍ତି,ଅଖିଳ କୁମାର ସ୍ୱାଇଁ, ଯେମାମଣୀ ବିଶୋଇ, ରଜତ ସଡଙ୍ଗୀ, ବନବିହାରି ଦାସ, ତପନ ବିଶୋଇ, ପୂର୍ଣ୍ଣ ଚନ୍ଦ୍ର ମହାପତ୍ର, ମନୋଜ ପଟ୍ଟନାୟକ ଯୋଗଦେଇଥିଷଲ। ସଭା ଶେଷରେ ସଭାପତିଙ୍କ ଦ୍ୱାରା ସଭା ସାଙ୍ଗ କରାଯାଇଥିଲା।

# ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ








**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ଆନୁକୂଲ୍ୟାରେ ଉତ୍କଳର ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଓ ଆଇନଜୀବୀ ଦିବସ ପାଳିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କୋଭିଡ ନିୟମକୁ ଆଖିଆଗରେ ରଖି କୋଭିଡ ନିୟମ ଅନୁସାରେ ପାଳିତ ହୋଇଯାଇଅଛି। ନୂତନ ଓ ପୁରାତନ ଜିଲ୍ଲା କୋର୍ଟ ପରିସରରେ ସ୍ଥାପିତ ଥିବା ମଧୁବାବୁଙ୍କୁ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ନୂତନ ଆଇନଜୀବୀ ସଂଘ ସଭାପତିୟ ଆଶିଷ ରଞ୍ଜନ ପଟ୍ଟନାୟକ, ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର , ସଂଘ ଉପସଭାପତି ପ୍ରତାପ କୁମାର ପଣ୍ଡା , ସଂଘ ଯୁଗ୍ମ ସମ୍ପାଦକ ସନ୍ତୋଷ ନାୟକ, ସଂଘ କୋଷାଧ୍ୟକ୍ଷ ବିଧୁ ଶେଖର ତ୍ରିପାଠୀ, ସଂଘ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ପଟ୍ଟନାୟକ, ତପନ ପାଣିଗ୍ରାହୀ,ଏ ସତୀଶ, ଆଇନ ଜୀବୀ ସି, ଏଚ ବାବା ଯୁବନ୍ଦର, ସରକାରୀ ଆଇନଜୀବୀ ସଚିଦାନଦ ସ୍ୱାଇଁ, ସନ୍ତୋଷ ମିଶ୍ର , ଦେବୀ ପ୍ରସାଦ ସିଂ, ଦାମୋଦର ତ୍ରିପାଠୀ, ପୁରୁଷୋତ୍ତମ ତ୍ରିପାଠୀ, କୋଶର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତପନ ପରିଛା, ପ୍ରସନ୍ତ ପ୍ରସାଦ ପଟ୍ଟନାୟକ, ସତୀଶ ନାୟକ, ଅବନିକାନ୍ତ ଦାଶ, ଶ୍ରୀନିବାସ ପାତ୍ର, ତ୍ରିପତି ମାଝୀ ପ୍ରମୁଖ ଯୋଗ ଦେଇ ପୁଷ୍ପଦଳେ ପୂଜାର୍ଚ୍ଚନା କରିଥିଲେ।

# ଟିକି ବିପ୍ଳବୀ : ନୀଳମଣି



ଅକ୍ଷୟ କୁମାର ରାଉତ

ପରାଧିନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ। ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ। ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ। ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱୋଳିତ। ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ। ଏହିପରି ଏକ ମୂହୁର୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ



ନୀଳମଣି। ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ। ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ। ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ। ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ। ୧୯୩୦ ମସିହାରେ ସ୍ୱାଧିନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ। ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା। ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ। ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ। ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ। ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା। ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ। ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ। ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ। ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ। ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ। ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ। ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ। ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ। ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବଁଚିବାର ସୁଯୋଗ। ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ। ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ। ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗ ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା। ଭଦ୍ରକ ହାଇସ୍କୁଲକୁ ଲାଗି ଦେୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା। ଚାରିଆଡେ ଚହଳ ପଡିଗଲା। ଟିକି ବିପ୍ଳବୀ ନୀଳମଣିର ଏ କାମ। ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା। ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ। ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍ସା କଲେଜର ଅଧକ୍ଷ। ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତା ମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ। ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍। ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ। ମନମୋହନ ମିଶ୍ର ରେଭେନ୍ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ। ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ। ଗୋରା ଅଧକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ।

ସେ ସମୟରେ ଆଇନ କଲେଜ ରେଭେନ୍ସା କଲେଜରେ ଚାଲୁଥିଲା। ଆଇନ କଲେଜର ଅଧକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ। ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧକ୍ଷ ପଦରୁ ଇସ୍ତଫା ଦେଇଦେଲେ। ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ। ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ। ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ। ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା। ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା। ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା। ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା। ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ। ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ। ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ। ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ। ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା। ବହୁ ଛାତ୍ର ଗିରଫ ହେଲେ। ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧକ୍ଷ ପରୱାନ ଜାରି କଲେ। ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା। ରେଭେନ୍ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା। ବହୁ ଛାତ୍ର ଗିରଫ ହେଲେ। ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା। ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ। ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ। କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ।

ନୀଳମଣି ରେଭେନ୍ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ। ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ। ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ। ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ। ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ। ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ। ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ। ରାଜ ନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ ତାଙ୍କର ସୁସମ୍ପର୍କ ଥିଲା।

୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ। ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା। ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ। ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ। ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା। ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା। ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ। ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ। ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ। ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ। ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ। କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ। ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ - ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା। ନୀଳମଣି ଉହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ। ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ। କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ। ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା। ସେ ଅସୁସ୍ଥ ହୋଇପଡିଲେ। ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ। ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ। ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା। ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି



ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ। ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍। ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଲଯୋଗେ କଲିକତା ଚାଲିଗଲେ। ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ। ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ। ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ। ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା। ସେ ଜଣେ ଟ୍ରଷ୍ଟି ରହିଲେ। ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ। ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ। ନଳୀନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା । ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା। ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା। ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ। ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ। ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା। ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ। ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ। ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ। ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ। ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ। ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ। କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା। ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା। ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ। ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ। ସେ ବିଧାୟକରୁ ସାଂସଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ। ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ। ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ। ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲିଳା ସମ୍ବରଣ କରିଥିଲେ।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

# ବାରିପଦାରେ କେନ୍ଦ୍ର ମନ୍ତ୍ରୀଙ୍କ କୋଭିଡ ପରିଚାଳନା ସ୍ଥିତି ସମୀକ୍ଷା

**ବାରିପଦା :** କେନ୍ଦ୍ର ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ଏବଂ ମାଇକ୍ରୋ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଦିନିକିଆ ମୟୂରଭଞ୍ଜ ଜିଲ୍ଲାଗସ୍ତରେ ଆସି ମୟୂରଭଞ୍ଜ ଜିଲ୍ଲାର କୋଭିଡ ପରିଚାଳନା କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲାର କୋଭିଡ ପରିଚାଳନା ସଂପର୍କୀତ ଅନୁଷ୍ଠିତ ଏକ ଜିଲ୍ଲା ସ୍ତରୀୟ ବୈଠକରେ ଅଧକ୍ଷତା କରି ସଂପ୍ରତି କୋରନା ଦ୍ୱିତୀୟ ଲହର ସଂକ୍ରମଣର ମୁକବିଲା ପାଇଁ ପ୍ରଶାସନିକ ସ୍ତରୀୟ ଗ୍ରହଣ କରାଯାଇଥିବା ସତର୍କତାମୂଳକ ତଥା ପରିଚାଳନା ଉପରେ ଆଲୋଚନା ମୂଳକ ସମୀକ୍ଷା କରିଛନ୍ତି । ଉକ୍ତ ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ୍, ଭା.ପ୍ର.ସେ. ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି ପ୍ରକାଶ ଚନ୍ଦ୍ର ବେହେରା, ଡିଆର୍‌ଡିଏ ପିଡି ଭବେଶ କୁମାର ନାୟକ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ସଂପୃକ୍ତ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ମାନେ ଯୋଗଦେଇ ଆଲୋଚନା ଓ ସମୀକ୍ଷାରେ ସଂକ୍ରୀୟ ଅଂଶଗ୍ରହଣ କରିଥିଲେ। ବୈଠକରେ ବିଶେଷ କରି



କ୍ଲଷ୍ଟର ସ୍ତରୀୟ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର(ଟିଏମ୍‌ସି), କୋଭିଡ କେୟାର କେନ୍ଦ୍ର / କୋଭିଡ ହସପିଟାଲ, ଆମ୍ବୁଲାନ୍ସ ସେବା, ଟୀକା କରଣ ବ୍ୟବସ୍ଥା ଆଦି ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଆଲୋଚନା ମୂଳକ ସମୀକ୍ଷା କରିବା ସହିତ ଜନସାଧାରଣଙ୍କୁ ସର୍ତକ ସଚେତନତା ଦିଗରେ ବିହୀତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟକ୍ରମ ସୁପରିଚାଳନା ଦିଗରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ଗୁରୁତ୍ୱରୋପ କରିଥିଲେ । ସମୀକ୍ଷା ବୈଠକରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀବିନୀତ ଭରଦ୍ୱାଜ ଭାପ୍ରସେ, ଜିଲ୍ଲାରେ କୋଭିଡ ଦ୍ୱିତୀୟ ଲହର ସଂକ୍ରମଣର ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ଗ୍ରହଣ କରାଯାଇଥିବା ସତର୍କତାମୂଳକ ପଦକ୍ଷେପ ତଥା ଆନୁସଙ୍ଗିକ ପ୍ରସ୍ତୁତି ଓ ପରିଚାଳନା କାର୍ଯ୍ୟକ୍ରମ ସଂପର୍କରେ ବିଶେଷ କରି କ୍ଲଷ୍ଟର ସ୍ତରୀୟ ୪୮ ଟିଏମସି / ୫ଟି କୋଭିଡ କେୟାର କେନ୍ଦ୍ର / କୋଭିଡ ହସପିଟାଲ କାର୍ଯ୍ୟକ୍ଷମ କରାଯାଇ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସହିତ ବିଶେଷ କରି କୋଭିଡ ଲକ୍ଷ୍ୟଣ ଯୁକ୍ତ ବ୍ୟକ୍ତିମାନଙ୍କ ସାମ୍ପୁଲ ସଂଗ୍ରହ ଓ ନମୂନା ପରୀକ୍ଷା ପାଇଁ ଆଣ୍ଟିଜେନ / ଆରଟିପିସିଆଲ ପରୀକ୍ଷା କାର୍ଯ୍ୟକ୍ରମକୁ ସିର୍ଭିଲିଆନ / ଆର୍‌ଆର୍ ଟମ୍ ଦ୍ୱାରା ତ୍ୱରୀତ ପଦକ୍ଷେପ ଗ୍ରହଣ କରିବା ସହିତ କୋଭିଡ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ଜରୁରୀ ଚିକିତ୍ସା ବ୍ୟବସ୍ଥାରେ ଆଇସିୟୁ / ଭେଣ୍ଟିଲେଟର ଓ ଅକ୍ସିଜେନ ସୁବିଧା ଆଦି ଆନୁସଙ୍ଗିକ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଇ ସଂପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ତତ୍ୱାବଧାନରେ କାର୍ଯ୍ୟ ପରିଚାଳନା କରାଯାଉଥିବା ସୁଚାଇଥିଲେ । ଏଥିସହିତ ସମସ୍ତ ବ୍ଲକ ଅଂଚଳ ସିଏଚ୍‌ସି ସ୍ତରରେ ସତନ୍ତ୍ର ଟିମ୍ ଦ୍ୱା କୋଭିଡ୍ ଲକ୍ଷଣ ବ୍ୟକ୍ତ ମାନଙ୍କ ସାମ୍ପୁଲ୍ ସଂଗ୍ରହ କରାଯାଇ ପିଆର୍‌ଏମ୍ ମେଡିକାଲ୍ କଲେଜ ଠାରେ ସତନ୍ତ୍ର ଭାବେ କାର୍ଯ୍ୟକ୍ଷମ କରାଯାଇଥିବା ଲାବ୍ରଟେରୀରେ ଆଣ୍ଟିଜେନ୍ ଆରଟିପିସିଆଲ ପଦ୍ଧତିରେ ଦୈନିକ ୩ଟି ସିଫ୍ଟରେ ୬ ଶହ ନମୁନା ପରୀକ୍ଷା କରାଯିବାର ବ୍ୟବସ୍ଥା ତ୍ୱରାନିତ କରାଯାଉଥିବାବେଳେ ଆକ୍ରାନ୍ତ ରୋଗୀ ମାନଙ୍କୁ ଚିକିତ୍ସା ସୁବିଧା ଉପଯୋଗ ପାଇଁ କୋଭିଡ୍ କେଆର ହସ୍ପିଟାଲ୍‌ର ଶର୍ଯ୍ୟା ସଂଖ୍ୟା ମଧ ବୃଦ୍ଧି କରାଯିବା ସହିତ ୪୦ ଆଇସିୟୁ ବେଡ୍, ୩୦ଟି ଭେଣ୍ଟିଲେଟର୍ ସୁବିଧା କରାଯାଇଛି। ଏବଂ ଖୁବ୍ ଶୀଘ୍ର ପିଆର୍‌ଏମ୍ ମେଡିକାଲ୍ ହସପିଟାଲ୍‌ରେ ଅଧିକ ୩୦ ଆଇସିୟୁ ଶର୍ଯ୍ୟା ସଂଖ୍ୟା ପ୍ରସ୍ତୁତି କରାଯାଉଥିବା ବୈଠକରେ ଜିଲ୍ଲାପାଳ ସୂଚାଇଥିଲେ। ଏଥି ସହିତ କୋଭିଡ୍ ସଂକ୍ରମିତ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାରେ କୋଭିଡ୍ କେୟାର କେନ୍ଦ୍ର / ସିସିଏଚ୍ ହସ୍ପିଟାଲ୍ ବେଡ୍ ସଂଖ୍ୟା ମଧ ୨୮ ଶହ ପ୍ରସ୍ତୁତି ରଖାଯାଇଥିବାବେଳେ ୮୧୫ ଅକ୍ସିଜେନ୍ ସିଲିଣ୍ଡର ଉପଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିତ୍ ପି. ପରମାର୍ ଭା.ପୁ.ସେ. ଯୋଗ ଦେଇ ଜିଲ୍ଲାର ବିଶେଷ କରି ସୀମାନ୍ତ ଅଂଚଳରେ ୫ଟି ମୁଖ୍ୟ ପ୍ରବେଶ ପଥ ଏବଂ ଅନ୍ୟାନ୍ୟ ୩୪ ଟି ବିଭିନ୍ନ ସ୍ଥାନରେ ବିଶେଷ କରି ପଶ୍ଚିମବଙ୍ଗରୁ ଆସୁଥିବା / ଫେରୁଥିବା ବ୍ୟକ୍ତି ମାନଙ୍କୁ ସଂପୃକ୍ତ ଥାନା ପୋଲିସ ଅଧିକାରୀଙ୍କ ତତ୍ୱାବଧାନରେ ଦୈନନ୍ଦିନ ଯାଂଚ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଥିବା ପ୍ରକାଶ କରିଥିଲେ।

# ୫ବର୍ଷ ପରେ ବି ସରୁନି ଅଙ୍ଗନୱାଡ଼ି ଗୃହ ନିର୍ମାଣ

**ଭଦ୍ରକ :** ବନ୍ତ ବ୍ଲକର ୨୫ ଟି ପଂଚାୟତରେ ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି । ୨୫ଟି ପଂଚାୟତକୁ ୧୧ଟି ସେକ୍ଟରରେ ଭାଗ କରାଯାଇଛି । ତନ୍ମଧ୍ୟରୁ କାଦବରାଙ୍ଗ ସେକ୍ଟର ଅନ୍ୟତମ । ଏହି ସେକ୍ଟର କାଦବରାଙ୍ଗ, ଓଡ଼ଙ୍ଗ ଓ ବଡ଼ବର୍ଚ୍ଛିକୟାଁ ପଂଚାୟତକୁ ନେଇ ଗଠିତ । ଜନସୂଚନା ଅଧିକାର ଆଇନ ବଳରେ ହସ୍ତଗତ ତଥ୍ୟ ଅନୁଯାୟୀ ଉକ୍ତ ସେକ୍ଟର ଅଧିନରେ ୨୬ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଅନ୍ତର୍ଭୁକ୍ତ । ତନ୍ମଧ୍ୟରୁ ଓଡ଼ଙ୍ଗ ପଂଚାୟତ ଅନ୍ତର୍ଗତ ବୋଡ଼କମୋହାଜିବ ଅନ୍ୟତମ । ୨୦୧୬-୧୭ ଆର୍ଥିକ ବର୍ଷରେ ଏମଜିଏନଆରଇଜିଏସ ଯୋଜନାରେ ମଂଜୁର ଅର୍ଥରେ ଏଠାରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା କିନ୍ତୁ ଇତି ମଧ୍ୟରେ ଗୃହ ନିର୍ମାଣକୁ ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ ଓ ସଂପୃକ୍ତ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏହା ସଂପୂର୍ଣ୍ଣ ହୋଇପାରୁ ନଥିବା ଜଣାପଡ଼ିଛି । ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକର ଗୃହ ନିର୍ମାଣ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଅର୍ଥ ମଂଜୁର ହେଉଥିଲେ ସୁଦ୍ଧା ଗୃହ ଗୁଡ଼ିକ ନିର୍ଦ୍ଧାରୀତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ପାରୁନଥିବାରୁ ଏହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ମହିଳା ଓ ଶିଶୁଙ୍କର ସର୍ବାଙ୍ଗୀନ ଉନ୍ନତିକୁ ଲକ୍ଷ୍ୟରେ ସରକାର ଅଙ୍ଗନୱାଡ଼ି କେନ୍ଦ୍ରମାନ ପ୍ରତିଷ୍ଠା କରିଥିଲେ । ମାତ୍ର ବାସ୍ତବ କ୍ଷେତ୍ରରେ ଏହାର ସଫଳ ରୂପାୟନ ହୋଇ ପାରୁ ନଥିବା ଦେଖିବାକୁ ମିଳିଛି। ନିଜସ୍ୱ ଗୃହ ନଥିବାରୁ ବର୍ତ୍ତମାନ ବୋଡ଼କମୋହାଜିବ ସ୍କୁଲର ଏକ କୋଠରୀରେ ଏହି କେନ୍ଦ୍ର ଚାଲିଛି। ଉକ୍ତ ଗୃହରେ କେନ୍ଦ୍ରର ଅନ୍ୟ କାର୍ଯ୍ୟସହ ରୋଷେଇ କାର୍ଯ୍ୟ ମଧ ସଂପାଦନା ମଧ୍ୟ ହେଉଛି । ତେଣୁ ବିଭାଗୀୟ ଅଧିକାରୀ ଏହି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରିବାକୁ ଅଭିଭାବକଙ୍କ ମହଲରେ ଦାବି ହୋଇଛି।

ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଚିଠି


## କେନ୍ଦ୍ରୀୟ ବଳ ପାଉଣା ସମ୍ପୂର୍ଣ୍ଣ ଛାଡ଼ ହେଉ



**ଭୁବନେଶ୍ୱର :** କେନ୍ଦ୍ରୀୟ ବାହିନୀ ନିୟୋଜନ ବାବଦ ଖର୍ଚ୍ଚ ଛାଡ଼ ଦାବି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସିଏପିଏଫ୍ ଯବାନ ମୁତୟନ ବାବଦକୁ ଓଡ଼ିଶା ଠାରୁ ୪୫୬୧.୨୧ କୋଟି ଖର୍ଚ୍ଚ ଦାବି କରିଛି କେନ୍ଦ୍ର। ଦେଶ ପାଇଁ ମାଓ କାର୍ଯ୍ୟକଳାପ ଏକ ବଡ଼ ସମସ୍ୟା ହୋଇଥିବାବେଳେ ମାଓ ପ୍ରବଣ ରାଜ୍ୟରେ କେନ୍ଦ୍ର ସରକାର ସିଏପିଏଫ ଯବାନ ମୁତୟନ କରିଥାନ୍ତି। ତେବେ ଏହା ଏକ ଜାତୀୟ ପ୍ରସଙ୍ଗ ଓ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟାପାର କହି ଏଥିରେ ଅର୍ଥ ଛାଡ କରିବାକୁ ଦାବି କରିଛି ଓଡ଼ିଶା। ଓଡ଼ିଶାର ଯୁକ୍ତି ହେଲା, ଉଭୟ କେନ୍ଦ୍ର ଓ ରାଜ୍ୟମାନେ ମିଳିତ ଭାବେ ମାଓ ମୁକାବିଲା କରୁଛନ୍ତି। ଓଡ଼ିଶା ସରକାର ସୀମିତ ସମ୍ବଳରେ ସୁରକ୍ଷା ବାହିନୀ ନିୟୋଜିତ କରୁଛନ୍ତି। ମାଓ କାର୍ଯ୍ୟକଳାପ ରୋକିବାକୁ ୧୨ଟି ବାଟାଲିୟନ ପ୍ରତିଷ୍ଠା ହୋଇଛି। ପୋଲିସ କ୍ୟାଡରରେ ୩୦ ହଜାର ପଦବୀ ସୃଷ୍ଟି କରାଯାଇଛି। ମାଓ ମୁକାବିଲା ପାଇଁ ସୁରକ୍ଷାବଳକୁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି। କେନ୍ଦ୍ରୀୟ ବାହିନୀ ମୁତୟନରେ ଓଡ଼ିଶା ସମସ୍ୟାକୁ କେନ୍ଦ୍ର ସମ୍ମାନ ଦେଇ ଗୃହ ବିଭାଗ ପକ୍ଷରୁ ଦାବି ଅର୍ଥର ପୁନର୍ବିଚାର କରିବାକୁ କୁହାଯାଇଛି। ୨୦୧୫ରେ ଓଡ଼ିଶା ଏ ବାବଦରେ କେନ୍ଦ୍ରକୁ ଚିଠି ଲେଖିଥିଲା। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମଧ୍ୟ ଏହାର ଉତ୍ତରରେ କହିଥିଲେ ଯେ କେନ୍ଦ୍ରର ପ୍ରଚଳିତ ନୀତିରେ ଏନେଇ କେଣସି ବ୍ୟବସ୍ଥା ନାହିଁ। କିଛି ସ୍ୱତନ୍ତ୍ର ମାନ୍ୟତା ପ୍ରାପ୍ତ ରାଜ୍ୟକୁ ଛାଡ଼ି ଅନ୍ୟମାନେ ଏହି ଭାର ବହନ କରନ୍ତି। ଦେଶର ସମ୍ବଳ ଅଭାବରୁ ଅନ୍ୟ ରାଜ୍ୟ ମାନଙ୍କୁ ଏହି ଖର୍ଚ୍ଚ ଛାଡ଼ କରିବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ୨୦୧୫ରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଉତ୍ତର ଦେଇଥିଲା। ଯାହାର ପୁନର୍ବିଚାର କରିବାକୁ ପୁଣି ମୁଖ୍ୟମନ୍ତ୍ରୀ ଚିଠି ଲେଖିଛନ୍ତି।

## ସତର୍କ ନହେଲେ ତଥ୍ୟ ଚୋରି

**ଭୁବନେଶ୍ୱର, (ଆକାଶ ମିଶ୍ର) :** ଦିନକୁ ଦିନ ସାଇବର ଅପରାଧୀମାନେ ନୂଆ ନୂଆ ଉପାୟରେ ଅପରାଧ ଘଟାଇ ଚାଲିଥିଲା ବେଳେ ଗତ କିଛିଦିନ ହେଲା ହ୍ୱାଟ୍ସ୍ଆପ୍‌ରେ ଏକ ବାର୍ତ୍ତା ବହୁଳ ଭାବେ ପ୍ରସାରିତ ହେଉଛି। ସେଥିରେ ଏକ ଲିଙ୍କ୍ ରହିଛି, ଯେଉଁ ଲିଙ୍କ୍ ଉପରେ କ୍ଲିକ୍ କଲେ ହ୍ୱାଟ୍ସ୍ଆପ୍‌ର ଆଇକନ ଗ୍ରୀନ୍‌ରୁ ପିଙ୍କ୍‌କୁ ପରିବର୍ତ୍ତନ ହୋଇଯିବା ସହିତ କିଛି ଅଧିକ ଫିଚର ମଧ୍ୟ ସଂଯୋଗ ହେବ ବୋଲି ଉଲ୍ଲେଖ ରହିଛି। ତେବେ ସୂଚନା ଅନୁସାରେ ଏହି ଲିଙ୍କ୍‌ରେ ଅନେକ ଲୋକ କ୍ଲିକ୍ କରିସାରିଛନ୍ତି। ଆଗକୁ ମଧ୍ୟ ଆହୁରି ଅଧିକ ଲୋକ ଏହି ଲିଙ୍କ୍ ଉପରେ କ୍ଲିକ୍ କରିବାର ସମ୍ଭାବନା ମଧ୍ୟ ରହିଛି। ତେବେ ଜାଣିନିଅନ୍ତୁ ଯେ, ଏହି ଲିଙ୍କ୍ ଉପରେ କ୍ଲିକ୍ କଲେ, ତାହା ଆପଣଙ୍କ ପାଇଁ ଯଥେଷ୍ଟ କ୍ଷତିକାରକ ହେବ। କାରଣ ଆପଣଙ୍କ ଗୋପନୀୟତା ତଥ୍ୟ ଚୋରିହେବା ସହିତ ଆପଣ ବ୍ୟବହାର କରୁଥିବା ମୋବାଇଲ ମଧ୍ୟ ହ୍ୟାକ୍ ହୋଇଯିବ।




ଏଥିସହ ବ୍ୟକ୍ତିଗତ ତଥ୍ୟ ମଧ୍ୟ ଚୋରି ହୋଇପାରେ। ସେ ଲିଙ୍କ୍‌ରେ ଏକପ୍ରକାର ଭାଇରସ ରହିଛି ଯାହାକୁ ମାଲୱେର ବୋଲି କୁହାଯାଏ। ଏହି ଭାଇରସ ଆପଣଙ୍କ ମୋବାଇଲର ଡାଟା, ପ୍ରାଇଭେସି, କଣ୍ଟାକ୍ଟ ଡିଟେଲ୍ସ, ଲୋକେସନ, ଆକାଉଣ୍ଟ ଡିଟେଲ୍ସ, କଲ ଲଗ, ଆପ୍ ଆକ୍ଟିଭିଟିଜ୍, ଷ୍ଟୋରେଜ, ମେସେଜ ସବୁକୁ ଆସେସ କରିପାରିବ। ତା'ଛଡା ଆପଣଙ୍କ ମୋବାଇଲ ମଧ୍ୟ ହ୍ୟାକ୍ କରାଯାଇ ତଥ୍ୟର ଦୁରୁପଯୋଗ କରାଯାଇପାରିବ। ନିକଟରେ ରାଜଧାନୀ ଭୁବନେଶ୍ୱରରେ ଜଣେ ମହିଳା ଏହି ଲିଙ୍କ୍ ଉପରେ କ୍ଲିକ୍ କରି ପାଖାପାଖି ୨ଲକ୍ଷ ଟଙ୍କା ହରାଇଛନ୍ତି। ଉଲ୍ଲେଖଯୋଗ୍ୟ, ମୋବାଇଲରେ ପ୍ରଥମେ ଏକ ଲିଙ୍କ୍ ଆସିବ। ସେ ଲିଙ୍କ୍‌ରେ କ୍ଲିକ୍ କଲେ ଗୋଟେ ଏପିକେ ଫାଇଲ ଡାଉନ୍‌ଲୋଡ କରିବା ପାଇଁ କୁହାଯିବ। ଏହାକୁ ଡାଉନ୍‌ଲୋଡ କରିବା ପରେ ସେଟିଂକୁ ଗଲେ ଆସେସ ମିଳିବ। ତେବେ ଏନେଇ ସାଇବର ସିକ୍ୟୁରିଟ୍ ଏକ୍ସପୋର୍ଟଙ୍କ ମତ ଅନୁସାରେ ଯଦି କେହି ଏପରି ଲିଙ୍କ୍‌ରେ କ୍ଲିକ୍ କରନ୍ତି ତେବେ ପ୍ରଥମେ ମୋବାଇଲର ଇଣ୍ଟରନେଟ୍ ଅଫ୍ କରନ୍ତୁ। ମୋବାଇଲ ସେଟିଂକୁ ଯାଇ ଆପ୍ ମ୍ୟାନେଜମେଣ୍ଟରୁ ହ୍ୱାଟ୍ସ୍ଆପ୍ ପିଙ୍କ୍‌କୁ ଡିଲିଟ୍ କରନ୍ତୁ। ସବୁବେଳେ ମୋବାଇଲ ଅପଡେଟ୍ ରଖିବା ସହ ଟୁ ଫ୍ୟାକ୍ଟ ଅଥରାଇଜେସନ ଆକ୍ଟିଭ୍ କରି ରଖନ୍ତୁ। ସ୍କାମ୍ ଲିଙ୍କ୍ ଉପରେ କେବେ ମଧ୍ୟ କ୍ଲିକ୍ କରନ୍ତୁ ନାହିଁ ଏବଂ ଥାର୍ଡ ପାର୍ଟି ଆପ୍ ଏପିକେ ଫାଇଲ୍‌କୁ ମୋବାଇଲ୍‌ରେ ଇନ୍‌ଷ୍ଟଲ କରନ୍ତୁ ନାହିଁ। ଏହାସତ୍ତ୍ୱେ ଯଦି କିଛି ସମସ୍ୟା ହୁଏ ସାଇବର ସିକ୍ୟୁରିଟ୍ ଏକ୍ସପର୍ଟଙ୍କ ସହଯୋଗ ନିଅନ୍ତୁ।

## ଦିବ୍ୟାଙ୍ଗ ଓ ଗର୍ଭବତୀ ସରକାରୀ କର୍ମଚାରୀ ଅଫିସ ଆସିବା ମନା



**ଭୁବନେଶ୍ୱର :** ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଦିବ୍ୟାଙ୍ଗ ଓ ଗର୍ଭବତୀ ସରକାରୀ କର୍ମଚାରୀମାନଙ୍କୁ ଆସନ୍ତା ମେ ମାଓ ୩୧ ପର୍ଯ୍ୟନ୍ତ ଅଫିସ ଆସିବାକୁ ବାରଣ କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସାନି ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି, ଏହି କର୍ମଚାରୀମାନେ ନିଜ ଘରୁ ଅଫିସ କାମ କରିପାରିବେ। ଯଦି କାହାରିକୁ ଅଫିସ ଆସିବା ନିହାତି ଆବଶ୍ୟକ ପଡେ, ତା'ହେଲେ ସମ୍ପୃକ୍ତ କର୍ମଚାରୀଙ୍କୁ ପୂର୍ବରୁ ସୂଚିତ କରାଯିବ। କିନ୍ତୁ ଟେଲିଫୋନ୍ ମାଧ୍ୟମରେ ଏହି କର୍ମଚାରୀମାନଙ୍କ ସହିତ ସର୍ବଦା ଯୋଗାଯୋଗ ରହିପାରିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

## ୩ ମାସ ପର୍ଯ୍ୟନ୍ତ ଭିତରକନିକା ବନ୍ଦ

**ରାଜନଗର :** ବଉଳା କୁମ୍ଭୀରର ଅନ୍ତୁଡିଶାଳ ଭାବେ ପରିଚିତ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ମେ' ପହିଲାରୁ ବନ୍ଦ ହେବ। କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଛି। ନଦୀ ନାଳମାନଙ୍କରେ ଥିବା କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେବେ। ସେମାନଙ୍କର ମିଳନପର୍ବ ଓ ଅଣ୍ଡାଦେବା ପ୍ରକ୍ରିୟାରେ ବାଧା ନଉପୁଜିବା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରଖାଯିବା ପାଇଁ ନିର୍ଦ୍ଦେଶ ଜାରୀ ହୋଇଛି। ମା କୁମ୍ଭୀର ଅଣ୍ଡା ଦେଇସାରିବା ପରେ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ସେଠାରେ ଜଗି ରହିଥାଏ। ଏହି ସମୟରେ ସେ ହିଂସ୍ର ହୋଇ ଉଠିଥାଏ। ଏହି ସମୟ ମଧ୍ୟରେ ପର୍ଯ୍ୟଟକମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନକୁ ନଆସିବା ପାଇଁ ବାରଣ କରାଯାଇଥାଏ।

ତାଳଚେର ଏମସିଏଲ୍ ହସ୍ପିଟାଲ ହେଲା କୋଭିଡ୍ ହସ୍ପିଟାଲ

## ଉପକୃତ ହେବେ କୋଭିଡ୍ ରୋଗୀ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ଅନୁଗୁଳ ଜିଲ୍ଲାରେ ବଢୁଥିବା କୋଭିଡ୍-୧୯ ମାମଲାକୁ ଦୃଷ୍ଟିରେ ରଖି ତାଳଚେର ସ୍ଥିତ ଏମସିଏଲ୍ ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲରେ କାର୍ଯ୍ୟକ୍ଷମ କରିବା ସହ ଆନୁଷଙ୍ଗିକ ବ୍ୟବସ୍ଥା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଟ୍ୱିଟ୍ ଯୋଗେ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ବର୍ତ୍ତମାନର କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ସରକାର ଦେଶରେ ସ୍ୱାସ୍ଥ୍ୟ ଭିତିଭୂମିକୁ ମଜବୁତ୍ କରିବା ଦିଗରେ ପ୍ରାଥମିକତା ଦେଉଛନ୍ତି। ଏମଏସଏଲର ଏହି ପଦକ୍ଷେପ ଦ୍ୱାରା ଅନୁଗୁଳ ଜିଲ୍ଲା ତଥା ଆଖପାଖ ଅଂଚଳର କୋଭିଡ୍ ରୋଗୀମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ। ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୦ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ପତ୍ର ଲେଖି ତାଳଚେର ସ୍ଥିତ ଏମସିଏଲ୍ ହସ୍ପିଟାଲକୁ କୋଭିଡ୍-୧୯ ହସ୍ପିଟାଲରେ କାର୍ଯ୍ୟକ୍ଷମ କରିବା ପାଇଁ ଅନୁରୋଧ କରିବା ସହ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଥିଲେ। ଦେଶରେ ଦ୍ରୁତ ଗତିରେ ବଢୁଥିବା କୋଭିଡ-୧୯ ର ମାମଲା ଗୁଡ଼ିକର ଚିକିତ୍ସା ପାଇଁ ସମସ୍ତ ଉପଲବ୍ଧ ସ୍ୱାସ୍ଥ୍ୟ ଭିତିଭୂମିକୁ ବୃଦ୍ଧି କରିବା ଆବଶ୍ୟକ। ତେଣୁ ଅନୁଗୁଳ ଜିଲ୍ଲାରେ କୋଭିଡ୍ ମାମଲା ବଢୁଥିବା ବେଳେ ଏଠାରେ ଜରୁରୀକାଳୀନ ମେଡ଼ିକାଲ ଭିତିଭୂମିକୁ କାର୍ଯ୍ୟକ୍ଷମ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଥିଲେ।

ରାଜ୍ୟ ସରକାରଙ୍କ ବଡ ନିଷ୍ପତ୍ତି

## ରାଜ୍ୟ ପକ୍ଷରୁ ଅତିରିକ୍ତ ୫ କେଜି ଚାଉଳ



**ଭୁବନେଶ୍ୱର :** କୋଭିଡ୍ ମହାମାରୀରେ ମୁଖ୍ୟମନ୍ତ୍ରୀଙ୍କ ବଡ ଘୋଷଣା। ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ ଅତିରିକ୍ତ ୫ କେଜି ଚାଉଳ ପାଇବେ। ମେ ଓ ଜୁନ୍ ଦୁଇ ମାସ ପାଇଁ ହିତାଧିକାରୀମାନେ ମାଗଣାରେ ଅତିରିକ୍ତ ପାଞ୍ଚ କେଜି ଲେଖାଏଁ ଚାଉଳ ପାଇଷବ। ଚାଉଳ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ୧୨ଲକ୍ଷ ହିତାଧିକାରୀ ଉପକୃତ ହେବେ। ରାଜ୍ୟ ସରକାର ଏ ବାବଦ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଅପରପକ୍ଷରେ ରାଜଧାନୀ ଭୁବନେଶ୍ୱର କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ସମୟରେ କରୋନା ମୁକାବିଲା ନେଇ ଭୁବନେଶ୍ୱର ମହାନଗର ନିଗମକୁ ୧୦ କୋଟି ଟଙ୍କା ଯୋଗାଇ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ଆସିଥିବା ପାଣ୍ଠିରୁ ବିଏମ୍‌ସିକୁ କୋଭିଡ୍ ପରିଚାଳନା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଛି। ପୂର୍ବରୁ କେନ୍ଦ୍ର ସରକାର ଏଭଳି ଘୋଷଣା କରିସାରିଛନ୍ତି। ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ଅଧିନରେ ଥିବା ଦେଶର ପ୍ରାୟ ୮୦ କୋଟି ହିତାଧିକାରୀଙ୍କୁ ମେ' ଓ ଜୁନ୍ ଦୁଇମାସ ପାଇଁ ଅତିରିକ୍ତ ଭାବେ ୫ କେଜି ଚାଉଳ ବା ଗହମ ଦିଆଯିବା ସମ୍ପର୍କରେ ଘୋଷଣା କରାଯାଇଥିଲା।

## ୪ ଜିଲ୍ଲା କୋର୍ଟ ଡିଜିଟାଇଜେସନ୍ କେନ୍ଦ୍ର ଉଦ୍‌ଘାଟିତ



**ଭୁବନେଶ୍ୱର :** ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡଃ. ଜଷ୍ଟିସ୍ ଏସ୍ ମୁରଲୀଧର ଓଡିଶାର ପ୍ରମୁଖ ୪ଟି ଜିଲ୍ଲା କୋର୍ଟ ଯଥା କଟକ, ଗଞ୍ଜାମ, ସମ୍ବଲପୁର ଏବଂ ବାଲେଶ୍ୱର ଜିଲ୍ଲାର 'ଜିଲ୍ଲା କୋର୍ଟ ଡିଜିଟାଇଜେସନ୍ କେନ୍ଦ୍ର'କୁ ଭର୍ଚୁଆଲ ବ୍ୟବସ୍ଥା ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଉଚ୍ଚ ନ୍ୟାୟାଳୟର ଅନ୍ୟ ବିଚାରପତିମାନେ ଭର୍ଚୁଆଲ ମାଧ୍ୟମରେ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ମାମଲାଗୁଡିକ ଫଇସଲା କରିବାରେ କେସ୍ ରେକର୍ଡଗୁଡିକ ସ୍କାନିଂ ଓ ଡିଜିଟାଇଜ୍ କରିବା ଉଦ୍ଦେଶ୍ୟରେ ଏହି ୪ଟି ଜିଲ୍ଲା କୋର୍ଟ ଡିଜିଟାଇଜେସନ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ଅବସରରେ ଉଚ୍ଚ ନ୍ୟାୟାଳୟ କମ୍ପ୍ୟୁଟର କମିଟିର ଅଧକ୍ଷ ଜଷ୍ଟିସ୍ ଶତୃଘ୍ନ ପୁଝାହାରୀ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଡିଜିଟାଇଜେସନ ଓ ଏହାର ଭବିଷ୍ୟତ ସମ୍ଭାବନାରେ ରହିଥିବା ବହୁମୂଲ୍ୟ ଅନ୍ତର୍ଦୃଷ୍ଟି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓକାକ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ସ୍କାନିଂ ଓ ଡିଜିଟାଇଜେସନ ବ୍ୟବସ୍ଥାରେ ସେ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ପରେ ପରେ ମୁଖ୍ୟ ବିଚାର ପତି ଡଃ. ମୁରଲୀଧର ସମ୍ବଲପୁର ଜିଲ୍ଲା ପାଇଁ ପ୍ରାଶାସନିକ ବିଚାରପତି ରହିଥିବା ଡଃ. ଜଷ୍ଟିସ୍ ବି.ଆର୍.ଷଡଙ୍ଗୀଙ୍କ ଉପସ୍ଥିତିରେ ସମ୍ବଲପୁର ସ୍ଥିତ ସିନିୟର ସିଭିଲ ଜଜ (ଏଲ୍.ଆର ଓ ଏଲ୍ .ଟି.ଭି.)ର ସଂପ୍ରସାରିତ କୋଠା ଏବଂ ସିନିୟର ସିଭିଲ୍ ଜଜ (କମର୍ସିଆଲ କୋର୍ଟ)କୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଲୋକାର୍ପିତ କରିଥିଲେ। ଏହା ଦ୍ୱାରା ଜିଲ୍ଲାର ଆଇନ୍‌ଜୀବୀ ଏବଂ ନ୍ୟାୟ ଅପେକ୍ଷାରେ ଥିବା ଜନସାଧାରଣ ବହୁ ଭାବେ ଉପକୃତ ହେବେ। ମୁଖ୍ୟ ବିଚାରପତି ଚଳିତ ବର୍ଷ ଜାନୁଆରୀରେ କାର୍ଯ୍ୟଭାର ଗ୍ରହଣ କରିବା ପରେ କେସ୍ ରେକର୍ଡଗୁଡିକର ସ୍କାନିଂ ଓ ଡିଜିଟାଇଜେସନ ବ୍ୟବସ୍ଥାର ନବୀକରଣକୁ ଗୁରୁତ୍ୱ ଦେଇଛନ୍ତି। ବହୁଳ ମାତ୍ରାରେ କେସ୍ ରେକର୍ଡ ଗୁଡିକର ସ୍କାନିଂ ଓ ଡିଜିଟାଇଜେସନ କାର୍ଯ୍ୟ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ପରିସରରେ ଅନେକଗୁଡିଏ ଡିଜିଟାଇଜେସନ ହବ୍ ସ୍ଥାପନ କରାଯାଇଛି। ଉଚ୍ଚ ନ୍ୟାୟାଳୟ ପରିସରରେ ଗତ ୪ ମାସରେ ଏକ ପୃଷ୍ଠା ବିଶିଷ୍ଟ ୭୧,୯.୦୨୩ ଏବଂ ୯୩,୦୬୫ଟି କେସ୍ ରେକର୍ଡକୁ ସ୍କାନିଂ କରାଯାଇଥିବା ବେଳେ ମୋଟ ୨,୨୪,୮୬,୭୧୭ ଏକକ ପୃଷ୍ଠା ଏବଂ ୨,୮୯,୨୭୨ ପୃଷ୍ଠାର କେସ୍ ରେକର୍ଡ ସ୍କାନିଂ କରାଯାଇଛି। ଜିଲ୍ଲା ଓ ସବ୍-ଅର୍ଡିନେଟ୍ କୋର୍ଟର କେସ୍ ରେକର୍ଡଗୁଡିକୁ ଡିଜିଟାଇଜ୍ କରିବା ଦୀର୍ଘ ଦିନର ଆବଶ୍ୟକତା ଥିଲା। ପର୍ଯ୍ୟାୟକ୍ରମେ ସେସବୁକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି।

ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ବିଶଲକଣା ଗାଁରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ


## ବିନା ସୂଚନା ଫଳକରେ ପ୍ରକଳ୍ପ ନିର୍ମାଣ

**ଆଗରପଡ଼ା :** ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳି ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ଯୋଗାଣ ବିଭାଗ ପକ୍ଷରୁ ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଂଚାୟତ ଅନ୍ତର୍ଗତ ବିଶଲକଣା ଗ୍ରାମରେ ନିର୍ମାଣଧିନ ପ୍ରକଳ୍ପରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସରକାର ସୂଚନା ଫଳକ ନିର୍ମାଣ ଓ ସୂଚନା ଲେଖିବା ବାଧ୍ୟତାମୂଳକ କରିଥିବା ଓ ସର୍ବସାଧାରଣରେ ସରକାର କେଉଁ ବିଭାଗରୁ ଅର୍ଥ ପ୍ରଦାନ କରିଛନ୍ତି, କେତେ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି। କାହା ନାମରେ କାର୍ଯ୍ୟଦେଶ ରହିଛି, କେଉଁ ଅଧିକାରୀ ତଦାରଖ କରୁଛନ୍ତି ଏବଂ କାର୍ଯ୍ୟାଦେଶର ଆରମ୍ଭ ଆଦି ସଂପର୍କରେ ସୂଚନା ଫଳକରେ ଲିପିବଦ୍ଧ ହେବାର ନିୟମ ରହିଥିବା ବେଳେ ବିଭାଗ ଏହି ନିୟମକୁ ଖୋଲାଖୋଲି ଉଲଂଘନ କରି ଉନ୍ନୟନ କାର୍ଯ୍ୟ କରି ଚାଲିଛନ୍ତି। ତେଣୁ ସର୍ବସାଧାରଣରେ ସୂଚନା ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟସ୍ଥଳୀ ନିକଟରେ ସୂଚନା ଫଳକ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି